



# ବିଶ୍ୱବିଦ୍ୟାଳୟ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ତ୍ରୈଅଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ – 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : /-

## ଯୋଗୀଶ୍ୱରଙ୍କ ଗ୍ରନ୍ଥାଳୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଦ୍ମା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୂତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ଲକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

## ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)




୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର - ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣିମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । - ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା, ମୁଁ - ମୋ ମା’- ମୋ ଜେଜିମା’ ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଲ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

**୧.**କଳ୍ପନା ସୁନ୍ଦରାୟ**:**7978498668, **୨.**ଏସ୍. ବିଶ୍ୱେଶ୍ୱର ରାଓ**:**9160767516.

**୩.**ତେଜସ୍ୱିନୀ ମାନସିଂହ**:**9777075446, **୪.**ଦିପ୍ତିରଞ୍ଜନ ପଣ୍ଡା **:** 7873229092.

**୫.**ଲକ୍ଷ୍ମୀଧର ପାଇକରାୟ**:**9692557801, **୬.**ଶ୍ରୀନିବାସମାନସିଂହ**:** 9040929743

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଲାଖେମୁଣ୍ଡି) : 8249683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚ୍ଚର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଚ୍ଚର ଏବଂ ପରମାତ୍ମା ସମାଚ୍ଚର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଚଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ

ପ୍ରଥମ ଦୈବଗ୍ରନ୍ଥ

ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଋଞ୍ଜଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଲବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ବିଶ୍ୱ ବିଦ୍ୟାଳୟ

ଆମେ ଛୋଟ ବୟସରେ ପ୍ରାଥମିକ ପାଠଶାଳାକୁ (Primary School)କୁ ଯାଇ ଅକ୍ଷର ଅଭ୍ୟାସ କରୁଛେ, ଅର୍ଥାତ୍ ଲେଖିବା ଶିଖୁଛେ, ତାପରେ ଉଚ୍ଚବିଦ୍ୟାଳୟକୁ (High school) ଯାଇ ସେଠାରେ କିଛି ବିଦ୍ୟା ଶିଖୁଛେ, ଉଚ୍ଚ ବିଦ୍ୟାଳୟ ପରେ କଳାଶାଳାକୁ (College) ଯାଇ ସେଠାରେ ମଧ୍ୟ ଆଉ କିଛି ଅଧିକ ଶିଖୁଛେ, ସେତିକିରେ ଅଟକି ନଯାଇ ଶେଷରେ ବିଶ୍ୱବିଦ୍ୟାଳୟକୁ (Unaiversity) ମଧ୍ୟ ଯାଇ ବିଦ୍ୟାଶିକ୍ଷା କରୁଥିବା ବିଦ୍ୟାର୍ଥୀମାନେ ଅନେକ ଅଛନ୍ତି । ପ୍ରାଥମିକ ପାଠଶାଳାରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟରେ ବିଦ୍ୟାଶିକ୍ଷା ସମ୍ପୂର୍ଣ୍ଣ କରିବାକୁ ହୋଇଥାଏ । ସବୁଠାରୁ ଛୋଟ ହୋଇଥାଏ ପ୍ରାଥମିକ ପାଠଶାଳା, ସବୁଠାରୁ ବଡ ବିଶ୍ୱବିଦ୍ୟାଳୟ । ଏବେ ଆମେ ବିଶ୍ୱବିଦ୍ୟାଳୟ ବାବଦରେ କହିବା । ସମସ୍ତେ ବିଶ୍ୱବିଦ୍ୟାଳୟକୁ ଯାଇ ବିଦ୍ୟାଶିକ୍ଷା କରିପାରନ୍ତି ନାହିଁ । ଆର୍ଥୀକ ପରିସ୍ଥିତି ସ୍ୱଚ୍ଛନ୍ଦ ଥିବା ବିଦ୍ୟାର୍ଥୀମାନେ କେବଳ ବିଶ୍ୱବିଦ୍ୟାଳୟରେ ପଢି ପାରନ୍ତି । କିଛି ବିଦ୍ୟାର୍ଥୀ ପ୍ରାଥମିକ ପାଠଶାଳାରେ ହିଁ ସେମାନଙ୍କ ବିଦ୍ୟା ଶିକ୍ଷା ସମାପ୍ତ କରିଦିଅନ୍ତି । କିଛି ବିଦ୍ୟାର୍ଥୀ ଆର୍ଥୀକ ପରିସ୍ଥିତି ଏବଂ ବିଦ୍ୟା ଶିକ୍ଷାକରିବା ଧୈର୍ଯ୍ୟକୁ ନେଇ କଳାଶାଳା ପର୍ଯ୍ୟନ୍ତ ପଢନ୍ତି । ଶେଷରେ ସମ୍ପୂର୍ଣ୍ଣ ବିଦ୍ୟାଶିକ୍ଷା କରିବାପାଇଁ ସବୁଠାରୁ ବଡ ହୋଇଥିବା ବିଶ୍ୱବିଦ୍ୟାଳୟକୁ ଯାଇ କିଛି ବିଦ୍ୟାର୍ଥୀ ବିଦ୍ୟାଶିକ୍ଷା କରିଥାନ୍ତି ।

ଏକ ପ୍ରାଥମିକ ପାଠଶାଳାକୁ ଶହେଜଣ ବିଦ୍ୟାର୍ଥୀ ଆସିଥିବା ସ୍ଥଳେ ପାଞ୍ଚବର୍ଷ ପରେ ସେମାନଙ୍କ ଭିତରୁ ମାତ୍ର ୭୫ଜଣ ବିଦ୍ୟାର୍ଥୀ ଉଚ୍ଚ ବିଦ୍ୟାଳୟକୁ ଯାଇ ପଢିଥାନ୍ତି । ଉଚ୍ଚ ବିଦ୍ୟାଳୟରେ ୫ବର୍ଷ ପାଠ ପଢି ସେମାନଙ୍କ ଭିତରୁ ୫୦ଜଣ ବିଦ୍ୟାର୍ଥୀ ସେତିକିରେ ଅଟକି ନଯାଇ କଳାଶାଳା ପର୍ଯ୍ୟନ୍ତ ଯାଇ ପଢିଥାନ୍ତି, ସେଠାରେ କିଛିଦିନ ପଢିବା ପରେ ସେହି ୫୦ଜଣରୁ କିଛି ବିଦ୍ୟାର୍ଥୀ ସେତିକିରେ ଅଟକିଯାଇ, ତାପରେ ୨୦ କିମ୍ବା ୨୫ଜଣ ବିଦ୍ୟାର୍ଥୀ ବିଶ୍ୱବିଦ୍ୟାଳୟକୁ ଯାଇ ପଢିଥାନ୍ତି, ସେହି

୨୫ଜଣ ବିଦ୍ୟାର୍ଥୀ ବିଶ୍ୱବିଦ୍ୟାଳୟକୁ ଯାଇ ପାଠପଢିଲେ ମଧ୍ୟ, ସେମାନଙ୍କ ଭିତରୁ ମାତ୍ର ୫ଜଣ ବିଦ୍ୟାର୍ଥୀ ପ୍ରତିଭାବାନ ହୋଇପାରିଥାନ୍ତି । ଅନ୍ୟମାନେ ପ୍ରତିଭାବାନ ହୋଇ ନପାରିଲେ ମଧ୍ୟ ପଢିଥାନ୍ତି । ଏଭଳି ବିଶ୍ୱବିଦ୍ୟାଳୟରେ ୨୫ଜଣ ବିଦ୍ୟାର୍ଥୀ ପଢିଲେ ମଧ୍ୟ, ସେମାନଙ୍କ ଭିତରୁ ୫ଜଣ ଭଲ ପାଠପଢି ପ୍ରତିଭାବାନ ହେଲେ ମଧ୍ୟ, ସେମାନଙ୍କ ଭିତରୁ ୫ଜଣ ଭଲ ପଢୁନଥିଲେ ମଧ୍ୟ, ବଳକା ୧୫ଜଣ ବିଦ୍ୟାର୍ଥୀ ମଧ୍ୟମ ଧରଣର ବିଦ୍ୟାର୍ଥୀ ହୋଇ ପଢିଥାନ୍ତି । ବିଶ୍ୱବିଦ୍ୟାଳୟରେ ପଢୁଥିବା ସମସ୍ତେ ଯେ, ଭଲ ମାର୍କ ରଖିବେ ବିଶ୍ୱାସ କରାଯାଇପାରେ ନାହିଁ; ତଥାପି ସମସ୍ତଙ୍କୁ ବିଶ୍ୱବିଦ୍ୟାଳୟର ଛାତ୍ର ବୋଲି କୁହାଯାଏ ।

ଆଜି ବାହ୍ୟତଃ ଦେଖାଯାଉଥିବା ବିଦ୍ୟା ବ୍ୟବସ୍ଥା ବାବଦରେ କହିବାକୁଗଲେ ତାହା ଏଇଭଳି ଅଛି ବୋଲି କହିବାକୁ ପଡେ । ପ୍ରଥମେ ବିଦ୍ୟା ବାବଦରେ କହିଲେ ବିଦ୍ୟା ଦୁଇପ୍ରକାରର । ପ୍ରାଥମିକ ପାଠଶାଳାରୁ ଉଚ୍ଚ ବିଦ୍ୟାଳୟ, କଳାଶାଳା ଏବଂ ବିଶ୍ୱବିଦ୍ୟାଳୟରେ ଏକ ପ୍ରକାରର ବିଦ୍ୟା ଶିକ୍ଷା ଦିଆଯାଇଥାଏ । ବିଦ୍ୟା ଦୁଇଟି ଭିତରୁ ଗୋଟିଏ ପ୍ରପଞ୍ଚ ସମ୍ବନ୍ଧୀୟ ବିଦ୍ୟା ହୋଇଥିବା ସ୍ଥଳେ ଅନ୍ୟଟି ଦୈବିକ ବିଦ୍ୟା ବୋଲି କହିପାରିବା । ଏହାକୁ ପ୍ରକୃତିବିଦ୍ୟା, ପରମାତ୍ମାବିଦ୍ୟା କହିଥାନ୍ତି । ଯାହାକୁ ପ୍ରପଞ୍ଚବିଦ୍ୟା ବା ପ୍ରକୃତି ବିଦ୍ୟା କୁହାଯାଏ ତାହାକୁ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ (Unaiversity) ପର୍ଯ୍ୟନ୍ତ ଶିକ୍ଷା କରାଯାଇଥାଏ । ଏହି ବିଦ୍ୟାଳୟରେ ବୋଧ କରାଯାଉଥିବା ବିଦ୍ୟା ଭୌତିକ ସମ୍ବନ୍ଧୀୟ ବ୍ୟବହାର ଶିଖାଇଥାଏ, ବିଜ୍ଞାନରେ ଉନ୍ନତି ଆଣି ଉନ୍ନତ ରୀତିରେ ବଞ୍ଚିବାପାଇଁ ବାଟ ଦେଖାଇଥାଏ । କୌଣସି ଭୌତିକ ବିଦ୍ୟା ହେଲେ ମଧ୍ୟ ତାହା ମଣିଷ ବଞ୍ଚିବା ନିମନ୍ତେ ଉପଯୋଗୀ ହୋଇଥାଏ । ସେଥିଲାଗି "ଦଇବ ଦେଇଛି ପେଟ, ତା ପାଇଁ କୋଟିଏ ପାଠ" ବୋଲି କେହି କେହି କହିଥାନ୍ତି ।

**"ଦଇବ ଦେଇଛି ପେଟ, ତା'ପାଇଁ କୋଟିଏ ପାଠ"** ବୋଲି ଯେଉଁମାନେ କହନ୍ତି ସେମାନେ "ମୁକତି ପାଇଁ ତିନି ବାଟ" ଅଛି ବୋଲି ମଧ୍ୟ କହିଥାନ୍ତି । 'ପେଟ ପାଇଁ ନାନା ନାଟ' ବୋଲି, କୋଟିଏ ପାଠ ଅଛି ବୋଲି କେହି କେହି କହୁଥିବା ସମସ୍ତେ ପ୍ରାୟ ଶୁଣିଥିବେ, ହେଲେ 'ମୁକତି ପାଇଁ ତିନି ବାଟ' ଅଛି ବାକ୍ୟଟି ବହୁଶା କେହି କହନ୍ତି ନାହିଁ ବୋଲି ମୁଁ ଭାବୁଛି । ଆମେ ଏପର୍ଯ୍ୟନ୍ତ କହିଆସିଥିବା ଦୁଇବିଦ୍ୟା ବିଷୟରୁ ଦ୍ୱିତୀୟ ବିଦ୍ୟା ହୋଇଥିବା ପରମାତ୍ମା ବିଦ୍ୟାକୁ ଉଦ୍ଦେଶ୍ୟ କରି କୁହାଯାଇଥିବା କଥା ହେଉଛି 'ମୁକତି ପାଇଁ ତିନି ବାଟ' । ଆମକୁ ଜଣାଥିବା ପ୍ରପଞ୍ଚ (ଭୌତିକ) ସମ୍ବନ୍ଧୀୟ ବିଦ୍ୟାଗୁଡିକ ବିଭିନ୍ନ ପ୍ରକାରର । ପ୍ରାଥମିକ ବିଦ୍ୟା ଅଭ୍ୟାସରେ ଅକ୍ଷର ଶିଖିବାକୁ ହୁଏ, ଲେଖା ଶିଖିବାକୁ ହୁଏ । ଉଚ୍ଚ ବିଦ୍ୟାଳୟରେ ଭାଷା ଏବଂ ତାର ବିବରଣୀ ପଢିବା ସହିତ ସାମାନ୍ୟ ଏବଂ ସାଂଘିକ ବିଦ୍ୟା ପଢିବାକୁ ହୋଇଥାଏ । ତାପରେ କଳାଶାଳାରେ ଗଣିତ, ରାସାୟନିକ, ଖଗୋଳ, ଭୌତିକ ଇତ୍ୟାଦି ଶାସ୍ତ୍ର ବାବଦରେ ପଢିବାକୁ ହୁଏ । ଏହିଭଳି ଉପରକୁ ଉପରକୁ ବିଦ୍ୟା ଯେମିତି ବଢିଥାଏ ସେମିତି ବିଦ୍ୟାର ବିଭାଜନ ମଧ୍ୟ ହୋଇଯାଇଥାଏ । ଏହିଭଳି ଆଗକୁ ଆଗକୁ ପଢିଲେ ଇଞ୍ଜିନିୟର ବିଦ୍ୟାରେ ଅନେକ ଶାଖା ଦେଖିବାକୁ ମିଳେ, ଡାକ୍ତରି ବିଦ୍ୟାରେ ଅନେକ ଶାଖା ଦେଖିବାକୁ ମିଳେ, ସାଇନ୍ସରେ ଅନେକ ଶାଖା ଦେଖିବାକୁ ମିଳେ ଏହିଭଳି ବିଦ୍ୟା ଶେଷରେ ଅନେକ ଭାଗରେ ବିଭାଜିତ ହୋଇଯାଇଥାଏ, ଏସବୁ ମଣିଷ ବଞ୍ଚିବା ନିମନ୍ତେ ରହିଛି ବୋଲି କହିପାରିବା । ତେଣୁ କେତେକ ସୂତ୍ରପ୍ରାୟ 'ପେଟପାଇଁ ନାନା ନାଟ' କହିଥାନ୍ତି । ଏହା ବାସ୍ତବକଥା ଯେ, ପେଟ ପାଇଁ ବା ବଞ୍ଚିବାପାଇଁ ନାନା ବିଦ୍ୟା ଶିଖିବାକୁ ପଡିଥାଏ । ମଣିଷ ବଞ୍ଚିବାପାଇଁ ନାନା ବ୍ୟାକୁଳ ଚେଷ୍ଟା କରିଥାଏ । ମଣିଷ ବ୍ୟାକୁଳ ହେଉଛି କି ନାହିଁ ତାକୁ ଜଣାଥାଉ ବା ନଥାଉ, ବାସ୍ତବରେ ସମସ୍ତେ ପେଟପାଇଁ ନାନା ନାଟ କରିଥାନ୍ତି । ପ୍ରତ୍ୟେକ ମଣିଷ ପ୍ରାପଞ୍ଚିକ ବିଦ୍ୟା ଦ୍ୱାରା ନାଟକରି ଯାହା ଅର୍ଜନ କରୁଛି ସେଇଥିରେ ହିଁ ଜୀବନ ବଞ୍ଚୁଛି ।

**ପ୍ରଶ୍ନ:- ଈଶ୍ୱର ହିଁ ପ୍ରତ୍ୟେକ ମଣିଷକୁ ସୃଷ୍ଟି କରିଛନ୍ତି, ସେହିଭଳି ପ୍ରତ୍ୟେକ ମଣିଷକୁ ସେ ହିଁ ପୋଷୁଛନ୍ତି ବୋଲି ଆପଣ କହୁଛନ୍ତି । ପୁଣି ଯିଏ ଯେଉଁ ବିଦ୍ୟା ଶିଖୁଛି ସେହି ବିଦ୍ୟା ଦ୍ୱାରା ସେ ବଞ୍ଚୁଛି ବୋଲି ଏବେ କହୁଛନ୍ତି । ବାସ୍ତବରେ ଈଶ୍ୱର ବା ପରମେଶ୍ୱର ପୋଷୁଛନ୍ତି ? କି ମଣିଷ ନିଜେ ନିଜେ ପୋଷି ହେଉଛି ? ବୋଲି ଏକ ପ୍ରଶ୍ନ ମୋଠାରେ ଆସୁଛି । ଆପଣ ଦୁଇ ପ୍ରକାରର କହି ଆମକୁ ଦ୍ୱନ୍ଦରେ ପକାଇ ଦେଉଛନ୍ତି, ବାସ୍ତବରେ ଯାହା ବାସ୍ତବ କଥା ତାହା କହନ୍ତୁ ।**

**ଉତ୍ତର:-** ଭଗବଦ୍ଗୀତାର କର୍ମଯୋଗର ଏକ ସନ୍ଦର୍ଭରେ ଅର୍ଜୁନ ପ୍ରଥମେ କର୍ମଯୋଗ, ବ୍ରହ୍ମଯୋଗ ବାବଦରେ ଏଇଭଳି ପଚାରି 'ଏହି ଦୁଇଟି ଭିତରୁ ସନ୍ଦେହହୀନ ଭାବରେ ଗୋଟିଏ କଥା କହ' ବୋଲି ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ । ତୁ ଏବେ ମୋତେ ସେହିଭଳି ପଚାରୁଛୁ । ଦୁନିଆରେ ଭାବ ଦୁଇଗୋଟି ରହିଥାଏ । ମଣିଷ ତାର ଭାବ ଅନୁସାରେ ସେ ସ୍ୱୟଂ ବଞ୍ଚୁଛି ବୋଲି ହିସାବ ହୋଇଥାଏ । ସେହିଭଳି ତାର ଭାବ ଅନୁସାରେ ଈଶ୍ୱରଙ୍କ ଦ୍ୱାରା ସେ ମଧ୍ୟ ପୋଷିତ ହୋଇଥାଏ ବୋଲି ହିସାବ ହୋଇଥାଏ । ଆଧ୍ୟାତ୍ମିକ ବିଦ୍ୟାରେ ମଣିଷର ଭାବ ଅନୁସାରେ କୁହାଯାଇଥାଏ । ଈଶ୍ୱର ହିଁ ସମସ୍ତଙ୍କର ପୋଷଣ କରୁଥିଲେ ମଧ୍ୟ 'କର୍ମସିଦ୍ଧାନ୍ତ' ଅନୁସାରେ ମଣିଷର ଭାବକୁ ଦୁଇ ପ୍ରକାରର କହିପାରିବା । କୌଣସି ଜ୍ଞାନ ଜଣା ନଥିବା ଲୋକମାନେ ସେମାନଙ୍କ ଜ୍ଞାନ ଦ୍ୱାରା ସବୁ ଆମେ କରୁଛୁ ଭାବିବା ଦ୍ୱାରା ବାସ୍ତବରେ ସବୁ ଈଶ୍ୱର କରୁଥିଲେ ମଧ୍ୟ, ତାହା ହିସାବକୁ ନଆଣି, ମଣିଷ କହିବା ଭଳି ହିସାବ କରି ତାର ଫଳ ହୋଇଥିବା କର୍ମକୁ ଆପଣାର କରୁଛି, କିନ୍ତୁ ଆଧ୍ୟାତ୍ମିକରେ ଏହା ଈଶ୍ୱର ନିର୍ଣ୍ଣୟ କରିଥିବା ପଦ୍ଧତି ହୋଇଥାଏ ।

ଏବେ ଅସଲ ବିଷୟ ଉପରକୁ ଯିବା । 'ପେଟ ପାଇଁ ନାନା ନାଟ' ବୋଲି ଲୋକେ କହୁଥିବାର ମୁଁ ବହୁତ ଥର ଶୁଣିଛି । ହେଲେ 'ମୁକତି ପାଇଁ ତିନିବାଟ' କେହି କହନ୍ତି ବୋଲି ମୁଁ ଏ ପର୍ଯ୍ୟନ୍ତ ମଧ୍ୟ କାହାଠାରୁ ଶୁଣି ନାହିଁ,

ପ୍ରଥମ ଥର ଶୁଣୁଛି । ଏହା ମୋ ପାଇଁ ନୂଆ କଥା ହେବାବେଳେ, ତୋତେ ମଧ୍ୟ ନୂଆ ଲାଗୁଥିବ ବୋଲି ମୁଁ ଭାବୁଛି ।

**ପ୍ରଶ୍ନ:- ଏକଥା ମୋ ପାଇଁ ନୂଆ, ଆମେ କେବେ, କାହାଠାରୁ, ଏକଥା ଶୁଣି ନାହୁଁ । ଏହା ନୂଆ କଥା ବୋଲି କେବେ ଶୁଣି ନଥିବା ମୋ ପାଇଁ କହିଲେ ଠିକ୍ ହେବ, କିନ୍ତୁ ଆପଣଙ୍କ ପାଇଁ କେମିତି ଠିକ୍ ହେବ ! ଆପଣ ଏକଥା କହୁଥିବା ବେଳେ, ଆପଣ ଜାଣିବା ପରେ ତ କହୁଛନ୍ତି ! ପୁଣି ଆପଣଙ୍କ ପାଇଁ ନୂଆକଥା କିପରି ହେବ ?**

**ଉତ୍ତର:-** ଏହା ପୂର୍ବର ପ୍ରଶ୍ନରେ ଗୋଟିଏ କଥା କହିଥିଲି । ଯାହା ସବୁ ହେଉଛି ତାହା ଈଶ୍ୱର କରିଥାନ୍ତି । ଏହା ସତକଥା, ହେଲେ ମଣିଷ ତାହା ସବୁ ନିଜେ କରୁଥିବା ଭଳି **ଅହଂଭାବରେ** ଥିବା ବେଳେ ତାର ଭାବ ଅନୁସାରେ ହିସାବ ହୋଇଥାଏ ବୋଲି କହିଥିଲି । ମଣିଷ କିଛି କରିପାରେ ନାହିଁ, ତା ଦ୍ୱାରା କିଛି କରିହୁଏ ନାହିଁ । ତାଛଡା ସେ ସବୁଦିଗରୁ ଅନ୍ଧ ଭଳି ଥାଏ । ସେ କିଛି କରେ ନାହିଁ, କରିପାରେ ନାହିଁ, କୌଣସି ଛୋଟ କାର୍ଯ୍ୟ ମଧ୍ୟ ତା ଦ୍ୱାରା ସମ୍ଭବ ନୁହେଁ; ତଥାପି ସବୁ ମୁଁ କରୁଛି ବୋଲି ଅହଂଭାବରେ କହିଥାଏ । ବାସ୍ତବରେ ସବୁକିଛି ଈଶ୍ୱର କରାଉଥିଲେ ମଧ୍ୟ, ମଣିଷ କିଛି କରୁନଥିଲେ ମଧ୍ୟ ନିଜର ଅବୟବଗୁଡିକ ଦ୍ୱାରା ହେଉଥିବା କାର୍ଯ୍ୟକୁ ଦେଖି ସବୁକିଛି ସ୍ୱୟଂ ମୁଁ କରୁଛି ବୋଲି ଭାବିଥାଏ । ତେଣୁ ତାର ଭାବ ଅନୁସାରେ ସେ ହିଁ ସବୁ କରୁଛି ବୋଲି ହିସାବ ହୋଇଥାଏ । ଏଇଠାରେ ହିଁ କର୍ମଯୋଗର ରହସ୍ୟ ଲୁଚି ରହିଛି । ଏଇଠାରେ ଟିକିଏ ସ୍ମୃତିଯୁକ୍ତ ହୋଇ ମୁଁ କିଛି କରିପାରେ ନାହିଁ, ଯାହା ମୋ ଦ୍ୱାରା ହେଉଛି ତାହା ଈଶ୍ୱର ମୋ ଦ୍ୱାରା କରାଉଛନ୍ତି ବୋଲି ଯଦି ଜାଣିଯିବ, ତେବେ ସେ ସାଧାରଣ ମଣିଷରୁ କର୍ମଯୋଗୀ ହୋଇଯିବ, ସେ କର୍ମ ବନ୍ଧନରେ ନ ପଡିବା ଭଳି ହେବ ।

ମୁଁ କେତେଶହ ବର୍ଷରୁ, ଏବେ କେତୋଟି ଦଶନ୍ଧିରୁ ଏଇଭଳି ଜ୍ଞାନଯୁକ୍ତ ହୋଇ ରହିବା ଦ୍ୱାରା, ଅର୍ଥାତ୍ ଅନେକ ଜନ୍ମର ସଂସ୍କାର ବଳ

କାରଣରୁ ଏଇ ଜନ୍ମରେ ମଧ୍ୟ ଏଇ ଜ୍ଞାନ ମୋ ସ୍ମୃତିରେ ରହିବା ଦ୍ୱାରା, ଯାହା ସତ ତାହା କହିପାରୁଛି । ମୁଁ ଏଭଳି କହୁଥିବାବେଳେ ମୋ ଶରୀରରୁ ମୋ'ରି ମୁଖ ଦ୍ୱାରା କହିଥିବା କଥାଗୁଡିକୁ ଯେତେବେଳେ କହୁଛି ସେତେବେଳେ ବାହାରକୁ ମୁଁ କହୁଛି ବୋଲି ଲାଗୁଥିଲେ ମଧ୍ୟ ତାହା ମୋଠାରୁ ଆସୁଥିବା ନୂଆ କଥା ହୋଇଥାଏ । ସେତିକିବେଳେ ମୁଁ ଜୀବ ଭାବରେ ଶରୀରରେ ରହି ସେକଥା ପ୍ରଥମ ଥର ଶୁଣିଥାଏ । ଶରୀର ମଧ୍ୟରେ ଥିବା ବଡ ନାଡୀରେ ରହୁଥିବା ଆତ୍ମା ହିଁ ଏକଥା ନୂଆ କରି ମୋ ବୁଦ୍ଧିରେ ଯେତେବେଳେ ଯୋଗାଇ ଦିଅନ୍ତି, ତାହା ବୁଦ୍ଧିରୁ ମନରେ ପହଞ୍ଚି ଶେଷରେ ମୋତୁଣ୍ଡରୁ ବହିର୍ଗତ ହୋଇଥାଏ । ଏକଥା ଅନ୍ୟମାନଙ୍କ ଆଗରୁ ସର୍ବ ପ୍ରଥମେ ମୋ ବୁଦ୍ଧିରେ ଆସିବା ବେଳେ ମୁଁ ଶୁଣୁଥିଲେ ମଧ୍ୟ, ମୁଁ ଆପଣଙ୍କଠାରୁ ଟିକିଏ ଆଗରୁ ଶୁଣି ପାରିଲେ ମଧ୍ୟ, ସେକଥା ତା ପୂର୍ବରୁ ମୁଁ ଜାଣିନଥିଲି ବୋଲି କହିପାରିବି । ଯେଉଁମାନେ ଭିତର କଥା ଜାଣନ୍ତି ନାହିଁ, ଯେଉଁମାନଙ୍କର ଅନ୍ତର୍ଜ୍ଞାନ ନାହିଁ, ସେମାନେ ଏକଥା ମୁଁ କହିଲି ବୋଲି ଭାବିପାରନ୍ତି । ସେହିଭଳି ମୁଁ କଲି ବୋଲି ଭାବ ପାଇପାରନ୍ତି, କିନ୍ତୁ ମୁଁ ସେଭଳି ଭାବିବା ସୁଯୋଗ ନାହିଁ । ତେଣୁ ନୂଆକରି ଆସିଥିବା ସେହି କଥା ତୋ ଭଳି ନୂଆ ଶୁଣୁଛି ବୋଲି କହିଥିଲି । ମୁଁ ସେକଥାକୁ ବ୍ୟାଖ୍ୟା କରି କହିବାବେଳେ ତାହା ନୂଆ କଥା ହୋଇଥିବାରୁ ସେହି ନୂଆ କଥାର ବିବରଣ ମଧ୍ୟ ମୋତେ ଆଗରୁ ଜଣା ନଥିବା ଭଳି ! ତେଣୁ ସେ ବିବରଣ ମୋଠାରୁ ଆସିବା ବେଳେ ସେଥିରେ ଆଶ୍ଚର୍ଯ୍ୟ ହେବାରେ କଣ ଅଛି ! କହୁଥିବା ପାତ୍ର ହୃଦିସ୍ଥାନରେ ବସି ସେସବୁ କହୁଛି ।

**ପ୍ରଶ୍ନ- 'ପେଟ ପାଇଁ ନାନା ନାଟ' ଅନ୍ୟମାନେ କହିଥାନ୍ତି, ଏକଥା ଅନେକ ଥର ମୁଁ ମଧ୍ୟ ଶୁଣିଛି । ବଞ୍ଚିବା ପାଇଁ ମଣିଷ ଅନେକ ପ୍ରକାରର କାର୍ଯ୍ୟ କରିଥାଏ, ତେଣୁ ଏକଥାଟି ସେହି ଅର୍ଥରେ କହିଥିବେ । ବାସ୍ତବ ଦୁନିଆରେ ତାହା ହିଁ ତ ହେଉଛି । ବଞ୍ଚିବାପାଇଁ କିଛି ଲୋକଙ୍କର**

**କିଛି ସହଜକାର୍ଯ୍ୟ ଥାଏ, କିଛିଲୋକ କଷ୍ଟକର କାର୍ଯ୍ୟ କରନ୍ତି । କେତେକ ମହାନ କାର୍ଯ୍ୟ କରୁଥିବା ସ୍ଥଳେ, କିଛି ଲୋକ ନୀଚକାର୍ଯ୍ୟ ମଧ୍ୟ କରନ୍ତି । କେତେକଙ୍କ ପାଇଁ ଅଳ୍ପ ସମୟର କାର୍ଯ୍ୟ ଥିବା ସ୍ଥଳେ, କେତେକ ବହୁତ ସମୟଧରି କାର୍ଯ୍ୟ କରିଥାନ୍ତି । କେତେକ ପୋଲିସ୍ କାର୍ଯ୍ୟ କରୁଥିବା ସ୍ଥଳେ, କେତେକ ଚୋରିକାର୍ଯ୍ୟ କରି ବଞ୍ଚିଥାନ୍ତି । କେତେକ କହିବା କାର୍ଯ୍ୟ କରୁଥିବା ସ୍ଥଳେ, କିଛିଲୋକ କରିଥାନ୍ତି । କେତେକ ପୋତିବା କାର୍ଯ୍ୟ କରୁଥିବା ସ୍ଥଳେ, କେତେକ ଖୋଳିବା କାର୍ଯ୍ୟ କରିଥାନ୍ତି । କେତେକ ଡାକ୍ତର ହୋଇ ଛୁରୀଧରି ଅପରେସନ୍ କରୁଥିବା ସ୍ଥଳେ, କିଛିଲୋକ ଛୁରିଧରି ମାରିବା କାର୍ଯ୍ୟ କରୁଛନ୍ତି । କିଛିଲୋକ ଲେଖିବା କାର୍ଯ୍ୟ କରୁଥିବା ସ୍ଥଳେ, କେତେକ ପଢିବା କାର୍ଯ୍ୟ କରୁଛନ୍ତି । କିଛିଲୋକ ବିକ୍ରିକରିବା କାର୍ଯ୍ୟ କରୁଥିବା ସ୍ଥଳେ, କେତେକ କିଣିବା କାର୍ଯ୍ୟ କରୁଛନ୍ତି । ଏହିଭଳି କହିଚାଲିଲେ ହଜାର ହଜାର, ଲକ୍ଷ ଲକ୍ଷ ପ୍ରାୟ କୋଟିଏ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ରହିବା ଦ୍ୱାରା, ଯିଏ ଯାହା କରୁ ତାହା କେବଳ ବଞ୍ଚିବାପାଇଁ କରୁଥିବାରୁ ପେଟପାଇଁ ନାନା ନାଟ କିମ୍ବା "ଦଇବ ଦେଇଛି ପେଟ, ତାପାଇଁ କୋଟିଏ ପାଠ" କହିଥିବେ ବୋଲି ବୁଝିହେଉଛି । ହେଲେ 'ମୁକତି ପାଇଁ ତିନିବାଟ' କହିବାରେ କଣ ଅର୍ଥ ଅଛି ଟିକିଏ କହିବେ କି ?**

**ଉତ୍ତର:- ପେଟପାଇଁ** କହିବା ଭଳି ମୁକ୍ତି ବା **ମୁକତିପାଇଁ** କହିଛନ୍ତି । ଦୁଇ ବାକ୍ୟାଂଶର ଅର୍ଥରେ ଅନେକ ଭିନ୍ନତା ରହିଛି । ପେଟପାଇଁ କହିଲେ ବଞ୍ଚିବାପାଇଁ ବା ଖାଇବାପାଇଁ ବୋଲି କହିପାରିବା । କୋଟିଏ ପାଠ କହିଲେ ନାନା ପ୍ରକାରର ବିଦ୍ୟା ବୋଲି ଜଣାପଡିଯାଉଛି । ବଞ୍ଚିବାପାଇଁ ସମସ୍ତଙ୍କର ଆହାର ଆବଶ୍ୟକ । ଖାଇବାପାଇଁ ଅନେକ ପ୍ରକାରର କାର୍ଯ୍ୟ କରିବାକୁ ପଡିଥାଏ । କିଛି କାର୍ଯ୍ୟ କରିବାପାଇଁ ସେହି କାର୍ଯ୍ୟ ସମ୍ବନ୍ଧୀୟ କିଛି ବିଦ୍ୟା ଜାଣିବାକୁ ହୋଇଥାଏ । ପ୍ରତ୍ୟେକ କାର୍ଯ୍ୟ କରିବା ଆଗରୁ ସେ ବାବଦରେ

କିଛି ନିଶ୍ଚୟ ଜାଣିବାକୁ ହୋଇଥାଏ । ଏକ କାର୍ଯ୍ୟ ବାବଦରେ ଯାହା ଜଣାଇଥାଏ ତାହାକୁ ବିଦ୍ୟା କୁହାଯାଏ । ଦଇବ ଗଢିଥିବା ପେଟ ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟ କରିବାକୁ ହୋଇଥାଏ । ସେଥିପାଇଁ କୋଟିଏ ବିଦ୍ୟା ଅଛି ବୋଲି କହିପାରିବା ବା ନାନା ନାଟ (ବିଦ୍ୟା) ଅଛି ବୋଲି କହିପାରିବା । ହେଲେ ଏଠାରେ ମୁକ୍ତି ପାଇଁ ମାତ୍ର ତିନିଗୋଟି ବିଦ୍ୟା ବା ବାଟ ରହିଛି ବୋଲି ଜଣାପଡିଛି । ସେହି ତିନି କାର୍ଯ୍ୟକୁ ହିଁ ତିନିବିଦ୍ୟା ବା ତିନି ବାଟ (ମାର୍ଗ) ବୋଲି କହିଛନ୍ତି । ଏହି ବିଷୟରେ ପ୍ରଥମେ **'ମୁକ୍ତି'** କହିଲେ କଣ ଜାଣିବା ।

"ମୁକ୍ତି" କହିଲେ କୌଣସି ବନ୍ଧନରୁ ବାହାରକୁ ଆସିବା ବୋଲି ସାଧାରଣ ଭାବରେ କହିପାରିବା । **'ବନ୍ଧନ'** କହିଲେ ବାନ୍ଧିହୋଇ ବା ଛନ୍ଦିହୋଇ ରହିବା । ବାନ୍ଧିହେବାରୁ ଖୋଲିହୋଇଯିବା, ଖସିଯିବା ବା **ମୁକୁଳିଯିବାକୁ ମୁକ୍ତି ବା ମୁକତି** ବୋଲି କହିପାରିବା । ବନ୍ଧନରୁ ମୁକୁଳିବା ଏକ କାର୍ଯ୍ୟ ହୋଇଥିବା ବେଳେ ସେହି କାର୍ଯ୍ୟ ନିମନ୍ତେ ଥିବା ବିଦ୍ୟାକୁ ମଧ୍ୟ ଶିଖିବାକୁ ହୋଇଥାଏ । ଯାହା ଶିଖିବାକୁ ହୋଇଥାଏ ତାହା ବିଦ୍ୟା । ମଣିଷ ତାର ଅଜାଣତରେ ବାନ୍ଧିହୋଇ ରହିଛି । ସେ ଜନ୍ମରୁ ଜଣେ ବନ୍ଦୀ । ମଣିଷ ଏଭଳି ବନ୍ଦୀ ହୋଇ ରହିଛି ବୋଲି କାହାକୁ ଜଣାନଥାଏ । ଯାହାକୁ ଏକଥା କହିବା ସେ କହିବ କଣ ତୁ ପାଗଳ ! କାରଣ ମଣିଷ ବନ୍ଦୀହୋଇ ରହିଥାଏ ବୋଲି ତାକୁ ଜଣାନଥାଏ । ଦେଖାଯାଉ ନଥିବା ଦଉଡି ଦ୍ୱାରା, ଦେଖାଯାଉ ନଥିବା ବନ୍ଦୀହୋଇ ରହିଛି ବୋଲି କେତେ ପାଠ ପଢିଥିବା ଲୋକକୁ ମଧ୍ୟ ଜଣାନଥାଏ । କାରଣ ! ବାହ୍ୟ ନେତ୍ରକୁ ଜଣାପଡୁ ନଥିବା ବନ୍ଧନ ଜ୍ଞାନନେତ୍ରକୁ ଜଣାପଡେ । ଜ୍ଞାନୀମାନଙ୍କର ଜ୍ଞାନନେତ୍ର ଥାଏ, ଅର୍ଥାତ୍ କେବଳ ଦୈବଜ୍ଞାନ ଜଣାଥିବା ଲୋକମାନଙ୍କୁ ହିଁ ଜଣାଥାଏ ।

ମଣିଷ ଜନ୍ମରୁ ସାତ୍ୱିକ, ରାଜସ, ତାମସ ନାମକ ତିନି ଦଉଡିରେ ବନ୍ଧିତ ହୋଇ ରହିଛି, ସେହି ତିନି ଦଉଡି ତିନି ଗୁଣସମୂଦାୟ ଦ୍ୱାରା

ତିଆରି । ଗୁଣଗୁଡିକ ଦଉଡିର ଗୋଟିଏ ଗୋଟିଏ ଖିଅ ହୋଇ ରହିଥିବା ସ୍ଥଳେ ୧୦୮ଗୋଟି ଖିଅରେ ଗୋଟିଏ ଗୋଟିଏ ଦଉଡି ତିଆରି ହୋଇଛି । ତାମସ, ରାଜସ, ସାତ୍ତ୍ୱିକ ନାମକ ଗୁଣଗୁଡିକୁ ଆଧ୍ୟାତ୍ମିକ ପରିଭାଷାରେ ମାୟା ବୋଲି କୁହାଯାଏ । ମାୟା ନାମକ ଦଉଡି ଅତି ଶକ୍ତ । ତେଣୁ ଭଗବଦ୍ଗୀତାର ବିଜ୍ଞାନ ଯୋଗରେ ଥିବା ୧୪ତମ ଶ୍ଳୋକରେ-

ଶ୍ଳୋ ॥ ଦୈବିହ୍ୟେସା ଗୁଣମୟି ମମ ମାୟା ଦୂରତ୍ୟୟା ।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ ॥

ଭାବାର୍ଥ- **"ଦୈବ ହୋଇଥିବା ମୁଁ ଯେଉଁ ମାୟାକୁ ତିଆରି କରିଛି ତାହା ଅତି ଦୁଃସାଧ୍ୟ । ମୋର ଶରଣ ନେଇଥିବା ଲୋକମାନେ ମୋର ମାୟାକୁ ସହଜରେ ଅତିକ୍ରମ କରିପାରନ୍ତି, ମୋର ଆରାଧନା କରୁନଥିବା ଲୋକମାନେ ମାୟାକୁ ଅତିକ୍ରମ କରିପାରନ୍ତି ନାହିଁ ।"** ବୋଲି କହିଛନ୍ତି । ଆମେ ବାନ୍ଧି ହୋଇ ରହିଥିବା ଦଉଡି ନାମକ ମାୟାରୁ ବାହାରକୁ ଆସିବା ଦୁଃସାଧ୍ୟ । କାରଣ ! ମାୟା କୁହାଯାଉଥିବା ସେହି ତିନି ଦଉଡିକୁ ଈଶ୍ୱର (ପରମାତ୍ମା) ହିଁ ଶକ୍ତିଶାଳୀ କରି ତିଆରି କରିଛନ୍ତି । **ଯିଏ ଈଶ୍ୱରଙ୍କ ଶରଣ ନେବ ସେ କେବଳ ମାୟାକୁ ଅତିକ୍ରମ କରିପାରିବ ।** ତାମସ, ରାଜସ, ସାତ୍ତ୍ୱିକ ନାମକ ତିନି ଗୁଣ ଦ୍ୱାରା ତିଆରି ହୋଇଥିବା ମାୟାକୁ ଜିତିବାକୁ ହେଲେ ମାୟାକୁ ତିଆରି କରିଥିବା ଈଶ୍ୱରଙ୍କ ନିକଟରେ ଶରଣଯାଇ, ତାଙ୍କର ଆରାଧନା କଲେ, ସେତେବେଳେ ମାୟା ତାର ବନ୍ଧନରୁ ମୁକୁଳାଇଦେବ । ମାୟା ନିଜେ କାହାକୁ ମୁକ୍ତି ଦେଇନଥାଏ । କେହି ମଧ୍ୟ ମାୟାଠାରୁ ସହଜରେ ମୁକୁଳି ପାରନ୍ତି ନାହିଁ । ମାୟା ମଣିଷକୁ ମୁକୁଳାଇବାକୁ ହେଲେ ତାକୁ ଈଶ୍ୱରଙ୍କ ଆଦେଶ ମିଳିବା ଦରକାର । ଈଶ୍ୱରଙ୍କ ଆଜ୍ଞା ନହେବା ଯାଏଁ ମାୟା କାହାକୁ ମୁକ୍ତି କରିପାରିବ ନାହିଁ । ଯିଏ ଈଶ୍ୱରଙ୍କର ଭକ୍ତ ସେ ତାର ଅତି ପ୍ରିୟ ହୋଇଥାନ୍ତି । ଯିଏ ଈଶ୍ୱରଙ୍କର ପ୍ରିୟପାତ୍ର ମାୟା ତାକୁ ତା ବନ୍ଧନରୁ ମୁକୁଳାଇ ଈଶ୍ୱରଙ୍କ ପାଖକୁ ଛାଡିଦିଏ ।

ଯିଏ ଈଶ୍ୱରଙ୍କର ପ୍ରିୟପାତ୍ର ନୁହେଁ ମାୟା ତାକୁ କଦାପି ଛାଡି ନଥାଏ, ସେ କେବେହେଲେ ଈଶ୍ୱରଙ୍କ ନିକଟରେ ପହଞ୍ଚିପାରି ନଥାଏ ।

ମଣିଷ ଦୈବଜ୍ଞାନ ଜାଣି ଦୈବାରାଧନା କଲାବେଳେ, ଅଜାଣତରେ ବନ୍ଧନରୁ ମୁକ୍ତିଲାଭ କରିଥାଏ । ଆମ ଅଜାଣତରେ ଆମରି ମୁଣ୍ଡରେ ଆମେ ବାନ୍ଧିହୋଇ ରହିଥିଲେ ମଧ୍ୟ ଆମ ଅଜାଣତରେ ଆମର ମୁକ୍ତି ହୋଇଥାଏ । ବନ୍ଧନରୁ **ମୁକୁଳିଯିବାକୁ ମୁକ୍ତି ବା ମୋକ୍ଷ କୁହାଯାଏ** । ମଣିଷ ଯେଉଁଥିରେ ବାନ୍ଧିହୋଇ ରହିଛି ତାହା ଗୁଣରଜ୍ଜୁ (ଗୁଣଦଉଡି) ବୋଲି ଜାଣିଥିଲେ । ଗୁଣରଜ୍ଜୁର ଖିଅଗୁଡିକ ଅନୁସାରେ ତିନି ଦଉଡିର ତିନି ନାମ ଥାଏ, ସେହି ତିନିଦଉଡି ମାୟ. ତାହା ଅଦୃଶ୍ୟ ଗୁଣଗୁଡିକ ଦ୍ୱାରା ତିଆରି ହେଲେହେଁ, କର୍ମ ନାମକ କଳାରଙ୍ଗରେ ରଙ୍ଗେଇ ହୋଇ ରହିଥାଏ । ଉପରର ସେହି ରଙ୍ଗ ଅନୁସାରେ ତାହା କର୍ମବନ୍ଧନ ବୋଲି କହିପାରିବା । ଭିତର ଦଉଡିର ଖିଅ ଅନୁସାରେ ମାୟାବନ୍ଧନ ବୋଲି କହିପାରିବା । ଗୁଣଗୁଡିକ ଦ୍ୱାରା କର୍ମ ସମ୍ଭବ ହେଉଥିବାରୁ ତାହା ଉପରକୁ ରଙ୍ଗୀନ ଦଉଡି ଭଳି ଦେଖାଯାଏ । ମାୟା ନାମକ ତନ୍ତୁ (ଖିଅ) ଦ୍ୱାରା ତିଆରି ହୋଇଥିବା କଳାରଙ୍ଗର ବନ୍ଧନ ଅର୍ଥାତ୍ ଦଉଡି ମଣିଷକୁ ଦେଖାନଯାଇ ତାଦେହରେ ଗୁଡେଇହୋଇ (ବାନ୍ଧିହୋଇ) ରହିଛି । ଦେଖାନଯାଇ କଳାରଙ୍ଗରେ ମଣିଷକୁ ବାନ୍ଧି ରଖିଥିବା କର୍ମବନ୍ଧନ ବା ମାୟା ନାମକ ବନ୍ଧନରୁ ବାହାରକୁ ଆସିବାକୁ ହେଲେ ତିନିଗୋଟି କାର୍ଯ୍ୟ କରିବାକୁ ହୋଇଥାଏ, ସେହି ତିନିକାର୍ଯ୍ୟ କିପରି କରାଯିବ ତାହା ଶିଖିବାକୁ ତିନିବିଦ୍ୟା ଦରକା. ତାହା ହିଁ ବ୍ରହ୍ମବିଦ୍ୟା । ଭୌତିକ ବିଦ୍ୟା ସମୂହ ଶାସ୍ତ୍ର ଭାବରେ ଥିବାଭଳି, ବ୍ରହ୍ମବିଦ୍ୟା ମଧ୍ୟ ଶାସ୍ତ୍ର ଭାବରେ ରହିବା ଦ୍ୱାରା ତାହାକୁ ବ୍ରହ୍ମବିଦ୍ୟାଶାସ୍ତ୍ର କହନ୍ତି । ବ୍ରହ୍ମବିଦ୍ୟାଶାସ୍ତ୍ରକୁ ଶିଖି ପାରିଲେ କର୍ମବନ୍ଧନରୁ ବା ମାୟା ବନ୍ଧନରୁ ମଣିଷ ବାହାରି ପାରିବ ।

**ପ୍ରଶ୍ନ- ଭୂପୃଷ୍ଠର କାର୍ଯ୍ୟ ହଜାର ହଜାରରୁ ଆରମ୍ଭ କରି ଲକ୍ଷ ଲକ୍ଷ ହୋଇ କୋଟିଏ ସଂଖ୍ୟକ ଥାଇପାରେ ବୋଲି ଜାଣିଲି । କୋଟିଏ**

**କାର୍ଯ୍ୟ କରିବାକୁ କୋଟିଏ ପାଠ ଦରକାର ବୋଲି କହନ୍ତି । ହେଲେ ଏସବୁ ଭୌତିକ ବିଦ୍ୟା ବା ପ୍ରାପଞ୍ଚିକ ବିଦ୍ୟା ବୋଲି ଶୁଣିଲି । ଏତେ ବିଦ୍ୟା କେଉଁଠାରେ ଶିଖିଥାନ୍ତି କହିବେ କି ?**

**ଉତ୍ତର :-** ଏଇଠାରେ ଆମେ କିଛି ଭ୍ରମ ସଂଶୋଧନ କରି କହିବାକୁ ହେବ । ତାହା ହେଉଛି ! ମଣିଷ କୋଟିଏ କାର୍ଯ୍ୟପାଇଁ  କୋଟିଏ ବିଦ୍ୟା ବା କୋଟିଏ ପାଠ ଶିଖୁଛି । ତେଣୁ ତାହାକୁ କୋଟିଏ ପାଠ ଅଛି ବୋଲି କହନ୍ତି, କିନ୍ତୁ ତାହା ଏଭଳି କହିବା ଉଚିତ୍ ନହେଲେ ମଧ୍ୟ ଏଭଳି କହିବା ଅଭ୍ୟାସରେ ଆମେ ପଡିଯାଇଛେ । ଭୂପୃଷ୍ଠରେ କାର୍ଯ୍ୟ ଅନେକ ଥାଇପାରେ, କିନ୍ତୁ ବିଦ୍ୟା ମାତ୍ର ୬୪ଗୋଟି ରହିଥାଏ । ତାହାକୁ ସଂସ୍କୃତ ଭାଷାରେ **'ଚତୁଃଷଷ୍ଠି ବିଦ୍ୟା'** କୁହାଯାଏ । ମାତ୍ର ୬୪ ବିଦ୍ୟା ଥାଏ ସିନା କୋଟିଏ ବିଦ୍ୟା ନଥାଏ । ଗୋଟିଏ ବିଦ୍ୟା କେତେ ପ୍ରକାରର କାର୍ଯ୍ୟ ଶିଖାଇଥାଏ । ଏକ ବିଦ୍ୟାରେ ଅନେକ କାର୍ଯ୍ୟ ସାଧନ କରିପାରିବା । ତେଣୁ କୋଟିଏ କାର୍ଯ୍ୟ ପାଇଁ ୬୪ ବିଦ୍ୟା ହିଁ ରହିପାରେ । ସେଥିଲାଗି 'ପେଟପାଇଁ ନାନା ନାଟ' କହିବା ଠିକ୍ ସିନା କୋଟିଏ ପାଠ ଅଛି କହିବା ଠିକ୍ ହେବ ନାହିଁ ।

**ପ୍ରଶ୍ନ- ଆପଣ ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରବୋଧ ହୋଇଥାଏ  ବୋଲି କହିଥିଲେ,  ସେଠାରେ  କେଉଁ ଶାସ୍ତ୍ର ଶିକ୍ଷା ଦିଆଯାଏ ?**

**ଉତ୍ତର:-**  ପେଟପାଇଁ କୋଟିଏ ବିଦ୍ୟା ଅଛି ବୋଲି କହିବା ଅଭ୍ୟାସରେ ଯେମିତି ଆମେ ପଡିଯାଇଛେ, ସେହିଭଳି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରବୋଧ କରାଯାଇଥାଏ ବୋଲି ଅଭ୍ୟାସରେ ପଡି କହୁଛେ । ଦେଶରେ ଅନେକ ବିଶ୍ୱବିଦ୍ୟାଳୟ ରହିଛି । ସେଗୁଡିକ ଭିତରୁ କେତେକରେ ଚାରିଗୋଟି ଶାସ୍ତ୍ର ଆଉ କେତୋଟିରେ ପାଞ୍ଚଗୋଟି ଶାସ୍ତ୍ର ବୋଧ କରାଯାଏ, ଏସବୁ ପ୍ରାପଞ୍ଚିକ ଶାସ୍ତ୍ର ବା ଭୌତିକ ଶାସ୍ତ୍ର । ଯେଉଁଥିରେ  ପ୍ରପଞ୍ଚ ସମ୍ବନ୍ଧୀୟ ଶାସ୍ତ୍ର ଶିକ୍ଷା ଦିଆଯାଏ ତାହାକୁ ବିଶ୍ୱବିଦ୍ୟାଳୟ ବା ଶାସ୍ତ୍ର ବିଦ୍ୟାଳୟ କହିପାରିବା ସିନା କେବେ ମଧ୍ୟ ବିଶ୍ୱବିଦ୍ୟାଳୟ ବୋଲି କହିପାରିବା ନାହିଁ । ସେଗୁଡିକରେ

ଶାସ୍ତ୍ରବୋଧ ହେଉଥିବାରୁ ସେଗୁଡିକୁ ଶାସ୍ତ୍ରବିଦ୍ୟାଳୟ କହିପାରିବା, ବିଶ୍ୱବିଦ୍ୟାଳୟ କହିବା ଉଚିତ୍ ନୁହେଁ । କାରଣ ! ବିଶ୍ୱବିଦ୍ୟାଳୟର ଅର୍ଥ ତା ପାଇଁ ଉପଯୁକ୍ତ ହୋଇନଥାଏ ।

**ପ୍ରଶ୍ନ- ତା ହେଲେ ବିଶ୍ୱବିଦ୍ୟାଳୟ ଅର୍ଥ କଣ ?**

**ଉତ୍ତର :-** ବିଦ୍ୟାଳୟ କହିଲେ ବିଦ୍ୟା ମିଳୁଥିବା ସ୍ଥଳ ବା ମନ୍ଦିର । ବିଶ୍ୱ ବିଦ୍ୟାଳୟ କହିଲେ ବିଶ୍ୱ ସମ୍ବନ୍ଧୀୟ ବିଦ୍ୟା ଯେଉଁଠାରେ ମିଳେ । ବିଶ୍ୱ କହିଲେ ପ୍ରପଞ୍ଚ ଅର୍ଥାତ୍ ପଞ୍ଚ-ଭୌତିକ ବା ସୃଷ୍ଟିହୋଇଥିବା ପଞ୍ଚତତ୍ତ୍ୱ । ପାଞ୍ଚଗୋଟି ଭୌତିକ ତତ୍ତ୍ୱର ସମ୍ମିଶ୍ରଣ ସ୍ଥଳ ବା ସର୍ବୈକରୂପକୁ ବିଶ୍ୱ କୁହାଯାଏ । ସେହିଭଳି ବିଶ୍ୱରୂପ କହିଲେ ସର୍ବତ୍ର ବ୍ୟପିରହିଥିବା ରୂପ । ସର୍ବତ୍ର ଏକ ରୂପ ହୋଇଥିବା ପାତ୍ର ହେଉଛନ୍ତି ପରମାତ୍ମା ବା ଦୈବ । ତେଣୁ ସେହି ପରମାତ୍ମାଙ୍କୁ ହିଁ ଏକମାତ୍ର ବିଶ୍ୱରୂପ କହିପାରିବା, ସେ ସାରାବିଶ୍ୱରେ ଏକରୂପ ହୋଇ ରହିଥିଲେ ମଧ୍ୟ ଦେଖାଯାଇ ନଥାନ୍ତି । ସେଥିଲାଗି ଅଦୃଶ୍ୟ ଅବ୍ୟକ୍ତ ପରମାତ୍ମାଙ୍କୁ ହିଁ କେବଳ ବିଶ୍ୱରୂପ କହିପାରିବା । ପରମାତ୍ମା ବିଶ୍ୱର ଅଣୁ ଅଣୁରେ ବ୍ୟାପକ ଭାବରେ ରହିଥାନ୍ତି, ତାଙ୍କ ବାବଦରେ, ତାଙ୍କ ରୂପ ବାବଦରେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନଯୋଗ ନାମକ ଅଧ୍ୟାୟରେ ସମ୍ପୂର୍ଣ୍ଣ ବିବରଣୀ ରହିଛି । ସେହି ବିଶ୍ୱରୂପ ହୋଇ ରହିଥିବା ଦୈବଙ୍କ ବାବଦରେ ଜଣାଉଥିବା ବିଦ୍ୟା ଯେଉଁଠାରେ ଶିକ୍ଷା ଦିଆଯାଏ ବା କୁହାଯାଏ ସେଇଠାରେ ବିଶ୍ୱବିଦ୍ୟାଳୟ ଅଛି ବୋଲି କହିପାରିବା । ବିଶ୍ୱବିଦ୍ୟାଳୟ କହିଲେ ବଡ ବଡ ଘର ହୋଇଥିବ ବୋଲି ଭାବନ୍ତୁ ନାହିଁ, ଯେଉଁଠାରେ ବିଶ୍ୱବିଦ୍ୟା ଥାଏ ସେଠାରେ ବିଶ୍ୱବିଦ୍ୟାଳୟ ଥାଏ । ପତ୍ର କୁଡିଆଟିଏ ନହେଲା କାହିଁକି ଯଦି ସେଠାରେ ବିଶ୍ୱରୂପ ହୋଇଥିବା ଦୈବଙ୍କ ବାବଦରେ କୁହାଯାଉଛି ତେବେ ସେହି ପତ୍ର କୁଡିଆଟି ବିଶ୍ୱବିଦ୍ୟାଳୟ ହେବ । ଈଶ୍ୱର ବା ଦୈବ ବିଶ୍ୱରୂପ ହୋଇ ରହିଥାନ୍ତି । ପ୍ରତ୍ୟେକ ରୂପ ତାଙ୍କଠାରେ ଥିବାଭଳି, ସେ ସର୍ବତ୍ର ବ୍ୟାପି

ରହିଥିବାରୁ **ସର୍ବବ୍ୟାପୀ,** ସର୍ବଶ୍ୱକୁ ଧାରଣ କରିଥିବାରୁ **ସର୍ବଧାରୀ** ।

ବିଶ୍ୱବିଦ୍ୟାଳୟରେ ଈଶ୍ୱର ବା ପରମାତ୍ମାଙ୍କ ବାବଦରେ ହେଉଥିବା ବାଣୀବୋଧକୁ ବ୍ରହ୍ମବିଦ୍ୟା କୁହାଯାଏ । ବ୍ରହ୍ମବିଦ୍ୟା କହିଲେ ବଡବିଦ୍ୟା । ବ୍ରହ୍ମବିଦ୍ୟାର ଶାସ୍ତ୍ରବଦ୍ଧତା ରହିଥାଏ, ତେଣୁ ବ୍ରହ୍ମବିଦ୍ୟା ସହିତ ଶାସ୍ତ୍ର ଶବ୍ଦ ଯୋଡି ବ୍ରହ୍ମବିଦ୍ୟାଶାସ୍ତ୍ର କୁହାଯାଏ । ବ୍ରହ୍ମବିଦ୍ୟାଶାସ୍ତ୍ର ଅନ୍ୟ ୫ଗୋଟି ଶାସ୍ତ୍ରଠାରୁ ଭିନ୍ନ ଏବଂ ମହାନ । ବ୍ରହ୍ମବିଦ୍ୟାଶାସ୍ତ୍ର ସହିତ ଅନ୍ୟ କୌଣସି ଭୌତିକ ଶାସ୍ତ୍ରକୁ ତୁଳନା କରାଯାଇ ପାରିବ ନାହିଁ । ସେଥିଲାଗି ସବୁଠାରୁ ବଡ ବିଦ୍ୟାଶାସ୍ତ୍ର ହେଉଛି ବ୍ରହ୍ମବିଦ୍ୟାଶାସ୍ତ୍ର । ଅନ୍ୟ ଶାସ୍ତ୍ରଗୁଡିକ ସହିତ ଭୌତିକତାର ସମ୍ବନ୍ଧ ଥିବାବେଳେ ଏକୈକ ବ୍ରହ୍ମବିଦ୍ୟାଶାସ୍ତ୍ର ହେଉଛି ଅଭୌତିକ । ଭୌତିକ ବିଦ୍ୟା ଦେଖାଯାଇଥାଏ, ତେଣୁ କେହି ମଧ୍ୟ ତାହା ଶିକ୍ଷା କରିପାରିବ । ଅଭୌତିକ ବ୍ରହ୍ମବିଦ୍ୟା ଶିଖିବାପାଇଁ ବିଶ୍ୱାସ ରହିବା ଉଚିତ୍ ।

**ପ୍ରଶ୍ନ- ଆଧ୍ୟାତ୍ମିକ ବିଦ୍ୟାକୁ ଆମେ ବ୍ରହ୍ମବିଦ୍ୟା ଭାବୁଛୁ, କଣ ଠିକ୍ ?**

**ଉତ୍ତର :-** ବ୍ରହ୍ମବିଦ୍ୟା କହିଲେ ବଡବିଦ୍ୟା ବୋଲି ଏବେ କହିଥିଲି । ସର୍ବ ପ୍ରପଞ୍ଚରେ ଯିଏ ସମସ୍ତଙ୍କଠାରୁ ବଡ, ତା ସମ୍ବନ୍ଧୀୟ ବିଦ୍ୟାକୁ ବ୍ରହ୍ମବିଦ୍ୟା କହୁଛୁ । ଈଶ୍ୱରଙ୍କ ବାବଦରେ ଥିବା ବିଦ୍ୟା ହିଁ ବ୍ରହ୍ମବିଦ୍ୟା । ଈଶ୍ୱରଙ୍କୁ ଚିହ୍ନାଉଥିବା ଶାସ୍ତ୍ରକୁ ବ୍ରହ୍ମବିଦ୍ୟା ଶାସ୍ତ୍ର କହନ୍ତି । ଏଠାରେ ତୋର ପ୍ରଶ୍ନ ହେଉଛି ! ଆଧ୍ୟାତ୍ମିକ ବିଦ୍ୟା କଣ ବ୍ରହ୍ମବିଦ୍ୟା ? ତୋ ପ୍ରଶ୍ନର ଉତ୍ତରରେ ସତ କହିବି ! କି ମିଛ କହିବି !! ମୁଁ ଆଗପଛ ହେଉଛି । କାହିଁକିନା ! ଆମେ ଏଯାଏଁ ମିଛ କହିଲେ ବି ତାହା ସତ ହୋଇଛି । ଅର୍ଥାତ୍ ମୁଁ ସତ ଭଳି ଥିବା ମିଛକୁ କହିଛି ବୋଲି କହିପାରିବା । ମୁଁ କହିଥିବା ମିଛ ହିଁ ସତ ବୋଲି କହିପାରିବା । ଏ କଥା ତୋତେ ଏକ ଅନିଶ୍ଚିତତା ସ୍ଥିତିରେ ରଖିଦେଇ ପାରେ । ନିଶ୍ଚିତତାକୁ ଜାଣିବା ଆଗରୁ ଅନିଶ୍ଚିତତାକୁ ପ୍ରଥମେ ଜାଣିଲେ ଭଲ ବୋଲି ମୁଁ ଭାବୁଛି । ଏବେ ଯାହା କହୁଛି ତା ଉପରେ ଟିକିଏ ଧ୍ୟାନ ଦେଇ ଗ୍ରହଣ କରିବା ଉଚିତ୍ ।

(ସୂଚନା:- ଆତ୍ମା ପରମାତ୍ମା ଉଭୟଙ୍କୁ ଈଶ୍ୱର କୁହାଯାଇଛି । ଉଭୟଙ୍କୁ ଈଶ୍ୱର କୁହାଗଲେ ମଧ୍ୟ ଶରୀର ଭିତରେ ଥିବା ଆତ୍ମାଙ୍କୁ ଶରୀର ଭିତରେ ଥିବା ଈଶ୍ୱର କୁହାଯାଏ । ସେହି ଶରୀରରେ ଥିବା ପରମାତ୍ମାଙ୍କୁ ଈଶ୍ୱର କୁହାଗଲେ ମଧ୍ୟ ସେ ପରମେଶ୍ୱର ବା ସର୍ବତ୍ର ଅଣୁଅଣୁରେ ବ୍ୟାପି ରହିଥିବା ପରମାତ୍ମା । ସନ୍ଦର୍ଭ ଅନୁସାରେ ବୁଝିପାରିବା ଭଳି ପୂର୍ବାପର ସମ୍ପର୍କକୁ ଦୃଷ୍ଟି ଦେଇ ବାକ୍ୟଗୁଡିଏ ଲେଖାଯାଇଥିଲେ ମଧ୍ୟ ଏହି ସୂଚନାରେ ଆପଣମାନେ ଦ୍ୱନ୍ଦହୀନ ଭାବରେ ଆତ୍ମା ପରମାତ୍ମାଙ୍କୁ ସନ୍ଦର୍ଭ ଉଚିତ ବୁଝିପାରିବେ ବୋଲି ସୂଚିତ କରିଛୁ - ଅନୁବାଦକ)

ଈଶ୍ୱର ତାଙ୍କ ବିଷୟ କୌଣସି ମାନବକୁ ଜଣାନାହିଁ ବୋଲି ଦୈବଗ୍ରନ୍ଥରେ କହିଛନ୍ତି । **ଈଶ୍ୱରଙ୍କ ବିଷୟ ଈଶ୍ୱରଙ୍କ ବ୍ୟତୀତ ଭୂପୃଷ୍ଠର କୌଣସି ମନୁଷ୍ୟକୁ ଜଣାନାହିଁ** । ଈଶ୍ୱର କାହା ସହିତ କଥା ହୁଅନ୍ତି ନାହିଁ । ସେ ନାମ, ରୂପ, କ୍ରିୟା ରହିତ । ଏଭଳି ପାତ୍ର କାହାକୁ ବା ଗୋଚର ହେବ ! ତାଙ୍କ ବାବଦରେ କହିବାକୁ କାହାର ମଧ୍ୟ ଯୋଗ୍ୟତା ନାହିଁ, ସେ କାହାର ଭାବନାରେ ମଧ୍ୟ ଆସନ୍ତି ନାହିଁ, ତାଙ୍କୁ କେହି ଜାଣିପାରନ୍ତି ନାହିଁ, ତାଙ୍କର କୌଣସି ନିର୍ଣ୍ଣୀତ ସୀମା ନାହିଁ, କୌଣସି ଶାସ୍ତ୍ର ମଧ୍ୟ ତାଙ୍କ ବିଷୟରେ ଜୋର ଦେଇ କହିପାରିବ ନାହିଁ, ତାଙ୍କ ବାବଦରେ ଯଥାତଥ ଭାବରେ କହିହୁଏ ନାହିଁ । ତେବେ ଏଭଳି ଥିବା ପାତ୍ର ବାବଦରେ ଶାସ୍ତ୍ର କିଛି କହିପାରିବ ? କେହି ତାଙ୍କ ବାବଦରେ କିଛି ଭାବନା କରି କହି ପାରିବ ? ନାଇଁ ! ତେଣୁ ତାଙ୍କ ବାବଦରେ କହିବା ପାଇଁ ସୃଷ୍ଟି ଭିତରେ କିଛି ନାହିଁ କହିବା ଭଲ । ହେଲେ ଏପର୍ଯ୍ୟନ୍ତ ଅନେକ ସନ୍ଦର୍ଭରେ ଈଶ୍ୱର ବ୍ରହ୍ମବିଦ୍ୟାଶାସ୍ତ୍ର ଦ୍ୱାରା ଜଣାପଡନ୍ତି, ବିଶ୍ୱ ବ୍ରହ୍ମାଣ୍ଡରେ ସବୁଠାରୁ ବଡପାତ୍ର ହେଉଛନ୍ତି ସେ, ସେ ସୃଷ୍ଟିକର୍ତ୍ତା, ସେ ସମସ୍ତଙ୍କର ପିତା ଏଭଳି ଅନେକ ପ୍ରକାର କଥା ତାଙ୍କ ବାବଦରେ କହିଛୁ । ଏଭଳି କହିଥିବା କଥା ସବୁ ସତ ନୁହେଁ । ଯଦି ଏଭଳି ଈଶ୍ୱରଙ୍କ ବାବଦରେ କହିପାରନ୍ତେ, ତେବେ ସେ ଆମ ଭାବନାରେ,

ସ୍ମୃତିରେ ମଧ୍ୟ ମିଳିଯାଆନ୍ତେ । ବାସ୍ତବରେ ଈଶ୍ୱର (ପରମାତ୍ମା) ଜ୍ଞାନ ଦ୍ୱାରା କିମ୍ବା କାହାର ଭାବନା ଦ୍ୱାରା ମିଳନ୍ତି ନାହିଁ । କେହି ତାଙ୍କ ବାବଦରେ କୌଣସି ଜିନିଷକୁ ଆଣି ତୁଳନା କରିପାରିବ ନାହିଁ ।

ମୋର ଏଭଳି କଥାକୁ ଶୁଣୁଥିବା ଲୋକର ମୁଣ୍ଡଖରାପ ହୋଇଯାଇ ପାରେ । ଏ ପର୍ଯ୍ୟନ୍ତ ସାରା ଦୁନିଆରେ କେହି ବୋଧ କରି ନଥିବା ଭଳି ଦୈବଜ୍ଞାନ ବୋଧ କରିଥିବା ଇଏ ଏବେ ଏମିତି କଥା କ'ଣ କହୁଛନ୍ତି ବୋଲି ଭାବି ପାରନ୍ତି । ମୋ'ମୁଣ୍ଡକୁ ପିତ ଉଠିଯାଇ ଏଭଳି କଥା କହୁଛି ବୋଲି ଭାବୁଛନ୍ତି ! ବାସ୍ତବରେ ମୁଁ ସତ୍ୟ ହିଁ କହୁଛି । ମୁଁ କେତେକଙ୍କ ପାଇଁ ଏକ ପ୍ରକାରର ମିଛୁଆ ଲାଗୁଥିଲେ ମଧ୍ୟ ସତ୍ୟ ହିଁ କହୁଛି । ଏହା ପୂର୍ବରୁ ଯାହା କହିଥିଲି ତାହା ସତ ନୁହେଁ ବୋଲି ମୁଁ କହିଲେ ମଧ୍ୟ, ତାହା ମଧ୍ୟ ସତ ବୋଲି କହୁଛି । ଦୁଇଟି ସତ୍ୟ କେମିତି ହେବ ! ଗୋଟିଏ ସତ ହେଲେ ଆଉ ଗୋଟିଏ ମିଛ ହେବା ଉଚିତ୍ ! ବୋଲି ଯଦି କେହି ପଚାରନ୍ତି ତେବେ ମୋ'କଥାକୁ ଭଲରେ ଶୁଣି, ଭଲରେ ବିଚାର କରି ପାରିଲେ ଆପଣ ବୁଝି ପାରିବେ । ଯେଉଁଠାରେ ଯାହା କହିଲେ ମଧ୍ୟ ସେଠାରେ ଦୈବିବିଷୟ କହିବା ଉଚିତ୍ । ଜ୍ଞାନ ଦ୍ୱାରା ଈଶ୍ୱର ଜଣାପଡନ୍ତି କହିବା ଉଚିତ୍, ଜ୍ଞାନ ଦ୍ୱାରା ଈଶ୍ୱର ଜଣାପଡନ୍ତି ନାହିଁ ବୋଲି ମଧ୍ୟ କହିବା ଉଚିତ୍ । ଥରେ ସମସ୍ତଙ୍କର ପିତା ଈଶ୍ୱର ବୋଲି କହିଲେ ଶୁଣିବା ଉଚିତ୍ । ବାସ୍ତବରେ **ଈଶ୍ୱରଙ୍କର କେହି ସନ୍ତାନ ନାହାନ୍ତି, ସେ କାହାରି ସନ୍ତାନ ନୁହନ୍ତି** ବୋଲି ଦୈବଗ୍ରନ୍ଥରେ ଥିବା ବାକ୍ୟ ଅନୁସାରେ, ଈଶ୍ୱର ହିଁ ସମସ୍ତଙ୍କର ପିତା କହିଲେ ଅସତ୍ୟ ବା ମିଛ ହୋଇଥାଏ । ମିଛ ବୋଲି ଜାଣିଥିଲେ ମଧ୍ୟ ମୁଁ ସମସ୍ତଙ୍କର ପିତା ଈଶ୍ୱର ବୋଲି କହିଛି । ମୁଁ ଏଭଳି କହିବାର କାରଣ ହେଉଛି !

ଅତୀତରେ ମୁଁ ମଧ୍ୟ ସନ୍ଦର୍ଭାନୁସାରେ ଗୋଟିଏ କଥା କହିଥିଲି । 'ଈଶ୍ୱର କିଛି ନୁହନ୍ତି; ତଥାପି ତାଙ୍କ କଥା କହୁଛି' । ଆମେ କହୁଥିବା ବିଷୟ ସହିତ ଈଶ୍ୱରଙ୍କର କୌଣସି ସମ୍ପର୍କ ନଥିଲେ ମଧ୍ୟ ତାଙ୍କ ସମ୍ମାନାର୍ଥେ

ସବୁକିଛି ତାଙ୍କର ବୋଲି କହୁଛୁ । ଦମ୍ପତିଙ୍କୁ ସନ୍ତାନ ଦେଇଥା'ନ୍ତି ଈଶ୍ୱର ଏହା ସତକଥା; ତଥାପି ସେ କିଛି କରନ୍ତି ନାହିଁ କହିବା ମଧ୍ୟ ସତକଥା, ହେଲେ ମିଛ କହିବାକୁ ପଡୁଛି । ଈଶ୍ୱରଙ୍କୁ ସମ୍ମାନ ଦେବା ପୂର୍ବକ ସେ ହିଁ ସର୍ବ କାରଣର କାରଣ, ତାଙ୍କଠାରୁ କେହି ବଡ ନାହାନ୍ତି, ସବୁକିଛି ତାଙ୍କରି ଦ୍ୱାରା ହୋଇଥାଏ । ଏଭଳି କହିବାରେ କିଛି ଭୁଲ୍ ନାହିଁ । ଈଶ୍ୱରଙ୍କୁ ଏଇଭଳି ସମ୍ମାନ ଦେବା ଉଚିତ୍ । ଅଜ୍ଞାନ ପ୍ରଜାମାନଙ୍କୁ ଏଇଭଳି କହିଲେ ସେମାନେ ଈଶ୍ୱରଙ୍କୁ ସମ୍ମାନ ଦେଇଥା'ନ୍ତି । ସେମାନଙ୍କ ଭାବରେ ଈଶ୍ୱରଙ୍କ ପ୍ରତି ସମ୍ମାନ ଆଉ ଭକ୍ତି ବଢିଥାଏ । ମୁଁ ବୋଧ କରୁଥିବା ବାଣୀରେ ଈଶ୍ୱରଙ୍କ ମହାନତା ରହିଥାଏ । ସମସ୍ତଙ୍କୁ ସେହି ଏକୈକ ଈଶ୍ୱର ପରିଚାଳିତ କରିଥା'ନ୍ତି ବୋଲି କହେ । ଏଭଳି କହିବା ମୋର କର୍ତ୍ତବ୍ୟ, କିନ୍ତୁ ଈଶ୍ୱର ବାସ୍ତବରେ ଏଭଳି ନୁହନ୍ତି ବୋଲି ଜାଣି ମଧ୍ୟ ଉପର ଦେଖାଣିଆ ମୁଁ ସେଭଳି କହୁଛି । ଈଶ୍ୱରଙ୍କ ପ୍ରତି ମୋ'ଭିତରେ ଏକ ପ୍ରକାରର ଭାବ ରହିଥିବାବେଳେ, ମୁଁ ବାହାରକୁ ଆଉଗୋଟିଏ ଭାବନେଇ କହିଥାଏ । ନିହାତି ଏଇଭଳି ହିଁ କହିବାକୁ ହୁଏ । ଶୁଣୁଥିବା ଲୋକମାନେ ଯଦି ଜ୍ଞାନୀ ହୋଇଥିବେ ତେବେ ସେମାନଙ୍କୁ ଏଭଳି କହିବା ଦରକାର ନାହିଁ । ସେତେବେଳେ ମୋ'ଭିତରେ ଥିବା ଭାବକୁ କହିଲେ ଚଳିବ । ଆପଣ କିଛି ଜ୍ଞାନର୍ଜନ କରି ଆଧ୍ୟାତ୍ମିକ ବିଦ୍ୟା କ'ଣ ବ୍ରହ୍ମବିଦ୍ୟା ବୋଲି ପଚାରିଛନ୍ତି । ତେଣୁ ଏବେ ଆପଣଙ୍କୁ ସତ୍ୟ କହିବାକୁ ପଡିଛି ।

**ପ୍ରଶ୍ନ– ଆପଣ ଈଶ୍ୱର ମଣିଷକୁ ରକ୍ଷାକରନ୍ତି କହିଲେ ବୋଲି ଭାବନ୍ତୁ, ସେତେବେଳେ ଆପଣ ସତ କହୁଛନ୍ତି, କି ମିଛ କହୁଛନ୍ତି ? ଈଶ୍ୱର କରୁଣାମୟ, ଦୟାସାଗର ବୋଲି ଗ୍ରନ୍ଥରେ ଲେଖାଯାଇଛି !**

**ଉତ୍ତର :–** ଈଶ୍ୱରଙ୍କର ବା ପରମାତ୍ମାଙ୍କର ପ୍ରାଥମିକ ଧର୍ମଗୁଡିଏ ରହିଛି, ସେ ତାଙ୍କ ଧର୍ମ ଅନୁସାରେ ରହିଥିବାରୁ ସେଗୁଡିକୁ ଅତିକ୍ରମ କରି କିଛି କରନ୍ତି ନାହିଁ । ଗ୍ରନ୍ଥରେ ଲେଖାଯାଇଛି ସତକଥା, ତା'ର ଅର୍ଥ ନୁହେଁ ଯେ,

ସେଠାରେ ଯାହା ଲେଖାଯାଇଛି ତାହା ସତକଥା ! ତାହା ଆମେ ଭଲରେ ବୁଝିଯାଇଛେ ବୋଲି କାହିଁକି ଭାବିବା ? ଗ୍ରନ୍ଥରେ ଯାହା ଲେଖାଯାଇଛି ତାହା ସଠିକ ବୁଝି ନପାରିବା ଦ୍ୱାରା ଆମେ ଭୁଲ ତଥ୍ୟକୁ ଗ୍ରହଣ କରି ଅବାଟରେ ଯାଉଛେ । ଈଶ୍ୱର ତାଙ୍କ ପ୍ରାଥମିକ ଧର୍ମ ଅନୁସାରେ କ୍ରିୟା ରହିତ ହୋଇ ରହିଛନ୍ତି । ସେଥିଲାଗି ସେ କିଛି କରନ୍ତି ନାହିଁ, **"ସେ କାହାକୁ ରକ୍ଷା କରନ୍ତି ନାହିଁ, ତାଙ୍କର ଦୟା ନାହିଁ କି କରୁଣା ମଧ୍ୟ ନାହିଁ"** । ଏଠାରେ ଗ୍ରନ୍ଥରେ ଦୟାମୟ କାହିଁକି ଲେଖାଯାଇଛି ବୋଲି ଆପଣ ଭାବିପାରନ୍ତି । ତା'ର ଜବାବ ଏଭଳି ରହିଛି ଦେଖନ୍ତୁ । ଏକଥା ଦୈବଗ୍ରନ୍ଥରେ ଲେଖାଯାଇଛି । ଈଶ୍ୱର ଦୟାମୟ ଲେଖାଯିବା ବେଳେ, ସେ ବିପଦରୁ ରକ୍ଷା କରନ୍ତି ଲେଖାଯିବା ବେଳେ, ଏହି ବାକ୍ୟ ହିଁ ଈଶ୍ୱରଙ୍କ ପ୍ରାଥମିକ ଧର୍ମକୁ ଭଙ୍ଗ କରୁଛି । ତାଙ୍କ ସମ୍ମାନାର୍ଥେ ଏଭଳି କହିଲେ ଚଳିବ ସିନା, ତାହା ହିଁ ସତ୍ୟ ଭାବିଲେ ଈଶ୍ୱରଙ୍କ ବ୍ୟତିରେକ ହେବାଭଳି ହେବ । ଯେଉଁମାନେ ଦୈବଗ୍ରନ୍ଥକୁ ସମ୍ମାନ ଦିଅନ୍ତି, ମୂଲ୍ୟ ଜାଣନ୍ତି ସେମାନେ ଗ୍ରନ୍ଥର ସତ୍ୟକୁ ଗ୍ରହଣ କରିବା ଉଚିତ୍ ସିନା ଭୁଲ୍ ବୁଝିବା ଉଚିତ୍ ନୁହେଁ । ଈଶ୍ୱର ନାଆଁଟି ଶୁଣୁ ଶୁଣୁ ସେ ଜଣେ ବୋଲି ହଠାତ୍ କାହିଁକି ଭାବିଦେଉଛନ୍ତି ! ଈଶ୍ୱର ବା ପରମାତ୍ମା ତିନି ଭାଗ ହୋଇ ରହିଛନ୍ତି ବୋଲି କାହିଁକି ମନେ ପକାଉ ନାହାନ୍ତି ! ଈଶ୍ୱର ବା ପରମାତ୍ମା ତିନି ଭାଗ ହୋଇ ରହିଛନ୍ତି ବୋଲି ଜାଣିଥିବା ବ୍ୟକ୍ତି ହିଁ ଜ୍ଞାନୀ ବୋଲି କହିପାରିବା ।

ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗରେ ଥିବା ୧୬/୧୭ତମ ଶ୍ଳୋକରେ ଯାହା କହିଛନ୍ତି, ସେହି କଥା ଅନୁସାରେ ଈଶ୍ୱର ଏକସ୍ୱରୂପ ହୋଇ ରହି ନାହାନ୍ତି । ସେ ଆଉ ଦୁଇଟି ପାତ୍ର ଭାବରେ ମଧ୍ୟ ବିଭାଜିତ ହୋଇ ରହିଛନ୍ତି । ଏବେ ଅସଲ ବିଷୟ ଦେଖିବା । ଈଶ୍ୱର ଦୟାମୟ କହିବା କଥା ତିନି ଭାଗ ହୋଇ ବା ତିନି ପାତ୍ର ହୋଇ ରହିଥିବା ଈଶ୍ୱରଙ୍କ ନିମନ୍ତେ ବୁଝିହୁଏ କି ? ବୋଲି ପ୍ରଶ୍ନକରି ଦେଖିଲେ ଈଶ୍ୱରଙ୍କ ଧର୍ମ ଅନୁସାରେ ତାଙ୍କ

ନିମନ୍ତେ ଏଠାରେ କୁହାଯାଇ ନାହିଁ ବୋଲି ବୁଝାପଡୁଛି । ତିନି ପାତ୍ରରୁ ଏକ ପାତ୍ର ଗଲାପରେ ଆହୁରି ଦୁଇଜଣ ରହିଛନ୍ତି ! ସେମାନଙ୍କ ଭିତରୁ ଜଣେ ଜୀବ ଆଉଜଣେ ଆତ୍ମା । ଈଶ୍ୱରଙ୍କ ଧର୍ମ ଅନୁସାରେ ସେ କିଛି ନୁହନ୍ତି, କିଛି କରନ୍ତି ନାହିଁ । ଦ୍ୱିତୀୟପାତ୍ର ଆତ୍ମା ଥିବାବେଳେ ତୃତୀୟ ପାତ୍ର ଜୀବାତ୍ମା । ପ୍ରଥମପାତ୍ର ଈଶ୍ୱର ବା ପରମାତ୍ମା ହୋଇଥିବା ସ୍ଥଳେ ଦ୍ୱିତୀୟପାତ୍ର ଆତ୍ମା ଏବଂ ତୃତୀୟପାତ୍ର ଜୀବାତ୍ମା । ଈଶ୍ୱର ତାଙ୍କ ଧର୍ମ ଅନୁସାରେ କିଛି କରନ୍ତି ନାହିଁ, ଜୀବାତ୍ମା ତା'ର ଧର୍ମ ଅନୁସାରେ କିଛି କରିପାରେ ନାହିଁ । ଈଶ୍ୱର ସବୁକିଛି କରିପାରୁଥିଲେ ମଧ୍ୟ ତାଙ୍କ ଧର୍ମ ଅନୁସାରେ ସେ କିଛି ନକରି ରହିଛନ୍ତି । ଜୀବ ମଧ୍ୟ ତା' ଧର୍ମରେ ରହିଛି । ଏଇ ହିସାବରେ ଈଶ୍ୱରଙ୍କଠାରୁ ହୋଇଥିବା ଦୁଇଭାଗ ଅର୍ଥାତ୍ ଜୀବାତ୍ମା, ପରମାତ୍ମା ଉଭୟ କିଛି ନକରି ରହିଥା'ନ୍ତି, କିନ୍ତୁ ଦୈବଗ୍ରନ୍ଥରେ ଈଶ୍ୱର ରକ୍ଷାକରନ୍ତି ନାମକ କଥା କ'ଣ ହେବ ! କହିଲେ, ଏକଥା ବ୍ୟର୍ଥ ନହୋଇ ରକ୍ଷା କରିବା, ଏବଂ ଦଣ୍ଡଦେବା ପାଇଁ ମଝିରେ ରହିଥା'ନ୍ତି ଦ୍ୱିତୀୟପାତ୍ର ଆତ୍ମା । ସେହି ଆତ୍ମା ହିଁ ସବୁକାର୍ଯ୍ୟ କରି. କରାଉଛନ୍ତି । ଈଶ୍ୱର ଦେଇଥିବା କଥାକୁ କାର୍ଯ୍ୟରେ ପରିଣତ କରନ୍ତି, ତାଙ୍କର ସମସ୍ତ କାର୍ଯ୍ୟକୁ ସେ ହିଁ କରିଥା'ନ୍ତି ।

ଯଦି ଈଶ୍ୱର ହିଁ ମାନବର ପିତା ବୋଲି କହିବା, ଏହି କଥା ଅନୁସାରେ ବାସ୍ତବରେ ଈଶ୍ୱର (ପରମେଶ୍ୱର) ପିତା ନହେଲେ ମଧ୍ୟ, ଈଶ୍ୱରଙ୍କର ଭାଗ ହୋଇଥିବା ଆତ୍ମା ମଣିଷର ପିତା ହୋଇ ରହିଛନ୍ତି ବୋଲି କହିପାରିବା । ପ୍ରପଞ୍ଚରେ ଆତ୍ମା କରିପାରୁ ନଥିବା କାର୍ଯ୍ୟ କିଛି ନାହିଁ । ଆତ୍ମା ସର୍ବଦା କାର୍ଯ୍ୟରତ । ଆତ୍ମା ସବୁକିଛି କରିଥା'ନ୍ତି ବୋଲି ମୋତେ ଜଣାଥିଲେ ମଧ୍ୟ, ମୁଁ ଅନ୍ୟମାନଙ୍କୁ ଜ୍ଞାନ କହିବାବେଳେ ଆତ୍ମା କରୁଥିବା କାର୍ଯ୍ୟଗୁଡିକୁ ଈଶ୍ୱର କରିଥା'ନ୍ତି ବୋଲି ଈଶ୍ୱରଙ୍କ ସମ୍ମାନାର୍ଥେ କହିଥାଏ । ଏହିଭଳି କହି ଗ୍ରନ୍ଥଗୁଡିକରେ ମଧ୍ୟ ଆତ୍ମା କରୁଥିବା କାର୍ଯ୍ୟଗୁଡିକୁ ଆତ୍ମା କରୁଛନ୍ତି ବୋଲି ନକହି ଈଶ୍ୱର କରୁଛନ୍ତି ବୋଲି କହୁଛି । ଏଭଳି କହିବା କ'ଣ ଦରକାର ?

ସବୁକିଛି ଆତ୍ମା କରୁଛନ୍ତି ବୋଲି କାହିଁକି କହିବା ନାହିଁ ? ବୋଲି ଯଦି କେହି ପଚାରେ ତା'ର ସମାଧାନ ଆପଣ ନିମ୍ନମତେ କହିବା ଉଚିତ୍ ।

ଆତ୍ମା ଶରୀରରେ ମିଶି ରହିଛନ୍ତି, ସେ ଶରୀରରେ ଲୁଚି ରହିଛନ୍ତି, ଆଉ ଏକଭଳି କହିଲେ ସେ ଲୁଚି ରହିବା ପାତ୍ର ! ଲୁଚି ରହିଥାନ୍ତି, ତେଣୁ ବହିର୍ଗତ ହେବା ଅନୁଚିତ୍ । ଆତ୍ମା ବାହାରକୁ ଜଣାନପଡି ରହିବା ଉଚିତ୍ । ଈଶ୍ୱର କୌଣସି କାର୍ଯ୍ୟ କରନ୍ତି ନାହିଁ । ସେହିଭଳି ଜୀବାତ୍ମା କୌଣସି କାର୍ଯ୍ୟ କରିବା ପାଇଁ ଅଯୋଗ୍ୟ । ଈଶ୍ୱର ଯୋଗ୍ୟ ହୋଇଥିଲେ ମଧ୍ୟ କରନ୍ତି ନାହିଁ । ହେଲେ ଆମେ ଆମକୁ ଜଣାଥିବା ଜ୍ଞାନ ଅନୁସାରେ ଈଶ୍ୱରଙ୍କ ସମ୍ମାନାର୍ଥେ ଈଶ୍ୱର ସବୁକିଛି କରିଥାନ୍ତି ବୋଲି କହୁଛୁ । ସେହିଭଳି ଆମକୁ ଜଣାନଥିବା ଜ୍ଞାନ ଅନୁସାରେ, ଜଣାଥିବା ଅଜ୍ଞାନ ଅନୁସାରେ ଜୀବ କିଛି କରୁନଥିଲେ ମଧ୍ୟ ସବୁ କରୁଛି ବୋଲି କହୁଛେ । ବାସ୍ତବରେ ଜୀବାତ୍ମା ପରମାତ୍ମା (ଈଶ୍ୱର) କିଛି କରନ୍ତି ନାହିଁ; ତଥାପି ସେମାନେ ଉଭୟ କାର୍ଯ୍ୟ କରୁଥିବା ଭଳି କୁହାଯାଆନ୍ତି । ବାସ୍ତବର ସୂତ୍ରଧାରୀ, ସର୍ବକର୍ତ୍ତା ଆତ୍ମା ହୋଇଥିଲେ ମଧ୍ୟ ଆତ୍ମା ବାବଦରେ କେହି ଜାଣନ୍ତି ନାହିଁ କି ଭାବନ୍ତି ନାହିଁ, ଅର୍ଥାତ୍ ସେ ଥାଇ ମଧ୍ୟ ନଥିବା ଭଳି ! କାହାକୁ ଜଣାଯିବା ସ୍ଥିତିରେ ସେ ନଥାନ୍ତି । ତେଣୁ ଆତ୍ମା ଶରୀରରେ ସମାହିତ ହୋଇ କାହାକୁ ଜଣାନପଡି ତାଙ୍କ କାର୍ଯ୍ୟ ସେ ଅହରହ କରିଚାଲିଛନ୍ତି । ଯେଉଁଠାରେ ଈଶ୍ୱର ସବୁ କରୁଛନ୍ତି ବୋଲି କହୁଛେ ସେଠାରେ କରିଥିବା ବାସ୍ତବ ପାତ୍ର ହେଉଛନ୍ତି ଆତ୍ମା । ହେଲେ ଆତ୍ମା କରୁଥିବା କାର୍ଯ୍ୟଗୁଡିକୁ ଅଜ୍ଞାନତାରେ ରହି ଜୀବ ମୁଁ କରୁଛି ବୋଲି ଭାବିଥାଏ । ସେହିଭଳି ଜ୍ଞାନୀମାନେ ଆତ୍ମା କରୁଥିବା କାର୍ଯ୍ୟଗୁଡିକୁ ଈଶ୍ୱର କରିଥାନ୍ତି ବୋଲି କହିଥାନ୍ତି ।

ଆତ୍ମା କରୁଥିବା କାର୍ଯ୍ୟଗୁଡିକୁ ଈଶ୍ୱର କରୁଛନ୍ତି କହିବା ତାଙ୍କୁ ସମ୍ମାନଦେବା ଭଳି ହୋଇଥାଏ । ଏଭଳି କହିବା ଯଥାର୍ଥ ହୋଇଥାଏ ସିନା ଅଜ୍ଞାନତା ନୁହେଁ । ଘରେ ପୁଅ ଯାହାକିଛି ଭଲକାର୍ଯ୍ୟ କରୁ ତାହା ତାର ବାପା

ନାଆଁରେ କହିବା କେତେଭଲ କଥା ! ସେହିଭଳି ଆତ୍ମା କାର୍ଯ୍ୟ କରୁଥିଲେ ମଧ୍ୟ ଈଶ୍ୱର ହିଁ ସବୁ କରିଥା'ନ୍ତି କହିଲେ, ତାଙ୍କୁ ସମ୍ମାନ ଦେବାଭଳି ହୋଇଥାଏ । ଆତ୍ମା କାର୍ଯ୍ୟଗୁଡିକୁ କରୁଥିଲେ ମଧ୍ୟ, ଜୀବାତ୍ମା ସେସବୁ ମୁଁ କରୁଛି ବୋଲି ଭାବିବା, କହିବା ଦ୍ୱାରା ଜୀବର ସମ୍ପୂର୍ଣ୍ଣ ଅଜ୍ଞାନତା ହୋଇଥାଏ । ଆତ୍ମା କାର୍ଯ୍ୟ କରିଥାନ୍ତି ବୋଲି ଜୀବାତ୍ମାକୁ ଜଣା ନଥିଲେ ମଧ୍ୟ ଯାହା ହେଉଛି ସବୁ ଈଶ୍ୱର କରୁଛନ୍ତି ବୋଲି ସେ ଯଦି ଭାବନ୍ତା ଚଳିଯାଆନ୍ତା ! କାହିଁକି ନା !! ଏମିତି କହିବା ଦ୍ୱାରା ପାପପୁଣ୍ୟ ନାମକ କର୍ମବନ୍ଧନରେ ସେ ପଡନ୍ତା ନାହିଁ, କିନ୍ତୁ ଜୀବାତ୍ମା ଏଭଳି ନଭାବି ଯାହା କରୁଛି ସବୁ ମୁଁ କରୁଛି, ମୁଁ ନକଲେ ହୁଅନ୍ତା ନାହିଁ ଭାବିବା ଦ୍ୱାରା କରୁଥିବା କାର୍ଯ୍ୟରୁ ପାପପୁଣ୍ୟ ନାମକ କର୍ମ ଆସି ଜୀବକୁ ବନ୍ଧନରେ ପକାଇଥାଏ । ବାସ୍ତବରେ ହେଉଥିବା କାର୍ଯ୍ୟ ସହିତ ଜୀବାତ୍ମାର କୌଣସି ସମ୍ପର୍କ ନଥାଏ । ଆତ୍ମା କରାଉଥିବା କାର୍ଯ୍ୟଗୁଡିକ ଶରୀର ଦ୍ୱାରା ହେଉଥିବାରୁ ଶରୀରରେ ଆତ୍ମା ମିଶିରହିଛି ବୋଲି ନଜାଣି, ଆତ୍ମା ବିଷୟକୁ ନବୁଝି, ଏ ଶରୀରରେ କେବଳ ମୁଁ ଅଛି ଭାବି ଈଶ୍ୱରଙ୍କୁ ମଧ୍ୟ ଭୁଲିଯାଇ, ସର୍ବ କାରଣର କାରଣ ମୁଁ ବୋଲି ଭାବିବା ଦ୍ୱାରା କରିନଥିବା କର୍ମଫଳ ମଧ୍ୟ ଜୀବର କର୍ମଚକ୍ରରେ ପ୍ରବେଶ କରିଯାଉଛି । ଏହିଭଳି ଅନାବଶ୍ୟକ ଭାବରେ ଜୀବ ନିଜର ଭାବ ଦ୍ୱାରା ମୁଣ୍ଡରେ କର୍ମକୁ ଗଚ୍ଛିତ କରିଆସୁଛି । ଏସବୁକୁ ଜୀବର ଅଜ୍ଞାନତା ବୋଲି କହିପାରିବା ।

ଏ ପ୍ରଶ୍ନର ପୂର୍ବ ପ୍ରଶ୍ନରେ ଆଧ୍ୟାତ୍ମିକ ବିଦ୍ୟା ଏବଂ ବ୍ରହ୍ମବିଦ୍ୟା ଭିତରେ ଥିବା ପାର୍ଥକ୍ୟ ପଚାରି ଦୁଇଟିଯାକ କଣ ଏକାଭଳି ? ବୋଲି ପ୍ରଶ୍ନ କରିଥିଲେ । ସାରାବିଶ୍ୱରେ ଯେତେ ବିଦ୍ୟା ଅଛି ତା' ଭିତରୁ ନିଶ୍ଚୟ ଗୋଟିଏ ବିଦ୍ୟା ସବୁଠାରୁ ବଡ, ତାହା ହିଁ ଦୈବବିଦ୍ୟା ହୋଇଥିବା ବ୍ରହ୍ମବିଦ୍ୟା ବୋଲି ମୁଁ ଉତ୍ତର ଦେଇଥିଲି । ଏବେ ପରମାତ୍ମାଙ୍କୁ ବା ଈଶ୍ୱରଙ୍କୁ ଚିହ୍ନାଇ ପାରୁଥିବା ବିଦ୍ୟା ହିଁ ନାହିଁ ବୋଲି କହୁଛି । ଯଦି

ଭୁଲ୍ ବଶତଃ ଅଛି ବୋଲି ଭାବିବା ତେବେ, **ଈଶ୍ୱର (ପରମାତ୍ମା) କୌଣସି ଏକ ବିଦ୍ୟାଦ୍ୱାରା ଜଣାପଡନ୍ତି ବା ଈଶ୍ୱର ଏକ ବିଦ୍ୟାରେ ସୀମିତ ଅଛନ୍ତି କହିବା ଭଳି ହେବ । ବାସ୍ତବରେ ଈଶ୍ୱର କୌଣସି ବିଦ୍ୟା ଦ୍ୱାରା ଜଣାଯାଇ ପାରନ୍ତି ନାହିଁ । ସେ କୌଣସି ବିଦ୍ୟାରେ ପରିମିତ ନୁହନ୍ତି ।** ବୋଧହୁଏ ଆଜି ମୁଁ ଯାହା କହୁଛି ତାହା ଅନ୍ୟ କେହି କେଉଁଠାରେ କହୁଥିବା ଶୁଣି ନଥିବେ । ଯାହା ଲେଖୁଛି ତାହା ଅନ୍ୟ କେହି ଲେଖି ନଥିବେ । ଈଶ୍ୱରଙ୍କ ବାବଦରେ ସମସ୍ତେ ଗୋଟିଏ ପ୍ରକାର କହୁଥିବା ବେଳେ, ଏବେ ଆମ କଥାରେ ଈଶ୍ୱର ଜ୍ଞାନ ଦ୍ୱାରା ମଧ୍ଯ ଜଣାପଡନ୍ତି ନାହିଁ କହିବା ନିଶ୍ଚୟ ବିଚିତ୍ର ଲାଗୁଥିବ । ଏତେକଥା କାହିଁକି ଏହା ପୂର୍ବରୁ ମୁଁ ନିଜେ ଯେଉଁକଥା ସବୁ କହିଥିଲି ତାଠାରୁ ଏବେ ଅଲଗା କଥା କହୁଥିବା ବାସ୍ତବତାକୁ ଜାଣି ମୋ ମୁଣ୍ଡ ମଧ୍ଯ ଖରାପ ହୋଇଯାଉଛି, କିନ୍ତୁ ଏକଥା ସତ ଯେ, ଏବେ ଯାହା କହୁଛି ତାହା ନିରାଟ ସତ୍ୟ । ଏହା ପୂର୍ବରୁ କହିଥିଲି ଈଶ୍ୱରଙ୍କ ବାବଦରେ, ଏବେ କହୁଛି ଆତ୍ମାଙ୍କ ବାବଦରେ । ଏହା ପୂର୍ବରୁ ଯାହା କହୁଥିଲି ତାହା ଈଶ୍ୱରଙ୍କ ସମ୍ମାନାର୍ଥେ କହୁଥିଲି ସିନା ତାହା ବାସ୍ତବ କଥା ନଥିଲା । ଜ୍ଞାନୀ ହେଲେ ମଧ୍ଯ ଯେଉଁମାନେ ସମ୍ପୂର୍ଣ୍ଣ ଜ୍ଞାନୀ ନୁହନ୍ତି ସେମାନଙ୍କୁ ମୁଁ ଏବେ ମଧ୍ଯ କହୁଛି ଯେ, ଈଶ୍ୱରଙ୍କୁ ସେମାନେ ବ୍ରହ୍ମବିଦ୍ୟାଶାସ୍ତ୍ର ପଢିଲେ ଜାଣିପାରିବେ । ସତ୍ୟ ମୋ ଭିତରେ ଥିଲେ ମଧ୍ଯ ସନ୍ଦର୍ଭାନୁସାରେ ସେମାନଙ୍କୁ ସେହିଭଳି କହି ବୁଝାଇବାକୁ ହୋଇଥାଏ । ସେଥିଲାଗି ଏଭଳି କହିଥିଲି, ସେହିକଥା ହିଁ ସମ୍ପୂର୍ଣ୍ଣ ଜ୍ଞାନୀମାନଙ୍କୁ ସତ୍ୟ କହିବା ଭଳି ହୋଇଥାଏ । ତେଣୁ ଏବେ ଭିତରେ ମିଶି ରହିଥିବା ଆତ୍ମାଙ୍କୁ ବହିର୍ଗତ କରି, ଈଶ୍ୱର ସ୍ୱତନ୍ତ୍ର ଭାବେ ରହି, ସାକ୍ଷୀ ଭାବେ ଦେଖୁଥାନ୍ତି, ଆତ୍ମା ସବୁକିଛି କରିଥାନ୍ତି ବୋଲି କହୁଛି । ଏକଥା ସମସ୍ତେ କହିପାରିବେ ନାହିଁ ବୋଲି ଜାଣନ୍ତୁ ।

**ବ୍ରହ୍ମବିଦ୍ୟା କହିଲେ ସବୁଠାରୁ ବଡବିଦ୍ୟା ।** ବ୍ରହ୍ମ ଅର୍ଥ ବଡ । ସାରା ପ୍ରପଞ୍ଚରେ ସବୁଠାରୁ ବଡ କିଏ ? ବୋଲି ପଚାରିଲେ ଜାଣି ନଥିବା ଲୋକମାନଙ୍କୁ ଈଶ୍ୱର ହିଁ ସବୁଠାରୁ ବଡ ବୋଲି କହିଲେ ଭୁଲ୍ ହେବ । କାରଣ ! ଈଶ୍ୱରଙ୍କୁ ଏକ ସୀମା ଭିତରକୁ ଆଣି କଥା କହିବା ଭଳି ହେବ, ଈଶ୍ୱର ଅମୁକ ମାପର ବୋଲି କହିବା ଭଳି ହୋଇଯିବ । ସତ୍ୟ ଏଇଆ ଯେ, ଈଶ୍ୱର କୌଣସି ମାପର ନୁହନ୍ତି । ଆହୁରି ମଧ୍ୟ ସମ୍ପୂର୍ଣ୍ଣ ଜ୍ଞାନ ଜଣାଥିବା ଲୋକମାନଙ୍କ ପାଖରେ ସବୁଠାରୁ ବଡ ଈଶ୍ୱର ନକହି ଆତ୍ମା ବୋଲି ମୁଁ କହିଥାଏ । ଈଶ୍ୱରଙ୍କ ପରେ ଆତ୍ମା, ତେଣୁ ସବୁଠାରୁ ବଡ ଆତ୍ମା ବୋଲି କହିବାରେ କିଛି ଭୁଲ୍ ନଥାଏ । ସତରେ ଏଇ କଥା ହିଁ ସତକଥା । ଈଶ୍ୱରଙ୍କ ବାବଦରେ କିଛି ଜଣାଥିବା ଲୋକମାନଙ୍କୁ ଈଶ୍ୱରଙ୍କ ବାବଦରେ କହିବା ଉଚିତ୍ । ଈଶ୍ୱରଙ୍କ ବାବଦରେ ଅଧିକ ଜାଣିଥିବା ଲୋକମାନଙ୍କୁ, ଈଶ୍ୱରଙ୍କ ବାବଦରେ ନ କହି ଈଶ୍ୱରଙ୍କ ପରେ ଥିବା ଆତ୍ମାଙ୍କ ବାବଦରେ କହିବା ଉଚିତ୍ ।

ଆଧ୍ୟାତ୍ମିକ କହିଲେ ଆତ୍ମାର ଅଧ୍ୟୟନ କରିବା । **ଆତ୍ମାଙ୍କୁ ଅଧ୍ୟୟନ କରି ପାରିବା ସିନା, ଈଶ୍ୱର ବା ପରମାତ୍ମାଙ୍କୁ ଅଧ୍ୟୟନ କରିବା ଅସମ୍ଭବ । ଈଶ୍ୱର କାହାର ଭାବନାରେ ମଧ୍ୟ ଆସନ୍ତି ନାହିଁ, କୌଣସି ପରିଶୀଳନରେ ତାଙ୍କୁ ଜଣାଯାଇପାରେ ନାହିଁ** । ତାହେଲେ କ'ଣ ଈଶ୍ୱରଙ୍କ ବାବଦରେ କେହି କହିପାରିବେ ନାହିଁ ? ତାଙ୍କ ବାବଦରେ ଜଣାଇ ପାରୁଥିବା ଲୋକ କ'ଣ କେହି ନାହାନ୍ତି ? ବୋଲି ପ୍ରଶ୍ନ କରିପାରନ୍ତି । ସାରା ଭୂମଣ୍ଡଳରେ ବଞ୍ଚି ରହିଥିବା କେହି ଜଣେ ମଧ୍ୟ ତାଙ୍କୁ ଦେଖି ନାହାନ୍ତି କି ତାଙ୍କୁ ଚିହ୍ନି ନାହାନ୍ତି ବୋଲି କହିବା ଉଚିତ୍ । ସମ୍ପୂର୍ଣ୍ଣ ଜ୍ଞାନୀ ହେଉ ବା ସମ୍ପୂର୍ଣ୍ଣ କର୍ମକୁ ଦହନ କରିଥିବା ଯୋଗୀ ହେଉ ସେ ମୃତ୍ୟୁବରଣ କରି ମୋକ୍ଷ ପାଇବା ପରେ ତାଙ୍କୁ ଦେଖିପାରେ । ତାଙ୍କଠାରେ ଐକ୍ୟ ହେବା ପରେ ତାଙ୍କ ବାବଦରେ ଜାଣିପାରିବା ଭଳି ହୋଇଥାଏ । ତେଣୁ ବଞ୍ଚିଥିବା କେହି

ଜଣେ ମଧ୍ୟ ତାର ମରଣ ପର୍ଯ୍ୟନ୍ତ ଯେତେ ଚେଷ୍ଟା କଲେ ମଧ୍ୟ ଈଶ୍ୱରଙ୍କୁ ଜାଣି ପାରିବ ନାହିଁ କିମ୍ବା ଦେଖିପାରିବ ନାହିଁ ।

ଆଧ୍ୟାତ୍ମିକ କହିଲେ ଆତ୍ମାର ଅଧ୍ୟୟନ କରିବା । ଆଉ ଟିକିଏ ଅଧିକ କହିଲେ ଆଧ୍ୟାତ୍ମିକ ହେଉଛି ଆତ୍ମା ବାବଦରେ ଜାଣିବା । ଆତ୍ମା ବାବଦରେ ଜଣାଇ ଦେଉଥିବା କେନ୍ଦ୍ରକୁ ଆମେ ବିଶ୍ୱ ବିଦ୍ୟାଳୟ ବୋଲି କହୁଛୁ । ବାହାରେ ଶାସ୍ତ୍ରବୋଧ କରୁଥିବା ବୋଧନାଳୟ ଗୁଡିକୁ ବିଶ୍ୱ ବିଦ୍ୟାଳୟ କହନ୍ତି ବୋଲି ଶୁଣିଛୁ, କିନ୍ତୁ ସେଗୁଡିକ ସେଭଳି ପଦବାଚ୍ୟ ହେବା ଉଚିତ୍ ନୁହେଁ, ଯେଉଁଠାରେ ଆତ୍ମା ବିଦ୍ୟା ବୋଧ କରାଯାଉଛି ସେହି ସ୍ଥାନକୁ ବିଶ୍ୱବିଦ୍ୟାଳୟ କହିପାରିବା । ଏହି ବିଶ୍ୱବିଦ୍ୟାଳୟ ଦୁଇ ପ୍ରକାରର ରହିଥାଏ ବୋଲି ଜଣାଯାଉଛି । ଗୋଟିଏ ସ୍ଥୁଳ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟଟି ସୂକ୍ଷ୍ମ ବିଶ୍ୱବିଦ୍ୟାଳୟ । ଏଭଳି ବିଶ୍ୱବିଦ୍ୟାଳୟ ସ୍ଥୁଳ, ସୂକ୍ଷ୍ମ ହୋଇ ରହିଛି ? ବୋଲି ପ୍ରଶ୍ନକରି ଦେଖିଲେ, ଈଶ୍ୱର ତାଙ୍କ ଜ୍ଞାନ ଜଣାଇବା ନିମନ୍ତେ, ଅଧର୍ମକୁ ନିର୍ମୂଳ କରିବା ନିମନ୍ତେ ଭୂପୃଷ୍ଠକୁ ଆସିବାକୁ ଇଚ୍ଛା କଲାବେଳେ ମଣିଷଶରୀର ଧାରଣ କରି ଜ୍ଞାନ କହିଦେଇ ଚାଲିଯାଇଥାନ୍ତି । ଭଗବାନ ଆସିଥିଲେ ବୋଲି କେହି ଜାଣି ନଥିଲେ ମଧ୍ୟ ସେ କହିଯାଇଥିବା ଜ୍ଞାନ ବିଶ୍ୱବିଦ୍ୟା ସମ୍ପର୍କୀୟ ହୋଇଥାଏ । ତେଣୁ ଭଗବାନ ସ୍ଥୁଳତଃ ଯେଉଁଠାରେ ରହି ଜ୍ଞାନବୋଧ କରିଥାନ୍ତି ସେହି ସ୍ଥଳକୁ ବିଶ୍ୱବିଦ୍ୟାଳୟ କୁହାଯାଏ । ଭଗବାନ ପ୍ରାସାଦରେ ରହନ୍ତୁ କି ପତର କୁଡିଆରେ ରହନ୍ତୁ ସେ ଯେଉଁ ଜ୍ଞାନବୋଧ କରିଥାନ୍ତି ସେହି ଅନୁସାରେ ତାହା ବିଶ୍ୱବିଦ୍ୟାଳୟ ବୋଲାଇଥାଏ ।

ଦେଖାଯାଉ ନଥିବା ଈଶ୍ୱର ପ୍ରଜାମାନଙ୍କୁ ଜ୍ଞାନ କହିବା ନିମନ୍ତେ ଭଗବାନ ହୋଇ ଶରୀର ଧାରଣ କରି ଆସିବାକୁ ପଡିଥାଏ । ସେ ଏଭଳି ଆସିବାବେଳେ  କେହି ତାଙ୍କୁ ଚିହ୍ନି ନପାରିଲେ ମଧ୍ୟ ସେ ତାଙ୍କ ଜ୍ଞାନକୁ କୌଣସି ଉପାୟରେ ବୋଧ କରି ଚାଲିଯାଇଥା'ନ୍ତି । ଈଶ୍ୱର ଧର୍ମ ଅନୁସାରେ ସେ ସୂକ୍ଷ୍ମ ଭାବରେ ରହିଥିବା ବେଳେ ପ୍ରଜାମାନଙ୍କୁ ଜ୍ଞାନ କହିପାରି ନଥାନ୍ତି,

କାରଣ ! ଈଶ୍ୱର ଭାବରେ ସେ ମଣିଷ ସହିତ କୌଣସି ସମ୍ପର୍କ ରଖିନଥାନ୍ତି । ଈଶ୍ୱରଙ୍କର ମଣିଷ ସହିତ ଏଭଳି କୌଣଶି ପ୍ରତ୍ୟକ୍ଷ ସମ୍ପର୍କ ରହି ନଥିବାରୁ, ଈଶ୍ୱର ତାଙ୍କ ଜ୍ଞାନ ପ୍ରଜାମାନଙ୍କୁ ଜଣାଇବା ନିମନ୍ତେ, ସେ ଭଗବାନ ବେଶ ହୋଇ ଭୂମି ଉପରକୁ ଆସିଥା'ନ୍ତି । ଈଶ୍ୱରଙ୍କ ଜ୍ଞାନ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାକୁ ଜଣା ନଥିବାରୁ, ତାଙ୍କ ଜ୍ଞାନ ସେ ହିଁ କୌଣସି ଉପାୟରେ କୌଣସି ଯୋଜନାରେ କହି ଚାଲିଯାଇଥା'ନ୍ତି । ତେଣୁ ଈଶ୍ୱର ତାଙ୍କ ସଂକଳ୍ପ ଦ୍ୱାରା ଭଗବାନ ଭାବରେ ଅବତାର ଗ୍ରହଣକରି ଦୈବଜ୍ଞାନ କହିଥା'ନ୍ତି । ସୃଷ୍ଟି ଆରମ୍ଭରୁ ଈଶ୍ୱର କେତେଥର ଭଗବାନ ହୋଇ ଆସିଲେଣି ସଠିକ କହି ପାରିବା ନାହିଁ ସିନା, ଏବେ ଆମେ ଯେତିକି ଜାଣିଛୁ ସେ ଦ୍ୱାପର ଯୁଗର ଶେଷ ସମୟରେ ଥରେ ଆସିଥିଲେ ଏବଂ କଳିକାଳରେ ମଧ୍ୟ ଥରେ ଆସି ଚାଲିଯାଇଥିଲେ । ଏହି କଳିକାଳରେ ସେ ଆଉଥରେ ଅର୍ଥାତ୍ ତୃତୀୟ ଥର ଆସିବେ । ଈଶ୍ୱର ବା ପରମାତ୍ମା ସୂକ୍ଷ୍ମ ହୋଇଥିବା ସ୍ଥଳେ ଭଗବାନ ସ୍ଥୁଳ, ସେ ଆସି କହୁଥିବା ଜ୍ଞାନ ଦୈବଜ୍ଞାନ ବୋଲି କହିଲେ ମଧ୍ୟ, ତାହା ସିଧା ପରମାତ୍ମା ଜ୍ଞାନ ହୋଇନଥାଏ, କେବଳ ଆତ୍ମା ଜ୍ଞାନ ହୋଇ ରହିଥାଏ ।

"ଐଶ୍ୱରୀୟ ଜ୍ଞାନ ଈଶ୍ୱରଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଅଗୋଚର" ବୋଲି କହିବାପାଇଁ ଆଧାର ଭାବରେ ଅନ୍ତିମ ଦୈବଗ୍ରନ୍ଥରେ ଥିବା ୩ୟ ସୁରାର ସପ୍ତମ ଆୟତଟି ରହିଛି । ତାଛଡା ଈଶ୍ୱର ତାଙ୍କ ପ୍ରତିନିଧି ଭାବରେ ତାଙ୍କ ଆତ୍ମାଙ୍କୁ ପଠାଇଥାନ୍ତି କୋରାନ ଗ୍ରନ୍ଥର ୧୫ତମ ସୂରାର ୨୯ତମ ଆୟତରେ ଲେଖାଯାଇଛି । ଈଶ୍ୱର ଭଗବାନ ଭାବରେ ଶରୀର ଧାରଣ କରି ଆସିଥାନ୍ତି ବୋଲି ଭଗବଦ୍ଗୀତାର ଜ୍ଞାନଯୋଗ ନାମକ ଅଧ୍ୟାୟରେ କୁହାଯାଇଛି । ଈଶ୍ୱର ଭଗବାନ ହୋଇ ସ୍ଥୁଳ ଭାବରେ ଆସିବା ବେଳେ ସ୍ଥୁଳ ମଣିଷମାନଙ୍କ ସହିତ ବସବାସ କରି ସ୍ଥୁଳ ଭାବରେ ଜ୍ଞାନ ବୋଧ କରନ୍ତି, ସେତେବେଳେ ସେହି ଈଶ୍ୱରଙ୍କ ତିନିଭାଗରୁ ମଧ୍ୟମ ଭାଗ ହୋଇଥିବା ଆତ୍ମା ବିଷୟରେ କହିଥାନ୍ତି । ଆତ୍ମା ସମସ୍ତଙ୍କଠାରେ ରହୁଥିବାରୁ ତାଙ୍କୁ ସର୍ବଧାରୀ

କୁହାଯାଏ । ସେ ସମସ୍ତଙ୍କଠାରେ ଥିବାରୁ ତାଙ୍କୁ (ମଧ୍ୟାତ୍ମାଙ୍କୁ) ବିଶ୍ୱରୂପ ବୋଲି କୁହାଯାଏ । ମହାଭୂତ ହୋଇଥିବା ଆକାଶ, ବାୟୁ, ଅଗ୍ନି, ଜଳ, ଭୂମିରେ ଆତ୍ମା ରହିବା ଦ୍ୱାରା ସାରା ବିଶ୍ୱରେ ଆତ୍ମା ରହି ବିଶ୍ୱରୂପ ହୋଇ ପାରିଛନ୍ତି । ଆତ୍ମାଙ୍କ ବାବଦରେ ଭଗବଦ୍ଗୀତାରେ ଭଗବାନ କହିଥିଲେ ମଧ୍ୟ, ବାଇବେଲରେ କହିଥିଲେ ମଧ୍ୟ ଯାହା କୁହାଯାଇଛି ସବୁ ଦେଖାଯାଉ ନଥିବା ଈଶ୍ୱର ବା ପରମାତ୍ମାଙ୍କ ବାବଦରେ କୁହାଯାଇଛି ବୋଲି ହିସାବ କରିଛନ୍ତି, ହେଲେ ସେଠାରେ ଯାହା କୁହାଯାଇଥିଲା ତାହା ଆତ୍ମା ବାବଦରେ କୁହାଯାଇଛି ନବୁଝି ବାସ୍ତବ ଆତ୍ମାଜ୍ଞାନକୁ ହାତଛଡା କରିଦେଇଛନ୍ତି ।

ଆଜି ଆଶ୍ରମ, ଆଧ୍ୟାତ୍ମିକ ପିଠ ଇତ୍ୟାଦି ସ୍ଥାପନ କରିଥିବା ସ୍ୱାମୀଜୀମାନେ, ଆମେ ବାବା ବୋଲି କହୁଥିବା ଲୋକମାନେ ଅନେକ ଅଛନ୍ତି । ଆଜି ଅନେକ ସ୍ଥାନରେ ଆଧ୍ୟାତ୍ମିକ ପ୍ରବଚନ ଦିଆଯାଉଛି; ତଥାପି ଆତ୍ମା ବାବଦରେ କେଉଁଠାରେ ମଧ୍ୟ କୁହାଯାଉ ନାହିଁ । ଯାହାକୁ ଦେଖିଲେ ମଧ୍ୟ ଈଶ୍ୱରଙ୍କ ବାବଦରେ କହୁଛନ୍ତି ସିନା ଆତ୍ମାଙ୍କ ବାବଦରେ କେହି ମଧ୍ୟ କହୁନାହାନ୍ତି, ସେମାନଙ୍କ ତୁଣ୍ଡରୁ ଆତ୍ମା ଶବ୍ଦ ନାନା ରୂପରେ ବାହାରୁଥିଲେ ମଧ୍ୟ ଆତ୍ମା କହିଲେ କଅଣ ? କେହି ଟିକିଏ ଆଲୋଚନା କରୁନାହାନ୍ତି । ଆଜି ଭୂପୃଷ୍ଠରେ ଯେଉଁଠାରେ ଜ୍ଞାନବୋଧ କରାଯାଉଛି ସେଠାରେ ଜୀବାତ୍ମା, ପରମାତ୍ମା ବାବଦରେ କହୁଛନ୍ତି ସିନା ଜୀବାତ୍ମା, ପରମାତ୍ମା ମଝିରେ ଥିବା ଆତ୍ମେଶ୍ୱରଙ୍କ ବାବଦରେ କେହି କହୁନାହାନ୍ତି । ତେଣୁ ସେ ଦିଗରେ ପ୍ରଜାମାନଙ୍କୁ ହେଉ ଏ ଦିଗରେ ସ୍ୱମୀଜୀମାନଙ୍କୁ ହେଉ କୌଣସି ଆତ୍ମଜ୍ଞାନ ଜଣା ନାହିଁ ।

**ପ୍ରଶ୍ନ- ଆତ୍ମାଙ୍କ ବାବଦରେ କେହି ଜାଣିପାରି ନାହାନ୍ତି ବୋଲି ଆପଣ କହୁଛନ୍ତି । ହେଲେ ଆତ୍ମାଙ୍କ ବାବଦରେ ଆପଣ କିପରି ଜାଣିଲେ ? ବୋଲି ଆମଠାରେ ପ୍ରଶ୍ନ ଆସୁଛି । ଏହାର ସମାଧାନ କରନ୍ତୁ ।**

**ଉତ୍ତର:-** ଭୂପୃଷ୍ଠରେ ଜନ୍ମ ହୋଇଥିବା ସମସ୍ତ ସ୍ୱମୀଜୀମାନଙ୍କୁ ଆତ୍ମଜ୍ଞାନ

ଜଣା ନାହିଁ ବୋଲି ଈଶ୍ୱର ମୋତେ ପଠାଇଛନ୍ତି ତା'କି ସେମାନେ ମୋଠାରୁ ଜାଣନ୍ତୁ, ସେମାନେ ଆତ୍ମା ବାବଦରେ ମୋଦ୍ୱାରା ଜାଣିବେ, ଈଶ୍ୱର ସେହି ଉଦ୍ଦେଶ୍ୟରେ ମୋତେ ପଠାଇଛନ୍ତି ବୋଲି ମୁଁ ବୁଝିପାରିଛି । ତାଛଡା ମୁଁ ଜନ୍ମହେବା ଆଗରୁ ପ୍ରାୟ ୩୫୦ କିମ୍ବା ୪୦୦ ବର୍ଷ ପୂର୍ବେ ବୀରବ୍ରହ୍ମ ମହାଶୟ ତାଙ୍କ 'କାଳଜ୍ଞାନ'ରେ ମୋ' ବାବଦରେ ଅନେକ ବାକ୍ୟ ଲେଖିଛନ୍ତି । ତନ୍ମଧ୍ୟରୁ ଗୋଟିଏ ବାକ୍ୟରେ **"ମୁଁ ବୋଧ କରୁଥିବା ବାଣୀରେ ମଧ୍ୟାତ୍ମା ପ୍ରକାଶିତ ହେବେ"** ବୋଲି କହିଥିଲେ । "ଏଷ୍ୟ କାଳଜ୍ଞାନ" ନାମକ ଗ୍ରନ୍ଥରେ ଏକଥା ଦେଖିପାରିବେ । ସାରା ଦେଶରେ ରହୁଥିବା ସ୍ୱମୀଜୀମାନଙ୍କ ଦୃଷ୍ଟି 'ଜୀବ ଦୈବ' ଉପରକୁ ଚାଲିଯାଇଛି । ଜୀବଦୈବଙ୍କୁ ଜାଣିବା ହିଁ ଆଧ୍ୟାତ୍ମିକ କୁହାଯାଏ ବୋଲି କହୁଛନ୍ତି, ତାହାକୁ ହିଁ ବ୍ରହ୍ମବିଦ୍ୟା କହିଛନ୍ତି, ହେଲେ ମୋର ଯୁକ୍ତବୟସରୁ ମୁଁ ଜୀବାତ୍ମା, ପରମାତ୍ମାଙ୍କ ଉପରେ ଦୃଷ୍ଟିଦେବା ସହିତ ସ୍ୱତନ୍ତ୍ର ଭାବରେ ମଝିରେ ଥିବା ଆତ୍ମାଙ୍କ ଉପରେ ଦୃଷ୍ଟି ଦେଇଥିଲି । ତେଣୁ ଅଦ୍ୱୈତକୁ ଆଦିଶଙ୍କରାଚାର୍ଯ୍ୟ, ଦ୍ୱୈତସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ, ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିବା ଭଳି ମୁଁ **"ତ୍ରୈତ ସିଦ୍ଧାନ୍ତ"** ପ୍ରତିପାଦନ କରିଛି । **ଈଶ୍ୱର ତିନି ଭାଗ ହୋଇ ଅଛନ୍ତି ବୋଲି ଜଣାଉଥିବା ସିଦ୍ଧାନ୍ତକୁ ହିଁ ତ୍ରୈତ ସିଦ୍ଧାନ୍ତ କୁହାଯାଏ** । ମୁଁ ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରି ତନ୍ମଧ୍ୟରୁ ମଧ୍ୟାତ୍ମାଙ୍କ ବାବଦରେ ବିପୁଳ ଭାବରେ କହୁଛି । ମୁଁ ମଧ୍ୟାତ୍ମାଙ୍କ ବାବଦରେ ପ୍ରଚାର କରିବି ବୋଲି ଶ୍ରୀ 'ପୋତୁଲୁରୀ ବୀରବ୍ରହ୍ମ' ମହାଶୟ ତାଙ୍କ ରଚିତ ଏଷ୍ୟ କାଳଜ୍ଞାନ ନାମକ ଗ୍ରନ୍ଥରେ ଲେଖିଥିଲେ । ଆଜିକୁ ୪୦୦ ବର୍ଷ ତଳେ ମୁଁ ମଧ୍ୟାତ୍ମାଙ୍କ ବାବଦରେ ପ୍ରଚାର କରିବି ବୋଲି ମୋ' କଥା ବୀରବ୍ରହ୍ମଙ୍କୁ କିପରି ଜଣାଗଲା ମୁଁ ଜାଣିନି, ହେଲେ ଯାହା କହିଥିଲେ ତାହା ସତ ହେଲା, ତାଙ୍କ କଥା ଅନୁସାରେ ମୁଁ ତ୍ରୈତସିଦ୍ଧାନ୍ତ ପ୍ରତିପାଦିତ କରି କହିବା ସହିତ, କେହି କହିନଥିବା ଆତ୍ମା କଥା କହିଛି । ଆପଣ କିପରି ଜାଣିଲେ ? ଆପଣଙ୍କ ପ୍ରଶ୍ନ ହେଲେ, ମୋ ଆତ୍ମା ଉତ୍ତର ଏପରି କୁହାଇଛନ୍ତି ।

ଏବେ ଅସଲି ବିଷୟକୁ ଆସି ବିଶ୍ୱବିଦ୍ୟାଳୟ ବାବଦରେ କହିଲେ ବିଶ୍ୱବିଦ୍ୟାଳୟ ସ୍ଥୁଳଭାବେ ଅଛି, ସେହିଭଳି ସୂକ୍ଷ୍ମଭାବେ ମଧ୍ୟ ଅଛି । ଈଶ୍ୱର ଭଗବାନ ହୋଇ, ଦେଖାଯାଉଥିବା ମଣିଷ ରୂପରେ ଆସି ଯେଉଁଠାରେ ବାଣୀବୋଧ କରନ୍ତି ତାହା ବିଶ୍ୱବିଦ୍ୟାଳୟ ଭାବେ କଥିତ ହେବା ଉଚିତ୍ । ଯିଏ ସମଗ୍ର ବିଶ୍ୱରେ ଆତ୍ମାହୋଇ ବ୍ୟାପିରହିଛନ୍ତି, ଭଗବାନ ଆସି ସେହି ଆତ୍ମାଙ୍କ ବାବଦରେ କହିବାଦ୍ୱାରା, ସେହି ବାଣୀ ଗୋଟିଏ ସ୍ଥାନରୁ ବହିର୍ଗତ ହେବାଦ୍ୱାରା, ସେହି ଏକୈକ ସ୍ଥାନକୁ ବିଶ୍ୱ ବିଦ୍ୟାଳୟ କୁହାଯାଏ ବୋଲି କହିପାରିବା । ତେଣୁ ଈଶ୍ୱର ଭଗବାନ ହୋଇ ଆସିଥିବା ବେଳେ ବିଶ୍ୱ-ବିଦ୍ୟାଳୟ ସ୍ଥୁଳ ଭାବରେ ଅଛି ବୋଲି କହିପାରିବା । **ଈଶ୍ୱର ଭଗବାନ ହୋଇ କେଉଁ ସମୟରେ ଆସିଥା'ନ୍ତି ତାହା କେହି ଜାଣିପାରୁ ନଥିବାରୁ ତାଙ୍କୁ କେହି ଚିହ୍ନି ପାରନ୍ତି ନାହିଁ, ସେଥିଲାଗି ସ୍ଥୁଳ ବିଶ୍ୱବିଦ୍ୟାଳୟକୁ ମଧ୍ୟ କେହି ଚିହ୍ନି ପାରନ୍ତି ନାହିଁ** । ବିଶ୍ୱବିଦ୍ୟାଳୟ ସ୍ଥୁଳ ଭାବରେ ଥିଲେ ମଧ୍ୟ ତାହା କାହାଦ୍ୱାରା ଚିହ୍ନଟ ହୋଇନଥାଏ । ବାହ୍ୟ ପ୍ରପଞ୍ଚରେ ଗଣିତ, ଖଗୋଳ, ରସାୟନ, ଭୌତିକ ଶାସ୍ତ୍ରାଦିକୁ ବୋଧ କରୁଥିବା ବିଶ୍ୱବିଦ୍ୟାଳୟ ଗୁଡିକ ବଡ ବଡ ଭବନ ସମୂଦାୟ ହୋଇ ରହିଥାଏ । ଏବେ ଆମେ ସେହି ପ୍ରାପଞ୍ଚିକ ବିଶ୍ୱବିଦ୍ୟାଳୟ ବାବଦରେ ଚର୍ଚ୍ଚା କରୁନାହେଁ, କେବଳ ଆଧାତ୍ମିକ ବାବଦରେ ଜଣାଉଥିବା ବିଶ୍ୱବିଦ୍ୟାଳୟ ବାବଦରେ ଚର୍ଚ୍ଚା କରୁଛେ । ବ୍ରହ୍ମବିଦ୍ୟା ସମ୍ବନ୍ଧୀତ ବିଶ୍ୱବିଦ୍ୟାଳୟ ଅମୁକ ସ୍ଥାନରେ ଅଛି ବୋଲି କେହି ଜାଣିପାରନ୍ତି ନାହିଁ, କହିପାରନ୍ତି ନାହିଁ । ସେହିଭଳି ବ୍ରହ୍ମବିଦ୍ୟା ବୋଧ କରୁଥିବା ବୋଧକମାନେ କିଏ ତାଙ୍କ ବାବଦରେ କାହାକୁ ଜଣାନଥାଏ । ବ୍ରହ୍ମବିଦ୍ୟା ବୋଧ କରୁଥିବା ବିଶ୍ୱବିଦ୍ୟାଳୟ ବାବଦରେ କେହି ଜାଣନ୍ତି ନାହିଁ କି ସେଥିରେ କିଏ ବ୍ରହ୍ମବିଦ୍ୟା ବୋଧ କରନ୍ତି କାହାକୁ ଜଣାନାହିଁ । ଏହିଭଳି ସ୍ଥୁଳ ଭାବରେ ଥିବା ବିଶ୍ୱବିଦ୍ୟାଳୟ ବାବଦରେ ଏବେ କାହିଁକି ଭବିଷ୍ୟତରେ ମଧ୍ୟ କେହି କହିପାରିବେ ନାହିଁ ।

ସୂକ୍ଷ୍ମ ବା ଆଖିକୁ ଦେଖାଯାଉ ନଥିବା ବିଶ୍ୱବିଦ୍ୟାଳୟରେ କିଏ ବୋଧ କରୁଛି, ବୋଧ କରୁଥିବା ବୋଧକ କ'ଣ ବୋଧ କରୁଛି ବୋଲି ପ୍ରଶ୍ନକଲେ, ଯାହା ଦେଖାଯାଉ ନାହିଁ ସେ ବାବଦରେ କେମିତି କହିବା ବୋଲି କହୁଛନ୍ତି । ଏବେ ଆମକୁ ଦେଖାଯାଉ ନଥିବା ବିଶ୍ୱବିଦ୍ୟାଳୟ ବିଷୟରେ ଜାଣି ପାରିଲେ, ଜଣାଯାଏ ଯେ, ଦେଖାଯାଉ ନଥିବା ବିଶ୍ୱବିଦ୍ୟାଳୟରେ ବୋଧକ ଭାବରେ ଆତ୍ମା ରହିଥା'ନ୍ତି । ଶରୀରରେ ଆତ୍ମା ବୋଧ କରିବାକୁ **"ଆତ୍ମ ପ୍ରବୋଧ"** କହୁଛୁ । ଆତ୍ମା ଜୀବ ଥିବା ଶରୀରରେ କାହାକୁ ଜଣା ନପଡି ମିଶି ରହିଥା'ନ୍ତି ସିନା, କେହି ଜାଣି ନପାରିବା ସ୍ଥିତିରେ ରହି ଜ୍ଞାନ ବୋଧ କରିଥା'ନ୍ତି । ଶରୀରରେ ଆତ୍ମା ରହିଥା'ନ୍ତି ବୋଲି ଜ୍ଞାନୀମାନଙ୍କୁ ଜଣାଥାଏ । ସାଧାରଣ ମଣିଷକୁ ଆତ୍ମା କଥା କାହିଁକି ଶରୀରରେ ଈଶ୍ୱର (ପରମାତ୍ମା) ଅଛନ୍ତି ବୋଲି ମଧ୍ୟ ଜଣାନଥାଏ, ସେମାନେ ଶରୀରରେ କେବଳ ଏକା ରହିଥା'ନ୍ତି ବୋଲି ଭାବିଥା'ନ୍ତି । ସ୍ୱାମୀଜୀ ବୋଲାଉଥିବା ଲୋକମାନେ, ଜ୍ଞାନୀ ବୋଲାଉଥିବା ଲୋକମାନେ ଏବଂ ବୋଧ କରି ପାରିବା କ୍ଷମତା ଥିବା ଲୋକମାନଙ୍କ ସମେତ ସମସ୍ତେ ଶରୀରରେ ଜୀବାତ୍ମା ପରମାତ୍ମାଙ୍କ ମଧ୍ୟରେ ଏକ ଆତ୍ମା ରହିଛି ବୋଲି ଜାଣିପାରି ନଥା'ନ୍ତି । ମୂଳକଥା ନ ଜାଣିବା ଦ୍ୱାରା ଯାହା ହେଉଛି ତାହା ସବୁ ଜୀବ ଦ୍ୱାରା ହେଉଛି ବୋଲି ଭାବନା କରିଥା'ନ୍ତି । ତେଣୁ ସ୍ୱାମୀଜୀମାନଙ୍କ ସମେତ ସମସ୍ତେ ପାପପଙ୍କରେ ପ୍ରବେଶ କରୁଛନ୍ତି ବୋଲି ସେମାନଙ୍କୁ ଜଣା ନାହିଁ । ଜୀବାତ୍ମା କିଛି କାର୍ଯ୍ୟ ନକଲେ ମଧ୍ୟ ସବୁ ମୁଁ କରୁଛି ଭାବି କର୍ମବନ୍ଧନରେ ପଡିଥାଏ । ସର୍ବଲୋକରେ ଥିବା ସର୍ବଶରୀରରେ ଆତ୍ମା ରହି ସମସ୍ତ କାର୍ଯ୍ୟ କରିଥା'ନ୍ତି, କରାଇଥାନ୍ତି ବୋଲି କାହାକୁ ମଧ୍ୟ ଜଣାନଥାଏ । ଆତ୍ମା ବିଷୟ ଜଣାନଥିବା ବ୍ୟକ୍ତିକୁ ଅଜ୍ଞାନୀ କୁହାଯାଏ ।

ଆତ୍ମା ଜ୍ଞାନ ଜାଣିଥିବା ବ୍ୟକ୍ତି ଅପେକ୍ଷା ଜାଣି ନଥିବା ଲୋକମାନେ ସଂଖ୍ୟାଧିକ ରହିଥା'ନ୍ତି । ସାଧାରଣ ପ୍ରଜାଙ୍କ କଥା ଛାଡି ଜ୍ଞାନ ବୋଧ କରୁଥିବା

ସ୍ୱାମୀଜୀମାନେ ମଧ୍ୟ ଆତ୍ମା ବାବଦରେ ଜାଣିପାରିଲେ ନାହିଁ । ଆତ୍ମାଜ୍ଞାନ ନଜାଣିବା ଦ୍ୱାରା ସମସ୍ତେ ସିଧା ପରମାତ୍ମାଙ୍କ ବାବଦରେ ବାଣୀବୋଧ କରୁଛନ୍ତି । ପରମାତ୍ମାଙ୍କ ବାବଦରେ କେତେ ବାଣୀବୋଧ କଲେ ମଧ୍ୟ, ଶୁଣିବାକୁ ଭଲଲାଗେ ସିନା ତାହା ପ୍ରତ୍ୟକ୍ଷ ପ୍ରମାଣ ଜ୍ଞାନ ନୁହେଁ । ଈଶ୍ୱର ବା ପରମାତ୍ମାଙ୍କ ବାବଦରେ କୁହାଯାଉଥିବା ବାଣୀଗୁଡିକ ଶୁଣି ପ୍ରଶ୍ନକଲେ ତା'ର ଜବାବ ନଥାଏ । ଈଶ୍ୱରଙ୍କର ରୂପ, ନାମ, କ୍ରିୟା ନଥିବାବେଳେ ସେମାନଙ୍କ ବାଣୀରେ ଈଶ୍ୱରଙ୍କର ରୂପ, ଗୁଣ, କ୍ରିୟାକୁ କଳ୍ପନା କରି କହିଥାନ୍ତି । ତେଣୁ କୁହାଯାଇଥିବା ଦୈବଜ୍ଞାନ ବାବଦରେ ପ୍ରଶ୍ନ ପଚାରିଲେ ତାର ଜବାବ ଅଟକିଯାଉଛି । ମଣିଷ ଆତ୍ମଜ୍ଞାନ ନଜାଣି ସିଧା ଦୈବଜ୍ଞାନ ଜାଣିବା ଦ୍ୱାରା କିଛି ଲାଭ ପାଇପାରୁ ନାହିଁ । ଏଭଳି କୁହାଯାଉଥିବା ଜ୍ଞାନଗୁଡିକ ସନ୍ଦେହସ୍ପଦ ହୋଇ ଶେଷରେ ଦିନେ ନିଖୋଜ ହୋଇଯାଉଛି । ଯାହା ଜ୍ଞାନ ତାହା ସମସ୍ତ ସମସ୍ୟାର ସମାଧାନ କରିବା ଉଚିତ୍ । ସମସ୍ତ ପ୍ରଶ୍ନର ଜବାବ ଦେଇ ପାରିବା ଉଚିତ୍ । ଯେତେବେଳେ ପ୍ରଶ୍ନ ପଚରାଯିବା ପରେ ଜବାବ ମିଳେ ନାହିଁ ସେତେବେଳେ ଅଜ୍ଞାନ ପଦାରେ ପଡିଯାଏ । ସେଭଳି ଜ୍ଞାନକୁ ନଜାଣି ମୋର ଆତ୍ମଜ୍ଞାନ ଆବଶ୍ୟକ, ମୁଁ ସେ ବାବଦରେ କେଉଁ ବିଷୟ ପ୍ରଥମେ,କେଉଁ ବିଷୟ ପରେ ଜାଣିବି ? ଜାଣିନାହିଁ, ତୋଛଡା ମୋତେ କିଏ ବା କହିବ, ତୁ ହିଁ ମୋତେ ମୋର ଦରକାରୀ ଜ୍ଞାନ ଜଣାଇ ଦେ, ବୋଲି କାମନା ରହିବାବେଳେ, ଶରୀର ଭିତରେ ଥିବା ଆତ୍ମା, ପରମାତ୍ମାଙ୍କ ଭିତରୁ ପରମାତ୍ମା କିଛି ନଜଣାଇ ସ୍ତବ୍ଧତାର ସହିତ ରହିଲେ ମଧ୍ୟ ଶରୀରର ସମସ୍ତ କାର୍ଯ୍ୟ କରୁଥିବା କାର୍ଯ୍ୟକର୍ତ୍ତା ଆତ୍ମା ତୋତେ ଜ୍ଞାନ ଜଣାଇଦେବେ ।

**ପ୍ରଶ୍ନ- ଏମିତି ମାଗିଲେ ଆତ୍ମା ଯଦି ଭିତରୁ ଜ୍ଞାନ ଜଣାଇଦିଏ ତେବେ ଆତ୍ମା କ'ଣ ମଣିଷର ଗୁମାସ୍ତାକାର୍ଯ୍ୟ କରୁଛନ୍ତି ?**

**ଉତ୍ତର :-** ଆତ୍ମା ସବୁ ସମସ୍ୟାର ସମାଧାନ କରିଦିଅନ୍ତି ବୋଲି ମୁଁ କହୁ ନାହିଁ । ଦୈବମାର୍ଗରେ ଯାତ୍ରା କରୁଥିବା ଲୋକମାନଙ୍କର ଜ୍ଞାନ ସମ୍ବନ୍ଧୀୟ

ସନ୍ଦେହ ଆସିବାବେଳେ, ତାର ବିଶ୍ୱାସ ଆତ୍ମା ଉପରେ ଥିବାବେଳେ, ଯଦି କୌଣସି ପ୍ରଶ୍ନର ସମାଧାନ ମାଗେ ସେତିକିବେଳେ ଭିତରୁ ସମାଧାନ ମିଳିଥାଏ । ଏ ବିଷୟ ଅନ୍ତିମ ଦୈବଗ୍ରନ୍ଥ କୋରାନର ୨ୟ ସୁରାରେ ଥିବା ୧୮୬ତମ ଆୟତରେ କୁହାଯାଇଛି ଦେଖନ୍ତୁ । (ପବିତ୍ର କୋରାନ, ଓଡିଆ-୨-୧୮୬)- **ଏବଂ (ହେ ରସୁଲ !) ଯେବେ ଆମ ଭକ୍ତମାନେ ତୁମ୍ଭଙ୍କୁ ଆମ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (କୁହ) ଆମ୍ଭେ ସେମାନଙ୍କ ନିକଟରେ ଅଛୁ ; ପ୍ରାର୍ଥନାକାରୀ ଯେବେ ବି ଆମକୁ ପ୍ରାର୍ଥନା କରେ ଆମେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ; ସୁତରାଂ ଆମର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଫଳରେ ସେମାନେ ସତ୍ ପଥଗାମୀ ହେବେ ।**

ଈଶ୍ୱରଙ୍କ ମାର୍ଗରେ ଚାଲୁଥିବା ବ୍ୟକ୍ତିର ଯେଉଁ ଜ୍ଞାନ ସମ୍ବନ୍ଧୀୟ ବିନୟୀ ପ୍ରଶ୍ନ ଥାଏ ତାହା ହିଁ ଈଶ୍ୱର (ଆତ୍ମା) ଶୁଣି ତା ପ୍ରଶ୍ନର ସମାଧାନ କରିଥା'ନ୍ତି । ଈଶ୍ୱର(ଆତ୍ମା) କହିବା ଭଳି, ଯେଉଁମାନେ ଆଚରଣ କରିଥା'ନ୍ତି ସେମାନେ ସତ୍‌ପଥରେ ଚାଲିଥା'ନ୍ତି ବୋଲି ମଧ୍ୟ ଉପର ବାକ୍ୟରେ ଜଣାଇଛନ୍ତି । ଉପର ଲିଖିତ ଆୟତରେ ଈଶ୍ୱରଙ୍କ ସମ୍ମାନାର୍ଥେ କୁହାଯାଇଛି ସିନା ଈଶ୍ୱର କିଛି କହିନଥା'ନ୍ତି । ଭକ୍ତି ସହକାରେ ଆତ୍ମାଙ୍କୁ ଆତ୍ମାଙ୍କ ବାବଦରେ ପ୍ରଶ୍ନ ପଚାରୁଥିବା ବ୍ୟକ୍ତିକୁ ଆତ୍ମାଙ୍କଠାରୁ ହିଁ ଜବାବ ମିଳିଯାଏ । ଈଶ୍ୱର(ପରମାତ୍ମା) ଶରୀରରେ ରହିଥିଲେ ମଧ୍ୟ କାହା ସହିତ କଥା ହୁଅନ୍ତି ନାହିଁ, କେହି ଡାକିଲେ ଜବାବ ଦିଅନ୍ତି ନାହିଁ । ଜୀବର ଅତ୍ୟନ୍ତ ସମୀପରେ ରହିଥାନ୍ତି ଆତ୍ମା (ଶରୀରେଶ୍ୱର) । ଈଶ୍ୱର କଥା ହୁଅନ୍ତି ନାହିଁ, ଏକୈକ ଆତ୍ମା କଥା କହିଥାନ୍ତି । ତେଣୁ ଉପଯୁକ୍ତ ଦୈବମାର୍ଗରେ ଚାଲିବାକୁ ଚାହୁଁଥିବା ବ୍ୟକ୍ତି ଯେତେବେଳେ ଅନେକ ସନ୍ଦେହରେ ଛନ୍ଦିହୋଇଯାଏ, ସେ ମୋତେ (ଆତ୍ମାଙ୍କୁ) ଭାବନା କରିବାବେଳେ ଆତ୍ମା ତା'ର ଥିବା

ସନ୍ଦେହକୁ ଦୂର କରିଥାନ୍ତି, ସେତେବେଳେ ସେ ଉପଯୁକ୍ତ ଜ୍ଞାନ ପାଇ ସତ୍କର୍ମ ଆଚରଣ କରିଥାଏ । ଏକଥା ଅନେକଙ୍କୁ ଜଣାନାହିଁ ଯେ, ଶରୀରରେ ଆତ୍ମା ହିଁ ଆମ ପ୍ରଶ୍ନର ଉତ୍ତର ଦିଅନ୍ତି । ଶରୀରରେ ଜୀବାତ୍ମା, ପରମାତ୍ମାଙ୍କ ସହିତ ଆତ୍ମା ନାମକ ଏକ ପାତ୍ର ଉଭୟଙ୍କ ମଧ୍ୟରେ ଥାଆନ୍ତି ବୋଲି ଜଣାନଯିବା ଅଜ୍ଞାନ ଭିତରେ ସର୍ବ ପ୍ରଥମ ଅଜ୍ଞାନ ହୋଇଥାଏ । ଶରୀରରେ ଆତ୍ମପ୍ରବୋଧ ରହିଥାଏ ବୋଲି ଜାଣିନଥିବା ଲୋକମାନେ ଅନ୍ତର୍ମୁଖ ଭାବରେ ପ୍ରଶ୍ନ ପଚାରି ପାରନ୍ତି ନାହିଁ । ପ୍ରଶ୍ନ ପଚାରିବା ବେଳେ ହିଁ ଜବାବ ଭିତରୁ ମିଳିଥାଏ ବୋଲି କହିଛନ୍ତି । ଥିବା ସତ୍ୟ ହିଁ ଏତିକି !

ଭଗବାନ ଭୂପୃଷ୍ଠରେ ଥିବାବେଳେ ମଣିଷକୁ ପ୍ରତ୍ୟକ୍ଷ ଭାବରେ ସମାଧାନ କହିପାରନ୍ତି । ଭଗବାନ ଭୂପୃଷ୍ଠରେ ନଥିବାବେଳେ ଜ୍ଞାନ ଉପରେ ଶ୍ରଦ୍ଧା ବଢିଥିବା ପ୍ରକୃତ ଦୈବଭକ୍ତର ସନ୍ଦେହ ଜନ୍ମି ସେହି ସନ୍ଦେହର ସମାଧାନ କେହି କରି ନପାରିବାବେଳେ, ତାହା କାହା ପାଖରେ ନଥିବାବେଳେ ,ଶରୀରର ଆତ୍ମା ହିଁ ଜବାବ ଦେଇଥାନ୍ତି । ତେଣୁ ଅନ୍ତିମ ଦୈବଗ୍ରନ୍ଥର ବାକ୍ୟରେ **ଆମ ଭକ୍ତମାନେ** ବୋଲି କହିଛନ୍ତି । ତାଛଡା ଆମ ଭକ୍ତ ବୋଲି ସମ୍ବୋଧନ ମଧ୍ୟ କରିଛନ୍ତି । ଆମ ଭକ୍ତ ବୋଲି କାହାକୁ କହିଛନ୍ତି ବୋଲି ଚିନ୍ତାକଲେ ଯେଉଁମାନଙ୍କର ଆତ୍ମା ଉପରେ ବିଶ୍ୱାସ ଥାଏ ବୋଲି ବୁଝିହୁଏ, ତେଣୁ **"ପ୍ରାର୍ଥନାକାରୀ ଯେବେ ବି ଆମକୁ (ଆତ୍ମାଙ୍କୁ) ପ୍ରାର୍ଥନା କରେ ଆମେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ"** ବୋଲି କହିଛନ୍ତି । ଯେଉଁ ବ୍ୟକ୍ତିର ଆତ୍ମା ଉପରେ ବିଶ୍ୱାସ ରହିଥାଏ ସେ ତାର ଆତ୍ମାଙ୍କୁ ପଚାରିଲେ ବା ପ୍ରାର୍ଥନା କଲେ ତାର ପ୍ରାର୍ଥନାକୁ ସେ ଶୁଣିଥାନ୍ତି, ସେତେବେଳେ ତାଙ୍କଠାରୁ ଯେଉଁ ଆଦେଶ ଆସିଥାଏ ତାହାକୁ ମଧ୍ୟ ପ୍ରଶ୍ନ କରୁଥିବା ଜୀବାତ୍ମା (ଭକ୍ତ) ବିଶ୍ୱାସ କରିବା ଉଚିତ୍ । ଏହିଭଳି ଆତ୍ମାଙ୍କଠାରୁ ମିଳୁଥିବା ଜବାବ ମଣିଷକୁ ଉପଯୁକ୍ତ ଜ୍ଞାନମାର୍ଗରେ

ଅର୍ଥାତ୍ ସତ୍‌ପଥରେ ଅଗ୍ରସର କରିଥାଏ । ଏହା ହିଁ ଆତ୍ମା ବୋଲି ବିଶ୍ୱାସ ଆସିବା, ଆତ୍ମା ସର୍ବ ଜୀବରାଶିଙ୍କୁ ପରିଚାଳିତ କରିଥା'ନ୍ତି ବୋଲି ବିଶ୍ୱାସ କରିବା ସହିତ ସମସ୍ତ ଆତ୍ମଜ୍ଞାନ ଆତ୍ମାଙ୍କୁ ହିଁ ଜଣାଥାଏ ବୋଲି ଜାଣି ଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନ ଶରୀରାନ୍ତର୍ଗତ ଭାବରେ ପଚାରିଲେ ଆତ୍ମା ଭିତରୁ ରହି ଆତ୍ମଜ୍ଞାନ ବୋଧ କରିଥା'ନ୍ତି । ଏହା ନିରାଟ ସତ୍ୟ ବଚନ ଅଟେ ।

ମୁଁ ଅନେକ ସମୟରେ ଜ୍ଞାନ କହିବା ବେଳେ, ଯାହାସବୁ କହିଥାଏ ସେତେବେଳେ ତାହା କେହି କେଉଁଠି କହିନଥିବା, କାହାକୁ ଜଣାନଥିବା ଜ୍ଞାନ ହୋଇଥିବାରୁ, ମୋତେ ମଧ୍ୟ ନୂଆ ଲାଗୁଥିବାରୁ ଏସବୁ ମୋ ଭିତରର ଆତ୍ମା ଜଣାଇ ଦେଉଥାନ୍ତି ବୋଲି କହିଥାଏ । ଏଭଳି ମୋ ଶରୀରରେ ମୋର ଅତ୍ୟନ୍ତ ସମୀପରେ ଥିବା ଆତ୍ମା ମୋତେ ନୂଆ ନୂଆ କଥା ଜଣାଇ ଦେଉଥିବାରୁ ସେଗୁଡିକ ମୁଁ ଗ୍ରନ୍ଥରେ ମଧ୍ୟ ଲେଖିଥାଏ,ପ୍ରବଚନରେ କହିଥାଏ । ମୋ ଜୀବନର ଆରମ୍ଭରୁ ଏଯାଏଁ ଏଇଭଳି ହୋଇଅ ।ସୁଛି । ସେଥିଲାଗି ମୋ ଭିତରର ଆତ୍ମା ହିଁ ସବୁକିଛି କହନ୍ତି, କୁହାନ୍ତି, ଲେଖାନ୍ତି ବୋଲି ଅନେକ ଥର କହିଛି, ଅନେକ ସନ୍ଦର୍ଭରେ ଲେଖିଛି । ମଧ୍ୟମ ଦୈବଗ୍ରନ୍ଥ ବା ୨ୟ ଦୈବଗ୍ରନ୍ଥ ହୋଇଥିବା ବାଇବେଲରେ ଯୀଶୁ **"ତୋର ପଡୋଶୀ(ଅନ୍ୟକୁ)କୁ ପ୍ରେମ କର୍"** ବୋଲି କହିଛନ୍ତି, ସେଠାରେ ପଡୋଶୀ ବା ଅନ୍ୟକୁ ବୋଲି ଆତ୍ମାଙ୍କୁ ହିଁ କହିଛନ୍ତି । ଭଗବଦ୍ଗୀତାରେ ପ୍ରାୟ ୨୫୦ ଗୋଟି ଶ୍ଳୋକରେ ଆତ୍ମାଙ୍କ ବାବଦରେ କୁହାଯାଇଥିବାର ଦେଖିବାକୁ ମିଳିଥାଏ । ଏହିଭଳି ତିନି ଦୈବଗ୍ରନ୍ଥରେ ଆତ୍ମା ବାବଦରେ କୁହାଯାଇଥିବା ବେଳେ ମୋ ଅନୁଭବରେ ମୋତେ ଜଣାନଥିବା ଜ୍ଞାନ ମୋର ଆତ୍ମା ମୋତେ କହିଥିବା ବେଳେ, ଜ୍ଞାନୀ ବୋଲାଉଥିବା ଲୋକମାନେ ଆତ୍ମାଙ୍କୁ କାହିଁକି ବିଶ୍ୱାସ କରନ୍ତି ନାହିଁ ତାହା ମୁଁ ବୁଝିପାରୁ ନାହିଁ ।

**ପ୍ରଶ୍ନ- ଅନ୍ତିମ ଦୈବଗ୍ରନ୍ଥରେ ତାଙ୍କ ଭକ୍ତମାନଙ୍କର ପ୍ରାର୍ଥନା ଶୁଣି,**

**ଗ୍ରହଣ କରିଥା'ନ୍ତି । ଏହା ଶରୀରରେ ଜୀବର ଅତି ସମୀପରେ ଥିବା ଆତ୍ମା କହିବା ଭଳି ରହିଛି । କେବଳ ନିଜର ଭକ୍ତମାନଙ୍କୁ ସତ୍‌ପଥରେ ପରିଚାଳିତ କରାଉଥିବା ଆତ୍ମା, ଅନ୍ୟ ଦେବତାମାନଙ୍କୁ ଭକ୍ତି କରୁଥିବା ଲୋକମାନଙ୍କୁ ସତ୍‌ପଥ ଦେଖାଇ ନଥା'ନ୍ତି ବୋଲି ଜାଣିହେଉଛି । କୌଣସି କାର୍ଯ୍ୟ ହେଉ ଶରୀରର ଆତ୍ମା କରିଥା'ନ୍ତି, ତାହେଲେ ଅଜ୍ଞାନୀମାନଙ୍କୁ ଆତ୍ମା ସେମାନେ ମାଗିବା ପୂର୍ବରୁ ଉପଯୁକ୍ତ ମାର୍ଗ ଦେଖାଇଲେ କ୍ଷତି କ'ଣ! ସେମାନେ ଆତ୍ମାଙ୍କ ବାବଦରେ ଜାଣି ନାହାନ୍ତି, ତେଣୁ  ଆତ୍ମା ସ୍ୱୟଂ ସେମାନଙ୍କୁ ସତ୍‌ଜ୍ଞାନ କାହିଁକି ଦିଅନ୍ତି ନାହିଁ ? ଯଦି ଆତ୍ମା ସେମାନଙ୍କୁ ଉପଯୁକ୍ତ ପଥ ନ ଦେଖାଇବେ ତେବେ ସେମାନଙ୍କ ଦୃଷ୍ଟି ଜ୍ଞାନମାର୍ଗରେ ଯିବ କେମିତି ?**

**ଉତ୍ତର :-** ବାହ୍ୟ ପ୍ରପଞ୍ଚର ବିଦ୍ୟାଳୟ ଗୁଡିକରେ ଥିବା ବିଦ୍ୟାର୍ଥୀମାନଙ୍କୁ ଦେଖିଲେ ସେମାନେ ଯେଉଁ ବିଦ୍ୟାଶିକ୍ଷା କରିଥା'ନ୍ତି ସେଥିରେ ସେମାନେ କେତେକ ଉତ୍ତୀର୍ଣ୍ଣ ହୋଇଥା'ନ୍ତି, ଆଉକେତେକ ଉତ୍ତୀର୍ଣ୍ଣ ହୋଇପାରି ନଥା'ନ୍ତି । ଗୋଟିଏ ଶ୍ରେଣୀରେ ଗୋଟିଏ ପାଠ ଶୁଣୁଥବା ଛାତ୍ରମାନଙ୍କ ଭିତରୁ କେତେକ ପାସ୍‌ମାର୍କ ରଖିଥିବା ବେଳେ, କେତେକ ଫେଲ୍‌ମାର୍କ ରଖିଥା'ନ୍ତି । ଏହି ଅନୁସାରେ ଗୋଟିଏ ଶ୍ରେଣୀ, ଜଣେ ଶିକ୍ଷକ, ଗୋଟିଏ ପାଠ ଥିଲେ ମଧ ପାସ୍‌ମାର୍କ ରଖିଥିବା, ଫେଲ୍‌ମାର୍କ ରଖିଥିବା ଛାତ୍ରମାନଙ୍କ ଭିତରେ ଥିବା ଭିନ୍ନତା କାହିଁକି ସୃଷ୍ଟି ହେଲା ବୋଲି ବିଚାର କଲେ, ସେଠାରେ ପାଠପଢାରେ କିଛି ବ୍ୟତିକ୍ରମ ନାହିଁ ସେମାନଙ୍କ ଶ୍ରଦ୍ଧାରେ ବ୍ୟତିକ୍ରମ ଥିବାରୁ କିଛି ଛାତ୍ର ଫେଲ୍ ହୋଇଯାଇଛନ୍ତି ବୋଲି ଜଣାଯାଏ, ସେମାନଙ୍କୁ ଆଉ ଟିକିଏ ଗଭୀର ଭାବରେ ଦେଖିଲେ, ପାସ୍‌ମାର୍କ ୪୦ରୁ ଉପରକୁ ଥିବାବେଳେ, ଯେଉଁମାନେ ପାସ୍ ହୋଇଛନ୍ତି ସେମାନଙ୍କ ଭିତରୁ ୪୧ ମାର୍କ ରଖି କିଛି ଛାତ୍ର ପାସ୍ ହୋଇଥିବା ବେଳେ ୫୦ ମାର୍କ ରଖି କିଛି ଛାତ୍ର ପାସ୍ ହୋଇଛନ୍ତି । ସେହିଭଳି ୬୦ମାର୍କ, ରଖି କେତେକ ଛାତ୍ର

ପାସ୍ ହୋଇଥିବା ସ୍ଥଳେ ୭୦,୮୦,୯୦ ମାର୍କ ରଖି ପାସ୍ ହୋଇଥିବା ଛାତ୍ରମାନେ ମଧ୍ୟ ଅଛନ୍ତି । ଏମାନେ ସମସ୍ତେ ପାସ୍ କରିଛନ୍ତି, କିନ୍ତୁ ସେମାନଙ୍କ ମାର୍କ ସବୁ ସମାନ ନୁହେଁ । ସମସ୍ତେ ଭିନ୍ନ ଭିନ୍ନ ମାର୍କ ରଖିଛନ୍ତି । ଅର୍ଥାତ୍ ସାତ/ଆଠ ପ୍ରକାରର ମାର୍କ ରଖିଛନ୍ତି । ସେହିଭଳି ଯେଉଁମାନେ ଫେଲ୍ ହୋଇଛନ୍ତି ସେମାନଙ୍କ ମାର୍କ ଅନୁସାରେ ମଧ୍ୟ ସେମାନଙ୍କ ଭିତରେ ଏକ କ୍ରମରେ ଊଣା ଅଧିକ ମାର୍କ ରଖି ଫେଲ୍ ହୋଇଛନ୍ତି ।

ସେହିଭଳି ଭିତରେ ଥିବା ଜ୍ଞାନ ବିଶ୍ୱବିଦ୍ୟାଳୟରେ ଯେଉଁମାନେ ବିଦ୍ୟାର୍ଥୀ ହୋଇ ଅଛନ୍ତି ସେମାନଙ୍କ ଜ୍ଞାନ ଅନୁସାରେ ମଧ୍ୟ ଅନେକ ସ୍ଥିତିର ବିଦ୍ୟାର୍ଥୀ ଅଛନ୍ତି ବୋଲି ଜଣାଯାଉଛି । ଦୈବଭକ୍ତ, ଜ୍ଞାନୀ ବୋଲି ଯେଉଁମାନେ କହିଥା'ନ୍ତି ସେମାନଙ୍କୁ ସ୍ୱାମୀଜୀ ମାନଙ୍କଠାରୁ ଆରମ୍ଭ କରି ସନ୍ନ୍ୟାସୀ ମାନଙ୍କ ପର୍ଯ୍ୟନ୍ତ ହିସାବ କଲେ ସମସ୍ତେ ଜ୍ଞାନ-ବିଶ୍ୱବିଦ୍ୟାଳୟର ଛାତ୍ର ହୋଇ ରହିଛନ୍ତି । ଶରୀର ନାମକ ବିଶ୍ୱ ବିଦ୍ୟାଳୟରେ ଆତ୍ମା ହିଁ ସମସ୍ତଙ୍କର ବୋଧକ । ଗୀତାର ଜ୍ଞାନଯୋଗରେ ଥିବା ୩୯ତମ ଶ୍ଳୋକରେ **"ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ"** କହିବା ଭଳି ଆମେ ଭକ୍ତ, ଜ୍ଞାନୀ ଇତ୍ୟାଦି କହିହେଉଥିବା ଲୋକମାନଙ୍କର ଶ୍ରଦ୍ଧା ଅନୁସାରେ ସେମାନଙ୍କୁ ଜ୍ଞାନ ମିଳିଥାଏ, ମୁକ୍ତି ମଧ୍ୟ ସେହିଭଳି ମିଳିଥାଏ ବୋଲି କହିଛନ୍ତି । ସେହି ଅନୁସାରେ ଶରୀରରେ ଥିବା ବିଶ୍ୱବିଦ୍ୟାଳୟରେ ଯେଉଁମାନେ ଅଛନ୍ତି ସେମାନଙ୍କ ଶ୍ରଦ୍ଧା ଅନୁସାରେ ସେମାନଙ୍କୁ ଈଶ୍ୱର (ଆତ୍ମା) ହିଁ ନିଜର ଜ୍ଞାନବୋଧ କରିଥାନ୍ତି । ଏଠାରେ ଏକ ମୁଖ୍ୟ ବିଷୟକୁ ଧ୍ୟାନ ଦିଅନ୍ତୁ ।

ଯେଉଁମାନଙ୍କଠାରେ ଜ୍ଞାନ ଅଛି, ଯେଉଁମାନଙ୍କଠାରେ ଜ୍ଞାନ ନାହିଁ ଏଭଳି ଉଭୟଙ୍କ ଶରୀର ନାମକ ବିଶ୍ୱ ବିଦ୍ୟାଳୟରେ ଆତ୍ମା ହିଁ ଜ୍ଞାନବୋଧ କରିଥାନ୍ତି । ମଣିଷର ଶ୍ରଦ୍ଧା ଅନୁସାରେ ସେମାନଙ୍କୁ କେଉଁ ଜ୍ଞାନ ଦରକାର ଆତ୍ମା ତାହା ହିଁ ବୋଧ କରିଥାନ୍ତି । ଜ୍ଞାନୀମାନେ ଯେଉଁ ବିକଳ ହୋଇ ଜ୍ଞାନ ମାଗୁଛନ୍ତି ସେମାନଙ୍କୁ ଆତ୍ମା ସେହିଭଳି ଜ୍ଞାନ ଯୋଗାଇଦେବା ସ୍ଥଳେ,

ଶ୍ରଦ୍ଧାହୀନମାନେ କିଛି ନମାଗିଲେ ମଧ୍ୟ ସେମାନଙ୍କର ଯାହା ଆବଶ୍ୟକ ଆତ୍ମା ସେମାନଙ୍କୁ ତାହା ଦେଇଥାନ୍ତି । ଶରୀର ନାମକ ବିଶ୍ୱବିଦ୍ୟାଳୟରେ ଆତ୍ମା ସବୁକିଛି କରୁଥିଲେ ମଧ୍ୟ, ଘଟିଥିବା କାର୍ଯ୍ୟଗୁଡିକ ଆତ୍ମା କରିଛନ୍ତି ନକହି ପରମାତ୍ମା କରିଛନ୍ତି ବୋଲି କହିବା, ପରମାତ୍ମା ବା ପରମେଶ୍ୱରଙ୍କ ଉପରେ ଥିବା ସମ୍ମାନ ଅନୁଯାୟୀ ଆତ୍ମା (ଈଶ୍ୱର) ଏଭଳି କୁହାଇଥାନ୍ତି । ଶରୀରରେ ମଣିଷ କହିବା ଭଳି ଜଣା ପଡୁଥିବା ପ୍ରତି କଥାକୁ ମଣିଷ ମୁଖରୁ ଆତ୍ମା ହିଁ କୁହାଇଥାନ୍ତି । ଆତ୍ମା ଶରୀରରେ ମିଶିରହିଥାନ୍ତି, କାହାକୁ ଜଣାନପଡି ରହିଥାନ୍ତି, ସେଥିଲାଗି ସେ କରୁଥିବା ସମସ୍ତ କାର୍ଯ୍ୟକୁ ଈଶ୍ୱରଙ୍କ ଉପରେ ରଖି, ଈଶ୍ୱର ହିଁ ସବୁକିଛି କରାଇଥାନ୍ତି ବୋଲି ସମସ୍ତଙ୍କ ମୁଖରୁ କୁହାଇଥାନ୍ତି । ଏ ବିଷୟ ଈଶ୍ୱରଙ୍କ (ପରମାତ୍ମାଙ୍କ) ସମ୍ମାନାର୍ଥେ ଆତ୍ମା (ଈଶ୍ୱର) ଏଭଳି କରାଇ କୁହାଇଥାନ୍ତି ସିନା ବାସ୍ତବରେ ଈଶ୍ୱର (ପରମାତ୍ମା) କ୍ରିୟା ରହିତ, ତେଣୁ କିଛି କରନ୍ତି ନାହିଁ । ଈଶ୍ୱର ଅକର୍ତ୍ତା ହୋଇଥିଲେ ମଧ୍ୟ, ଆତ୍ମା ସବୁକିଛି କରୁଥିଲେ ମଧ୍ୟ ଈଶ୍ୱରଙ୍କ ସମ୍ମାନାର୍ଥେ ଆତ୍ମା ଏଭଳି କୁହାନ୍ତି ବୋଲି ଭାବିବା ଉଚିତ୍ ।

ଶରୀରରେ ନିବାସ କରୁଥିବା ସମସ୍ତ ଜୀବରାଶିଙ୍କର ଯେତେବେଳେ ଯାହାର ଯାହା ଦରକାର ସେମାନଙ୍କ କର୍ମ ଅନୁସାରେ ଆତ୍ମା ତାହା ମିଳିଯିବା ଭଳି କରିଥାନ୍ତି । କିଏ କିଛି ନ ମାଗିଲେ ମଧ୍ୟ ତା ଅଜାଣତରେ ତା ପଛରୁ ତାର କର୍ମଫଳ ଅନୁସାରେ କରାଇବା, କୁହାଇବା ଇତ୍ୟାଦି କାର୍ଯ୍ୟ ଆତ୍ମା ହିଁ କରାଇଥାନ୍ତି । ଅଜ୍ଞାନୀମାନଙ୍କୁ ଭିତରେ ରହି ସେମାନଙ୍କ ଆତ୍ମା ସେମାନଙ୍କୁ ପରିଚାଳିତ କରାଉଛନ୍ତି ବୋଲି ଜଣା ନଥିଲେ ମଧ୍ୟ, ସେମାନଙ୍କୁ ସ୍ୱୟଂ ଆତ୍ମା ହିଁ ପରିଚାଳିତ କରାଇଥାନ୍ତି, ସେମାନେ ଆତ୍ମାଙ୍କୁ କିଛି ନପଚାରିଲେ ମଧ୍ୟ ଭିତରୁ ଆତ୍ମା ହିଁ ସ୍ୱୟଂ ଯେତେବେଳେ ଯାହା କୁହାଇବା କଥା କୁହାଉଛନ୍ତି । ଏହିଭଳି ଶରୀର ନାମକ ଯନ୍ତ୍ରର ଚାଳକ ଭାବରେ ଆତ୍ମା ରହିଛନ୍ତି । ଜ୍ଞାନ ବିଷୟରେ ‘ଶ୍ରଦ୍ଧାବାନ ଲଭତେ

ଜ୍ଞାନମ୍' ନାମକ ସୂତ୍ର ଅନୁସାରେ ଅଜ୍ଞାନୀ ମାନଙ୍କର କେଉଁ ଜ୍ଞାନ ଦରକାର, କେତେ ଦରକାର ସେତିକି ଜ୍ଞାନ ଜଣାଇ ଦେଇଥାନ୍ତି । ତାଛଡା ଜ୍ଞାନ ମାଗୁଥିବା ଲୋକମାନଙ୍କର ମଧ୍ୟ ଉତ୍ତର ଦେଇଥାନ୍ତି । କେହି କିଛି ପଚାରିଲେ ମଧ୍ୟ ଉତ୍ତର ଦେଇ ପାରୁଥିବା ଆତ୍ମା ଯାହାର ଯାହା ଦରକାର ତାହା ହିଁ କହିଥାନ୍ତି । ଜ୍ଞାନୀମାନଙ୍କ ଭିତରେ କେତେ ଭିନ୍ନତା ରହିଥାଏ, ସେମାନଙ୍କ ଭିତରେ ସମ୍ପୂର୍ଣ୍ଣ ଜ୍ଞାନୀ ରହିଥାନ୍ତି ଅସମ୍ପୂର୍ଣ୍ଣ ଜ୍ଞାନୀମାନେ ମଧ୍ୟ ରହିଥାନ୍ତି । ୧୦୦ମାର୍କ ରଖୁଥିବା ବିଦ୍ୟାର୍ଥୀମାନେ ଅଛନ୍ତି, ସେହିଭଳି ୪୦,୫୦,୬୦ମାର୍କ ରଖୁଥିବା ବିଦ୍ୟାର୍ଥୀମାନେ ମଧ୍ୟ ଅଛନ୍ତି । ଜ୍ଞାନୀମାନଙ୍କ ଭିତରେ ସେମାନଙ୍କ ସ୍ଥିତିକୁ ଆତ୍ମା ହିଁ ନିର୍ଣ୍ଣୟ କରିଥାନ୍ତି । **ମୋ ପାଇଁ ଆତ୍ମା କିଭଳି ବ୍ୟବହାର କରୁଛନ୍ତି ତାହା ମୋତେ ଭଲ ଭାବରେ ଜଣାଅଛି । ସମସ୍ତଙ୍କୁ ଚଲାଉଥିବା, କନ୍ଦାଉଥିବା, ହସାଉଥିବା, ଉତ୍ସାହ ଦେଉଥିବା, ନିରୁତ୍ସାହ ଦେଉଥିବା ଇତ୍ୟାଦି ଇତ୍ୟାଦି କାର୍ଯ୍ୟସବୁ ଆତ୍ମା କରୁଥିଲେ ମଧ୍ୟ ଯାହା ହେଉଛି ତାହା ଈଶ୍ୱର କରନ୍ତି ବୋଲି ସମସ୍ତେ ଭାବନା କରିଥାନ୍ତି** । ଜ୍ଞାନୀ, ଅଜ୍ଞାନୀ ଭେଦରେ ଏଭଳି ଭିତରେ ଥିବା ଆତ୍ମାଙ୍କ ଉପରେ କେହି ଦୃଷ୍ଟି ଦେଇ ନାହାନ୍ତି । ମୋ ବିଷୟ ଦେଖିଲେ, ପ୍ରାୟ ୪୦ ବର୍ଷ ତଳେ ମୁଁ ଆତ୍ମାଙ୍କ ବାବଦରେ ଜାଣି ପାରିଥିଲି, ସେହିଦିନଠାରୁ ଆମ ଶରୀରରେ ତିନି ଆତ୍ମା ରହିଛନ୍ତି ବୋଲି କହିଆସୁଛି; ତଥାପି ମୋ କଥା କେହି ଶୁଣୁନାହାନ୍ତି । ଆଜିକୁ ୩୮ ବର୍ଷ ତଳେ ସେହି ତିନିଆତ୍ମାର ସିଦ୍ଧାନ୍ତ ପ୍ରତିପାଦନ କରି ତାହାକୁ ଅଦ୍ୱୈତ, ଦ୍ୱୈତାଦି ସିଦ୍ଧାନ୍ତ ଭଳି ନାଆଁ ଦେଇଥିଲି, ସେଦିନରୁ ଆଜିଯାଏଁ ସେହି ଏକୈକ ତ୍ରୈତସିଦ୍ଧାନ୍ତ ଉପରେ ୮୦ଖଣ୍ଡ ଗ୍ରନ୍ଥରୁ ଅଧିକ ଗ୍ରନ୍ଥ ଲେଖିଛି । ଏହି **"ବିଶ୍ୱବିଦ୍ୟାଳୟ"** ନାମକ ଗ୍ରନ୍ଥ ୭୫ତମ ଗ୍ରନ୍ଥ ଭାବରେ ବାହାର କରୁଛି, ଖୁବ୍ ଶୀଘ୍ର ମୋ ଭିତରେ ଥିବା ଆତ୍ମା ୧୦୦ ଗ୍ରନ୍ଥ ଲେଖିବା ଯୋଜନା ରଖିଛନ୍ତି ।

ପ୍ରାୟ ଚାଳିଶି ବର୍ଷରୁ ତ୍ରୈତ ସିଦ୍ଧାନ୍ତ ଅନୁସାରେ ଜୀବାତ୍ମା, ପରମାତ୍ମା ମଝିରେ ଆତ୍ମା ରହିଛନ୍ତି ବୋଲି କହୁଥିବା ମୋ କଥାକୁ ଶୁଣୁନଥିବା, ମୋ କଥାରେ ସତ୍ୟ ଅଛି ବୋଲି ଗ୍ରହଣ କରିନଥିବା ଲୋକମାନେ ମୋତେ ତ୍ରିତ୍ତ୍ୱ ବୋଧ କରୁଥିବା ଖ୍ରୀଷ୍ଟିଆନ କହିଛନ୍ତି । ଅନେକ ଲୋକ ମୋତେ ନିନ୍ଦାଜନକ କଥାକହି, ମୁଁ ପରମତ ବୋଧ କରୁଛି ବୋଲି ଆରୋପଣ କରିଛନ୍ତି, ହେଲେ ସେମାନଙ୍କ ଭିତରେ ରହି ମୋତେ ଏଭଳି ଶୁଣାଇବା ପାତ୍ର ଆଉ କେହି ନୁହନ୍ତି ସେହି ଆତ୍ମା ବୋଲି ମୁଁ ଜାଣିଛି । ଏଭଳି ମୋ ବିରୁଦ୍ଧରେ ବ୍ୟତିରେକ କଥାବାର୍ତ୍ତା କଲାବେଳେ, କାର୍ଯ୍ୟ କଲାବେଳେ ଆତ୍ମାଙ୍କୁ ଭୁଲିଯାଇ ମୋ ସହିତ ଏଭଳି ବ୍ୟବହାର କରୁଥିବା ଲୋକମାନଙ୍କୁ ମୁଁ ମଣିଷ ଭଳି ଭାବନା କରିବି ବୋଲି ଆତ୍ମା ମୋତେ ପରୀକ୍ଷା କରୁଥିଲେ ମଧ୍ୟ, ମୁଁ ଆତ୍ମାଙ୍କୁ ଭୁଲିଯାଇ କେହି ମଣିଷ ଏଭଳି କରୁଛି ବୋଲି ଭାବିନଥିଲି, ଭବିଷ୍ୟତରେ କୌଣସି ପରିବର୍ତ୍ତନ ପାଇଁ ଅର୍ଥାତ୍ ମୋ'ରି ଭଲ ପାଇଁ ହୁଏତ ଆତ୍ମା ଏଭଳି କରାଇଛନ୍ତି ବୋଲି ଭାବୁଥିଲି, ମୁଁ ଭାବନା କରିବା ଅନୁସାରେ ହିଁ ହେଉଥିଲା । କୌଣସି କୋଣରୁ କିଛି ଘଟୁଥିଲେ ମଧ୍ୟ, କାହାଠାରୁ କେଉଁ କଥା ଶୁଣିବାକୁ ପଡିଲେ ମଧ୍ୟ, ତାହାସବୁ ବାହାରୁ ଆସୁଥିଲେ ମଧ୍ୟ ସବୁ ଭିତରେ ଥିବା ଆତ୍ମାଙ୍କ କାର୍ଯ୍ୟ ବୋଲି ମୁଁ ସର୍ବଦା ଭାବିଆସୁଛି । ଦେଖା ନଗଲେ ନଇଁ ଦେଖିବା ଉଚିତ୍, ଭଲ ଭାବରେ ଦେଖାଯାଉଥିବା ବେଳେ ନଇଁ ଦେଖିବା ଆବଶ୍ୟକ ନାହିଁ । ସେଭଳି ନଜାଣିଲେ ଯାହା କରିଛନ୍ତି ତାହା ଅନ୍ୟମାନେ କରିଛନ୍ତି ବୋଲି ଭାବିବାକୁ ହେବ । **କରିଥିବା ପାତ୍ର, କରୁଥିବା ପାତ୍ର, କରିବାକୁ ଥିବା ପାତ୍ର ଏକୈକ ଆତ୍ମା ହୋଇଥିବା ସ୍ଥଳେ,** ଆତ୍ମାକାର୍ଯ୍ୟ ମୋତେ ଭଲରେ ଦେଖାଯାଉଛି, ଅନ୍ୟମାନେ କରୁଛନ୍ତି ବୋଲି କେମିତି କହିବି ?

ମୁଁ ୧୯୯୯ ମସିହା ଆରମ୍ଭରେ ଏଠାରୁ ୫୦ କିଲୋମିଟର ଦୂରରେ ଥିବା ଦୁଇ ଅକ୍ଷରରେ ନାଆଁଟିଏ ଥିବା ଗାଆଁରେ ରହି ଭଗବଦ୍ଗୀତା

ଲେଖିଥିଲି । ମୁଁ ଜନ୍ମ ହୋଇଥିବା ଘରର କୁଳନାମ ଥିଲା **'ଗୁଓା'** । ଦିନେ 'ଗୁଓା' ବୋଲି ନାଆଁ ରହି, ତାପରେ ତାର ନିକଟ ସମ୍ପର୍କୀୟ ନାମରେ ବଦଳିଥିବା ଗାଆଁରେ ଭଗବଦ୍ଗୀତାର ଭାବ ଲେଖିବି ବୋଲି ଭାବି, ସେହି ଗାଆଁକୁ ଯାଇ ଦୁଇଟି ପାଖାପାଖି ଘର ଭଡାନେଇ, ଗୋଟିଏ ଘରେ ସ୍ତ୍ରୀ, ପିଲାଛୁଆଙ୍କୁ ରଖି ଅନ୍ୟ ଘରଟିକୁ ଭଗବଦ୍ଗୀତା ଲେଖିବାରେ ବ୍ୟବହାର କରିବି ବୋଲି ଭାବିଲି । ଘର ମାଲିକକୁ ସବୁ ମାସରେ ଘରଭଡା ଦେଉଥାଇ, ତାର କିଛି ଅସୁବିଧା ନରଖି ସେହିଠାରେ ଭଗବଦ୍ଗୀତା ଲେଖିଲି । ଭଗବଦ୍ଗୀତା ଲେଖା ସରିଗଲା । ଈଶ୍ୱରଙ୍କ ସେବା କଲି ବୋଲି ତୃପ୍ତିରେ ଥିବା ସେହି ସମୟରେ ଘରମାଲିକ କାହିଁକି କେଜାଣି ଆମକୁ ଭଲପାଇଲା ନାହିଁ । ଆମେ ରାତିରେ ଅନିଦ୍ରା ରହିବା, ରାତିସାରା ଜାଗିରହି ଗ୍ରନ୍ଥ ଲେଖିବା ତାକୁ ବୋଧହୁଏ ପସନ୍ଦ ହେଉନଥିଲା । ବାସ୍ତବରେ ତାକୁ ଆମର କଣ ପସନ୍ଦ ହେଉନଥିଲା ମୁଁ ଜାଣି ନାହିଁ, କିନ୍ତୁ ସେ ହଠାତ୍ ଦିନେ ଆସି ଏ ଘର ଖାଲିକର ବୋଲି କହିଦେଲା । ସେତେବେଳେ ଆମେ ଏତେ ଭଲ ବ୍ୟବହାର ସହିତ ରହି, ଆମ ଘର ପରିଶର ପରିଷ୍କାର ପରିଚ୍ଛନ ରଖି ସମସ୍ତଙ୍କ ସହିତ ସୁସମ୍ପର୍କ ରଖି ଚଲୁଛୁ; ତଥାପି ସେ ଆମକୁ ହଠାତ୍ ଏମିତି କହିଲା । ହେଲେ କାହିଁକି ? ବୋଲି କିଛି ଦୁଃଖଦ ଭାବନା କାହାଠାରେ ମଧ୍ୟ ଆସିବ । କେହି ବି ହେଉ ଏମିତି ଟିକିଏ ଦୁଃଖ ତ ନିଶ୍ଚୟ କରିବ । ହେଲେ ମୋଠାରେ ସେଦିନ ସେଭଳି ଆଲୋଚନା ଆସିନଥିଲା ।

ମୋ ଠାରେ ଆସିଥିବା ଆଲୋଚନା ଅନୁସାରେ ଯିଏ ସମସ୍ତଙ୍କଠାରେ ରହିଛନ୍ତି, ଯିଏ ସମସ୍ତଙ୍କଠାରୁ କଥା କହୁଛନ୍ତି, ସମସ୍ତଙ୍କୁ ଖେଳାଉଛନ୍ତି ସେ ହିଁ ମୋତେ ଘର ଖାଲିକର ବୋଲି ଘର ମାଲିକଠାରୁ କହି ଶୁଣାଇଛନ୍ତି । ବୋଧହୁଏ ମୁଁ ଏଇ ଭଡାଘରେ ରହି ଯେଉଁ ଭଗବଦ୍ଗୀତା ଲେଖିଛି ତାହା ଠିକ୍ ହୋଇ ନାହିଁ; ତଥାପି କିଛି ପରିବର୍ତ୍ତନ କରିବା ପାଇଁ ହୁଏତ ଏଠାରୁ ମୋତେ ଚାଲିଯିବାକୁ ଆଦେଶ ମିଳୁଛି ବୋଲି ଭାବିଥିଲି ।

ସେହି ସମୟର ପରିସ୍ଥିତି ଅନୁସାରେ ମୋ ଭିତରେ ଆତ୍ମା କରିଥିବା ଯୋଜନା ଅନୁସାରେ ସେହି ଗାଆଁକୁ ସମ୍ପୂର୍ଣ୍ଣ ଛାଡିଦେଇ ହାଇଦ୍ରାବାଦ କଡରେ ଥିବା 'କୋତକୋଟା' ନାମକ ଗାଆଁକୁ ଚାଲିଗଲି । 'ଗୁଡି'ଠାରୁ ହାଇଦ୍ରାବାଦ୍ ୩୦୦ କିଲୋମିଟର ହୋଇଥିବା ସ୍ଥଳେ ୧୫୦ ମଧ୍ୟ ଦୂରରେ ଥିବା ଗାଆଁରେ ରହିଲି । ତା ମଧ୍ୟ ଆତ୍ମାର ଯୋଜନା ଥିଲା ବୋଲି ଭାବିଲି । ସେଠାରେ ମୋ' ପାଖରେ ଥିବା ଲୋକମାନଙ୍କୁ ସେଠାରେ ରଖି ମୁଁ ହାଇଦ୍ରାବାଦ ଯିବା, ତାପରେ ସେଠାରେ ଏକ ଘର କିଣିବା ସହିତ କିଛିଦିନ ପରେ ଗୋଟିଏ ପରେ ଗୋଟିଏ କରି ଏମିତି ସାତଗୋଟି ଘର କିଣିବା କାର୍ଯ୍ୟ ସମାପନ ହୋଇଗଲା । ଏ ସମସ୍ତ କାର୍ଯ୍ୟ ହେବା ପଛରେ ମୂଳଦୁଆ ଭାବରେ ସେଠାରେ ଅନ୍ୟମାନଙ୍କଠାରୁ ବ୍ୟତିରେକ କଥାବାର୍ତ୍ତା କରିଥିବା ପାତ୍ର ଆଉ କେହି ନୁହେଁ ଆତ୍ମା, ସେ ହିଁ ମୋର ମଙ୍ଗଳ କାମନା କରିବା ନିମନ୍ତେ ଏଭଳି ଟିକିଏ ବିରୁଦ୍ଧତା ଦେଖାଇଥିଲେ ବୋଲି ବୁଝି ପାରିଲି । ଏହିଭଳି ଆତ୍ମା ମଣିଷ ଜୀବନରେ ବେଳେବେଳେ ବ୍ୟତିରେକ ହୋଇଥାନ୍ତି, ସେହିଭଳି ବେଳେବେଳେ ଅନୁକୂଳିତ କଥା କୁହାଇଥାନ୍ତି, ସେହିଭଳି କିଛି କରାଇଥାନ୍ତି । **ସବୁକିଛି ଆତ୍ମା ହିଁ କରୁଛନ୍ତି ବୋଲି ଯେଉଁମାନେ ସବୁବେଳେ ଭାବିଥାନ୍ତି ସେମାନଙ୍କର ସବୁବେଳେ ମଙ୍ଗଳ ହିଁ ଘଟିଥାଏ ।** ମୋ ଅନୁଭବରେ ଏଭଳି ଅନେକ କିଛି ଘଟିଲାଣି । ସବୁକିଛି ମୋର ପିତା ଆତ୍ମା କରାଉଛନ୍ତି ବୋଲି ମୁଁ ଭାବୁଛି ।

ଆଜିର କାଳରେ ସଂସ୍କୃତ ଶ୍ଳୋକର ବିବରଣୀ ଲେଖାଯାଇଥିବା ଭଗବଦ୍ଗୀତାଗୁଡିଏ ପ୍ରାୟ ତିନିଶହ ଉପରେ ସିନା କମ୍ ନାହିଁ । ସେଗୁଡିକୁ କେତେ ବଡ ବଡ ସ୍ୱାମୀଜୀମାନେ, ଜ୍ଞାନରେ ଅନୁଭବ ଥିବା ବ୍ୟକ୍ତିମାନେ, ବଡ ବଡ ଗୁରୁ ବୋଲାଉଥିବା ଲୋକମାନେ ହିଁ ଲେଖିଛନ୍ତି । ହେଲେ ସେଗୁଡିକର ଭାବାର୍ଥ ଠିକ୍ ନାହିଁ, ତେଣୁ ସେହି ଶ୍ଳୋକଗୁଡିକର ଭାବାର୍ଥ ଠିକ୍ ଠିକ୍ ଲେଖିବା ମୋର ଉଦ୍ଦେଶ୍ୟ ରଖି ସେ ବାବଦରେ ଭାବିବା

ଆରମ୍ଭ କରିଥିଲି । ସଂସ୍କୃତ ଭାଷାର ବିବରଣୀ ଲେଖିବାକୁ ହେଲେ ପ୍ରଥମେ ସଂସ୍କୃତ ଭାଷା ଶିଖିବାକୁ ପଡିବ । ମୋର ସଂସ୍କୃତ ଭାଷା ସହିତ ପରିଚୟ ହିଁ ନାହିଁ । ମୋତେ ତେଲୁଗୁ ଶବ୍ଦର ଅର୍ଥ ମଧ୍ୟ ଭଲ ଭାବରେ ଜଣା ନାହିଁ । ଖାଲି ଏକାଦଶ ପାଠ ପଢିଛି ସିନା ଉପରକୁ ଯାଇନି । ମୁଁ ସଂସ୍କୃତ ଶ୍ଳୋକର ବିବରଣୀ ଲେଖିବାକୁ କିପରି ବାହାରିଛି ! ବୋଲି ଯେତେବେଳେ ମୋ ଭିତରୁ ପ୍ରଶ୍ନ ଆସୁଥିଲା ସେତେବେଳେ ଆତ୍ମା ହିଁ ମୋ ଭିତରେ ରହି ଏସବୁ ଭାବନା, ଯୋଜନା ତିଆରି କରୁଛନ୍ତି, ପରେ ସେ ହିଁ ସବୁକିଛି କରିବେ, ମୋର କିଛି ଚିନ୍ତା କରିବା ଦରକାର ନାହିଁ ବୋଲି ଜାଣି, ସେହି ବିଶ୍ୱ ବିଦ୍ୟାଳୟର ବୋଧକ ହିଁ ଭଗବଦ୍ଗୀତାର ଭାବ ଲେଖିବାକୁ ଚାହୁଁଛନ୍ତି ତାହା ନିଶ୍ଚୟ ମହାନ ଗ୍ରନ୍ଥ ହେବ ବୋଲି ଭାବିଥିଲି । ଏହା ପୂର୍ବରୁ ଭଗବଦ୍ଗୀତାର ଭାବ ସେହି ଆତ୍ମା ହିଁ ଲେଖାଇଛନ୍ତି, ଏହା ନିରାଟ ସତ୍ୟକଥା ହେଲେହେଁ ସେମାନଙ୍କ ଭାବ ଭିନ୍ନ ଥିବାରୁ, ଆମେ ଲେଖୁଛୁ ବୋଲି ଭାବନା ସେମାନଙ୍କଠାରେ ରହିଥିବାରୁ, ସେମାନଙ୍କ ଦ୍ୱାରା ଭଗବଦ୍ଗୀତା ଯେମିତି ଲେଖାଇବା କଥା ସେମିତି ଲେଖାଇଛନ୍ତି । ଏବେ ମଧ୍ୟ "ମୋ ଭିତରେ ରହି ଆତ୍ମା କଣ ଲେଖାଉଛନ୍ତି ତାହା ମଧ୍ୟ ମୁଁ ଜାଣିବି" ବୋଲି ଭାବୁଥିଲି ।

ମୁଁ କିଛି ଜଣା ନଥିବା ଅଜ୍ଞାନୀ ଭଳି ଥିଲେ ମଧ୍ୟ, ଭଗବଦ୍ଗୀତା ଲେଖିବା ପାଇଁ ଆତ୍ମା ପ୍ରସ୍ତୁତ ହୋଇଯିବା ବେଳେ, ସର୍ବ ପ୍ରଥମେ ଭଗବଦ୍ଗୀତାରେ ଥିବା 'ଅର୍ଜୁନ ବିଷାଦ ଯୋଗ' ଉପରେ ଆଖିପଡି ଏହା ଭଗବଦ୍ଗୀତା ନୁହେଁ ବୋଲି ଭାବନା ଆସି, ସମ୍ପୂର୍ଣ୍ଣ ଭାବରେ ସେ ଅଧ୍ୟାୟକୁ ଛାଡି ଦ୍ୱିତୀୟ ଅଧ୍ୟାୟରୁ ଆରମ୍ଭ କରିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ତା ସମ୍ବନ୍ଧୀୟ ବିବରଣୀରେ ରୋଗୀ, ଡାକ୍ତର ଏବଂ ସେମାନଙ୍କ ସମ୍ଭାଷଣରୁ **ଚିକିତ୍ସା କାହାର ?, ରୋଗ କାହାର ?** ବୋଲି ପ୍ରଶ୍ନ ପଚାରି ରୋଗ ରୋଗୀର, ଚିକିତ୍ସା ଡାକ୍ତରଙ୍କର ହୋଇଥିବାରୁ ଚିକିତ୍ସା ଜାଗାରେ ରୋଗ ଲେଖିବା ଉଚିତ୍ ନୁହେଁ ବୋଲି ଜଣାଇ, ଭଗବଦ୍ଗୀତା ଭାବରେ

ଅର୍ଜୁନ ଏବଂ ଶ୍ରୀକୃଷ୍ଣଙ୍କ ଭିତରେ ଯେଉଁ ସମ୍ଭାଷଣ ହୋଇଥିଲା ସେହି ସମ୍ଭାଷଣରୁ କେବଳ ଶ୍ରୀକୃଷ୍ଣଙ୍କ ସମ୍ଭାଷଣ ହିଁ ଡାକ୍ତରଙ୍କ ଚିକିତ୍ସା ଭଳି ହେବ, ତାହାକୁ ହିଁ ଭଗବଦ୍ଗୀତା କୁହାଯିବା ଉଚିତ୍, ଅର୍ଜୁନ ଯାହା କହିଛନ୍ତି ତାହା କେବଳ ବିଷାଦ, ତାହା ଆମର ଆବଶ୍ୟକ ନଥାଏ, ଭଗବଦ୍ଗୀତା ଏଭଳି ବୋଲି ୧୭ ଅଧ୍ୟାୟ ବିଶିଷ୍ଟ ମୌଳିକ ଭଗବଦ୍ଗୀତା ଲେଖାଥିବା ସର୍ବ ପ୍ରଥମ ରଚୟିତା ଆତ୍ମାଙ୍କ ମହାନତା ମୋତେ ଆଶ୍ଚର୍ଯ୍ୟ କରିଦେଇଥିଲା ।

ଭଗବଦ୍ଗୀତାକୁ ସାଂଖ୍ୟ ଯୋଗର ୧୧ତମ ଶ୍ଳୋକଠାରୁ ଆରମ୍ଭ କରିବାବେଳେ ପ୍ରଥମଶ୍ଳୋକର ବିବରଣୀ ଭୂପୃଷ୍ଠରେ ଥିବା କୌଣସି ଭଗବଦ୍ଗୀତାର ବିବରଣୀ ସହିତ ମେଳ ଖାଇଲା ନାହିଁ । ସେଠାରେ କେହି କହିନଥିବା ବିବରଣୀକୁ ଦେଖିଲେ ଆତ୍ମା କହିଲେ କଣ, କିପରି ଥାଏ ସବୁ ଜଣାପଡିବ । କାହାର ଭାବନାରେ ଆସୁନଥିବା ବିବରଣୀ ସେଠାରେ ଲେଖିବା ଦ୍ୱାରା ତାହା ଏକ ସ୍ୱତନ୍ତ୍ର ଭାବର ହୋଇଗଲା । ସେହି ଶ୍ଳୋକର ଭାବ ଆତ୍ମା ଲେଖାଇବା ବେଳେ, ମୁଁ ତାହା ସର୍ବ ପ୍ରଥମେ ମୋ ଆଖିରେ ଦେଖିଥିବାରୁ କେତେ ଖୁସି ହୋଇଥିଲି । ଅନ୍ୟମାନେ ପରେ ଦେଖିବେ, ସେମାନେ ମୋ ପରେ ପଢିବାଲୋକେ ହେବେ । ମୋ ଶରୀରର ଆତ୍ମା ଏହା ଲେଖିବା ଦ୍ୱାରା ସମସ୍ତଙ୍କ ଆଗରୁ ତାହା ପଢିବା ସୌଭାଗ୍ୟ ମୋର ଥିଲା । ଏବେ ମୋର ଏଇ କଥା ଶୁଣୁଥିବା ଲୋକମାନଙ୍କୁ କିଛି ବୁଝାପଡି, କିଛି ବୁଝାନପଡି ଥାଇପାରେ । ଭଗବଦ୍ଗୀତା ମୁଁ ଲେଖିନାହିଁ ସତ୍ୟକୁ ଆପଣ ଗ୍ରହଣ କରିପାରିଲେ ମୋ କଥାକୁ ସମ୍ପୂର୍ଣ୍ଣ ବୁଝିପାରନ୍ତି । ଆପଣଙ୍କୁ ବୁଝାପଡୁ ବା ନପଡୁ ମୁଁ ଯାହା କହୁଛି ତାହା ୧୦୦ ପ୍ରତିଶତ ସତ୍ୟ ।

୧୧ତମ ଶ୍ଳୋକରୁ ବିବରଣୀ ଲେଖିବା ଆରମ୍ଭ କରାଇଥିବା ବିଶ୍ୱ-ବିଦ୍ୟାଳୟର ଅଧିପତି ଆତ୍ମା, ଆଉ ୧୧ ଗୋଟି ଶ୍ଳୋକର ବିବରଣୀ ଲେଖି ୨୨ତମ ଶ୍ଳୋକ ପର୍ଯ୍ୟନ୍ତ ଗଲାବେଳେ, **'ବାସାଂସି ଜୀର୍ଣ୍ଣାନି..'** ନାମକ ଶ୍ଳୋକର ଭାବ ବର୍ଣ୍ଣନା କରି ଏକ ଅଦ୍ଭୁତ ସୃଷ୍ଟି କରିଥିଲେ । ସେତେବେଳଯାଏଁ

ସାରା ଭୂମଣ୍ଡଳର କୌଣସି ରଚୟିତା ମଧ୍ୟ ସେଭଳି ଭାବ ଲେଖିନଥିଲେ । ଯେଉଁମାନେ ଲେଖିଥିଲେ, ସେମାନଙ୍କର ସେହି ଶରୀରଗୁଡିକରେ ରଚୟିତା ବୋଲି ଭାବ ରହିଯିବା ଦ୍ୱାରା, ଆତ୍ମା ସେମାନଙ୍କ ଭାବାନୁଗୁଣ ସର୍ବସାଧାରଣ ଭାବ ଲେଖାଇଥିଲେ, କିନ୍ତୁ ମୋ ଦ୍ୱାରା ଲେଖାଉଥିବା ଶ୍ଳୋକର ଭାବ ଭଳି ତାହା ନଥିଲା । ମୋ ଶରୀରରୁ ମୋର ଭାବ କିଛି ନଥିଲେ ମଧ୍ୟ, ଯାହା ଥିଲା ତାହା ଆତ୍ମାଙ୍କର ହୋଇଥିବାରୁ ସେଥିରେ ଯାହା ଲେଖିଥିଲେ ତାହା ସ୍ୱୟଂ ଆତ୍ମେଶ୍ୱରଙ୍କର ବୋଲି ଜାଣିବାରେ କିଛି ବାକିରହିଲା ନାହିଁ । ତେଣୁ ସେଠାରେ ଲେଖାଯାଇଥିବା ଶ୍ଳୋକର ଭାବରେ ଥିବା ରହସ୍ୟ ଆଲୋଚନା କରିବାପାଇଁ ଆମ ମସ୍ତିସ୍କରେ ଶକ୍ତି ହିଁ ନାହିଁ । ଗୋଟିଏ ଶ୍ଳୋକର ଭାବ ୪୨ ଫର୍ଦ୍ଦ ଲେଖି ସାଇନ୍ସର ସାଇନ୍ସ ହୋଇଥିବା ସୁପରସାଇନ୍ସ କିପରି ତାହା ଜଣାଇ ଦେଇଛନ୍ତି । ଏହା କାହାକୁ ଜଣା ନଥିବା ରହସ୍ୟ ବୋଲି କହିପାରିବା । ଏହା ପୂର୍ବରୁ କୌଣସି ଭଗବଦ୍ଗୀତାରେ ନଥିବା ରହସ୍ୟ ଏହି ଶ୍ଳୋକରେ ଜଣାଇ ଦେଇଛନ୍ତି । ସର୍ବ ପ୍ରପଞ୍ଚରେ ପ୍ରତ୍ୟକ୍ଷ ଭାବରେ ରହି ମଧ୍ୟ, ଆଜି ସମସ୍ତଙ୍କ ପାଇଁ ରହସ୍ୟ ହୋଇଯାଇଥିବା ସେହି ଶ୍ଳୋକ କଣ ଆପଣ ନିଜେ ପାଠକରି ଜାଣନ୍ତୁ । ଏତେ ମହାନ ବିବରଣୀ ମାତ୍ର ଏଗାର ଗୋଟି ଶ୍ଳୋକର ଭାବାର୍ଥ ଲେଖିବା ପରେ ଲେଖି ଜଣାଇବା ଦ୍ୱାରା ସର୍ବ ପ୍ରଥମେ ମୁଁ ଜାଣିପାରିବା ମୋର ସୌଭାଗ୍ୟ ବୋଲି ମୁଁ ଭାବୁଛି । ଅନେକ ଲୋକ ଆମ ରଚନାର **'ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା'** ପଢିଥିଲେ ମଧ୍ୟ ତନ୍ମଧ୍ୟରୁ ଏଭଳି ଗୁଡିଏ ଶ୍ଳୋକ କାହାକୁ ସଠିକ ବୁଝାପଡି ନାହିଁ ବୋଲି କହିପାରିବା ।

ମୁଁ ମୁସ୍ଲିମ୍‌ମାନଙ୍କର ଗ୍ରନ୍ଥ ହୋଇଥିବା ଅନ୍ତିମ ଦୈବଗ୍ରନ୍ଥ ନାମରେ କୋରାନ ଗ୍ରନ୍ଥର ଭାବ (ଭାବାର୍ଥ) ଲେଖିଛି । କୌଣସି ହିନ୍ଦୁ କୌଣସି ମୁସ୍ଲିମ୍ ଗ୍ରନ୍ଥକୁ କଦାପି ହାତରେ ଧରନ୍ତି ନାହିଁ; ତଥାପି ମୁଁ ହିନ୍ଦୁ ହୋଇ ମଧ୍ୟ ମୁସ୍ଲିମ୍ ମାନଙ୍କୁ ବୁଝା ପଡିନଥିବା କୋରାନ ବିବରଣୀ ଲେଖିଛି । ଏଠାରେ

ଆପଣମାନେ ବୁଝିପାରିବା ପାଇଁ ମୁଁ ବୋଲି ଲେଖୁଛି ସିନା ମୋଠାରେ ଥିବା ଆତ୍ମା ଏଭଳି ଲେଖାଇଛନ୍ତି ବୋଲି ଭୁଲନ୍ତୁ ନାହିଁ । ଏଠାରେ ଭଗବଦ୍ଗୀତାର ଅନେକ ରହସ୍ୟ ସୃଷ୍ଟି କରୁଥିବା ବିଷୟ ଲେଖାଯିବା ଭଳି, ସେଠାରେ କୋରାନର ଆୟତଗୁଡିକ ମଧ୍ୟ ଲେଖାଯାଇଛି । କେହି ବୁଝିପାରୁ ନଥିବା ବିଷୟ, କିଛିଲୋକ ସହିପାରୁ ନଥିବା ବିଷୟର ବିବରଣ କୁହାଯାଇଛି । ଭଗବଦ୍ଗୀତାର ସାଂଖ୍ୟଯୋଗରେ ଥିବା ୨ ୨ ତମ ଶ୍ଳୋକର ବିବରଣୀ ହଜାରେ ବର୍ଷ ବିଜ୍ଞାନ ଗବେଷଣା କରିବା ପରେ ମଧ୍ୟ ଜାଣିହେଉ ନଥିବା ରହସ୍ୟ ଭାବରେ ରହିଛି । ସେହି ଶ୍ଳୋକ ଭଳି କୋରାନର ଷଷ୍ଠତମ ସୁରାରେ ଥିବା ୯ ୫ ତମ ଆୟତରେ ଗୋଟିଏକଥା ଦେଖିବାକୁ ମିଳିଛି, ଭଗବଦ୍ଗୀତାରେ ସେହି ଶ୍ଳୋକରେ ଥିବା ଭାବାର୍ଥ କୋରାନର ଷଷ୍ଠତମ ସୁରାରେ ଥିବା ୯ ୫ ତମ ଆୟତରେ ଥିବା ଭାବଠାରୁ ଭିନ୍ନ ନୁହେଁ । ଭଗବଦ୍ଗୀତାର ସେହି ଶ୍ଳୋକକୁ କେହି ବୁଝିପାରି ନଥିବା ବେଳେ, କୋରାନରେ ଥିବା ସେହିଭଳି ବିବରଣୀକୁ କେହି ବୁଝି ପାରି ନାହାନ୍ତି କହିବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ଭଗବଦ୍ଗୀତା ପଢନ୍ତୁ କି ତାର ବିବରଣୀ ପଢନ୍ତୁ ସେଥିରେ ଯାହା ଲେଖାଯାଇଛି ତାହା ପଢି ବୁଝିବା ଛଡା ସେଥିରେ କେଉଁ ଗଭୀର ତତ୍ତ୍ୱ ରହସ୍ୟ ଭାବରେ ରହିଛି ସେ ବାବଦରେ କେହି ବିଚାର କରନ୍ତି ନାହିଁ । ମୁସ୍ଲିମ୍‌ମାନେ ସମସ୍ତେ ଶୁଣନ୍ତି ସିନା କୋରାନକୁ ପଢିବା ଲୋକେ ଖୁବ୍ କମ୍ ଥାଆନ୍ତି । ଯେଉଁମାନେ ପଢନ୍ତି ସେମାନଙ୍କୁ ଯେଉଁ ଭାଷା ଜଣାଥାଏ ସେହି ଭାଷାରେ ନପଢି କୋରାନକୁ ଆରବୀ ଭାଷାରେ ପଢିବା ସେମାନଙ୍କର ସରିୟତ୍ ନିୟମ ରହିଥାଏ । କୋରାନକୁ ଆରବୀ ଭାଷାରେ ପଢିବା ଦ୍ୱାରା, ସେ ଭାଷା କାହାକୁ ଜଣା ନଥିବା କାରଣରୁ କୋରାନକୁ କେହି ମଧ୍ୟ ସଠିକ ଢଙ୍ଗରେ ବୁଝିପାରି ନାହାନ୍ତି । ଭଗବଦ୍ଗୀତାରେ କୁହାଯାଇଥିବା ଏହି ବିଷୟ କୋରାନର ଆୟତ ରୂପେ ଥିବାବେଳେ, ବାଇବେଲରେ ସେ ବିଷୟ ନାହିଁ । ହିନ୍ଦୁମାନଙ୍କୁ ହେଉ କି ମୁସ୍ଲିମ୍ ମାନଙ୍କୁ ହେଉ ସେ ବିଷୟ ବୁଝାପଡି ନାହିଁ । ସେହି ବିବରଣ କାହାକୁ ଜଣା ନାହିଁ । ତେଣୁ **"ଗର୍ଭସ୍ଥ**

**ଶିଶୁଠାରେ ପ୍ରାଣ ନାହିଁ"** ବୋଲି ସାରା ଦୁନିଆରେ କାହାକୁ ଜଣା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୁନିଆରେ କାହାକୁ ଜଣାନଥିବା ରହସ୍ୟ ମୋ ଦ୍ୱାରା ଭଗବଦ୍ଗୀତାରେ ଲେଖାଯିବା, ସର୍ବ ପ୍ରଥମେ ମୁଁ ଜାଣିବା, ମୋର ମହା ଭାଗ୍ୟ ବୋଲି ମୁଁ ଭାବୁଛି । ଏହିଭଳି ମୋଦ୍ୱାରା ଲେଖାଯାଇଥିବା ଭଗବଦ୍ଗୀତାରେ ଗୋଟିଏ ଦୁଇଟି ନୁହେଁ ଅନେକ ରହସ୍ୟର ଉନ୍ମୋଚନ ହୋଇଛି । ଆପଣ ପାଠକଲେ ଜାଣିପାରିବେ ।

ମାନବ ଶରୀର ଏକ ବିଶ୍ୱ ବିଦ୍ୟାଳୟ ହୋଇଥିବା ସ୍ଥଳେ, ସେଥିରେ ବୋଧକ ଭାବରେ ଆତ୍ମା ରହିଥାନ୍ତି ବୋଲି କହିଥିଲୁ, ଜୀବାତ୍ମାମାନେ ଏହାର ବିଦ୍ୟାର୍ଥୀଗଣ ହୋଇଥିବା ସ୍ଥଳେ, ସେଥିରେ (ଶରୀରରେ) ସମସ୍ତଙ୍କୁ ଦେଖୁଥିବା ପର୍ଯ୍ୟବେକ୍ଷଣାଧିକାରୀ ଭାବେ ପରମାତ୍ମା(ଈଶ୍ୱର) ରହିଥାନ୍ତି । ଶରୀର ବିଦ୍ୟାଳୟ ହେଲେ ତାର ଅଧିପତି ହୋଇଥାନ୍ତି ଆତ୍ମା । ଆତ୍ମା ପ୍ରତି ଜୀବଶରୀରରେ ସ୍ୱତନ୍ତ୍ର ରହିବା ଦ୍ୱାରା ପ୍ରତ୍ୟେକ ଜୀବର ଗୋଟିଏ ବିଶ୍ୱବିଦ୍ୟାଳୟ ଅଛି ବୋଲି କହିପାରିବା । ବାହାର ବିଶ୍ୱବିଦ୍ୟାଳୟରେ ଅନେକ ବିଦ୍ୟାର୍ଥୀ ରହିପାରନ୍ତି, କିନ୍ତୁ ଶରୀର ବିଶ୍ୱବିଦ୍ୟାଳୟରେ କେବଳ ଜଣେ ଲେଖାଏଁ ବିଦ୍ୟାର୍ଥୀ ରହିବା ବନ୍ଦୋବସ୍ତ ରହିଛି । ପ୍ରତି ଶରୀର ଏକ ଏକ ବିଶ୍ୱ ବିଦ୍ୟାଳୟ । ପ୍ରତି ଶରୀରରେ ଆତ୍ମା ବୋଧକ, ଶୋଧକ ଭାବରେ, କାର୍ଯ୍ୟକର୍ତ୍ତା ଭାବରେ, ସର୍ବବିଧ କାର୍ଯ୍ୟ କରାଉଛନ୍ତି । ଏହିଭଳି ପ୍ରତ୍ୟେକ ଜୀବ ପାଇଁ ଏକ ଏକ ବିଦ୍ୟାଳୟ ରହିବା ଦ୍ୱାରା ଜୀବର ଭାବ ଅନୁଯାୟୀ ସେମାନଙ୍କୁ ବିଦ୍ୟା ଜଣାପଡିଥାଏ । ଏଭଳି ଭାବ ଭିନ୍ନତା ଥିବାରୁ ଭାବାନୁଗୁଣ ବିଦ୍ୟା ଶିଖାଇବା ପାଇଁ ଶରୀରରେ ଆତ୍ମା ବୋଧକ ଭାବେ ରହିବା ସହିତ ଶରୀରଗୁଡିକ ମଧ୍ୟ ଭିନ୍ନଭିନ୍ନ ରହିଛି, ପ୍ରତ୍ୟେକ ଶରୀର ଏକ ଏକ ବିଶ୍ୱ ବିଦ୍ୟାଳୟ ହୋଇ ରହିଛି ।

ପ୍ରତ୍ୟେକ ଶରୀରରେ ବୋଧକ ଭାବରେ ଆତ୍ମା ରହି ଜଣାନଥିବା ବିଷୟସବୁ ବାଣୀରୂପରେ କହୁଛନ୍ତି । ସେହିଭଳି ପ୍ରତ୍ୟେକ ଶରୀରରେ

ଥିବା ଆତ୍ମା ଶରୀରର ଅଧିପତି ଭାବରେ ରହି ଶରୀର କେତେବେଳେ ସୁସ୍ଥ ରହିବ, କେତେବେଳେ ଅସୁସ୍ଥ ହେବ ତାହା କର୍ମ ଅନୁସାରେ ହିସାବ କରି, ହିସାବ ଅନୁଗୁଣ ପ୍ରଭାବ ଦର୍ଶାଉଛନ୍ତି । ଆତ୍ମା ପ୍ରତ୍ୟେକ ଶରୀରରେ କାର୍ଯ୍ୟକର୍ତ୍ତା ହୋଇରହି କର୍ମ ଅନୁସାରେ ଜୀବର ଆବଶ୍ୟକୀୟ ସମସ୍ତ କାର୍ଯ୍ୟ କରୁଛନ୍ତି ବା କରାଉଛନ୍ତି । ଶରୀରରେ କଥା କହିପାରୁଥିବା ବ୍ୟକ୍ତି ଭାବରେ ଜଣେ ଆତ୍ମାଙ୍କ ପ୍ରମେୟରୁ ହିଁ କଥାକହି ପାରୁଛି । ଶରୀରରେ ଆତ୍ମାଙ୍କର ଅସ୍ତିତ୍ୱକୁ ନଜାଣି ରହିଥିବା ମଣିଷଠାରେ ସବୁକାର୍ଯ୍ୟ ମୁଁ କରୁଛି ବୋଲି ଭାବ ବହିର୍ଗତ କରୁଛନ୍ତି । କେତେକ ଭକ୍ତମାନଙ୍କ ତୁଣ୍ଡରୁ ଈଶ୍ୱର ହିଁ ସବୁକିଛି କରିଥାନ୍ତି ବୋଲି କୁହାଉଛନ୍ତି । କେତେକଙ୍କଠାରେ ଡାକ୍ତର ଭାବରେ ରହି ଚିକିତ୍ସା କରୁଥାଇ ଅନ୍ୟମାନଙ୍କ ଦ୍ୱାରା ଡାକ୍ତର ମହାଶୟ ବୋଲି କୁହାଉଛନ୍ତି । କେତେକଙ୍କଠାରେ ଗୀତ ଗାଉଥିବା ଗାୟକ ଭାବରେ ରହି ଗୀତ ଗାନ କରାଉଛନ୍ତି । ଶହେଜଣ ଗାୟକଙ୍କ ଭିତରେ ଶହେ ପ୍ରକାରର ହୋଇ ରହିଥିବା ଆତ୍ମା ପ୍ରତ୍ୟେକଙ୍କଠାରେ ଏକ ଏକ ସ୍ୱତନ୍ତ୍ରତା ବହନକରି ରହିଛନ୍ତି । ସମସ୍ତେ ଗୀତିକାର ହେଲେ ମଧ୍ୟ ସେମାନଙ୍କ କର୍ମ ଅନୁସାରେ ସେମାନଙ୍କଠାରେ ଭିନ୍ନତା ରହିବା ଭଳି କରି ଭିନ୍ନ ଭିନ୍ନ ଗୀତିକାର ବୋଲି ଅନ୍ୟମାନଙ୍କ ଦ୍ୱାରା କୁହାଉଛନ୍ତି । ସ୍ୱୟଂ ଆତ୍ମା ଭିତରୁ ଗାନ କରୁଥିଲେ ମଧ୍ୟ ତାହା ଶୁଣି ସମସ୍ତେ ମୁଗ୍ଧ ହୋଇଯିବା ଭଳି ଅମୁକ ଗାୟକ କେତେ ଭଲ ଗାୟକ ବୋଲି ଅନ୍ୟମାନଙ୍କ ଦ୍ୱାରା କୁହାଉଛନ୍ତି । ଏହିଭଳି ସାରାଦୁନିଆରେ କୋଟି କୋଟି ଲୋକଙ୍କଠାରେ କୋଟି କୋଟି ରୂପରେ ରହି, କାହା ସହିତ କାହାର ସମ୍ପର୍କ ନରହିବା ଭଳି ଜଣାଯାଇଥା'ନ୍ତି । ସମସ୍ତଙ୍କଠାରେ ସେହି ଗୋଟିଏ ଆତ୍ମା ରହିଛନ୍ତି, ଏ ବିଷୟ କେହି ଜାଣି ନପାରିବା ଭଳି କରାଉଛନ୍ତି । ସମଗ୍ର ବିଶ୍ୱରେ ଥିବା ପ୍ରତ୍ୟେକ ଶରୀରର ଆତ୍ମା କୌଣସି ଗୋଟିଏ ଶରୀରରେ ମଧ୍ୟ ନିଜର ଅସ୍ତିତ୍ୱକୁ କେହି ଜାଣି ନପାରିବା ଭଳି ଲୁଚି ରହିଛନ୍ତି । ସେଥିଲାଗି ଆତ୍ମାଙ୍କ ବାବଦରେ କେହି ଜାଣିପାରି ନାହାନ୍ତି ।

ଜୀବାତ୍ମା ହୋଇଥିବା ମୁଁ କେବଳ ଏଇ ଶରୀରରେ ରହିଛି ବୋଲି ସମସ୍ତେ ଭାବୁଛନ୍ତି । ଆଉ କେତେକ ଆମ ସହିତ ପରମାତ୍ମା ମଧ୍ୟ ଅଛନ୍ତି ବୋଲି ଭାବିଥାନ୍ତି । କିଛିକାର୍ଯ୍ୟ ଈଶ୍ୱର କରୁଛନ୍ତି ବୋଲି ବାହାରକୁ କହୁଥିଲେ ମଧ୍ୟ, ସବୁକିଛି ମୁଁ କରୁଛି ବୋଲି ଅନ୍ତର୍ଭାବନା ସେମାନଙ୍କଠାରେ ରହିଛି ।

**ପ୍ରଶ୍ନ- ଆତ୍ମା ସମସ୍ତଙ୍କଠାରେ ରହି ମଧ୍ୟ କାହାଠାରେ ନଥିବା ଭଳି କାହିଁକି ଅଭିନୟ କରୁଛନ୍ତି ?**

**ଉତ୍ତର :-** ସମସ୍ତଙ୍କଠାରେ ଆତ୍ମା ରହିଥା'ନ୍ତି ବୋଲି ତିନି ଦୈବଗ୍ରନ୍ଥରେ ପ୍ରତ୍ୟକ୍ଷ ଭାବରେ କହିଛନ୍ତି । ତିନି ଦୈବଗ୍ରନ୍ଥକୁ ଆତ୍ମା ଲେଖିଥିବାରୁ ନିଜ ବାବଦରେ ଗ୍ରନ୍ଥରେ ନଲୁଚାଇ ସମ୍ପୂର୍ଣ୍ଣ ସମାଚାର ବ୍ୟକ୍ତ କରିଛନ୍ତି । ହେଲେ ସେଠାରେ କହିବାବେଳେ ଜ୍ଞାନ, ଅଜ୍ଞାନକୁ କହିବା ପରେ କେବଳ ଜ୍ଞାନୀମାନେ ହିଁ ମୋତେ ଜାଣି ପାରନ୍ତି, ଅଜ୍ଞାନୀମାନେ ମୋତେ ଜାଣିପାରନ୍ତି ନାହିଁ ବୋଲି କହିଛନ୍ତି । ସମସ୍ତଙ୍କଠାରେ ସର୍ବବିଧ ରହିଥିବା ତାଙ୍କୁ ଜାଣିବା ନିମନ୍ତେ ଆଧ୍ୟାତ୍ମିକ ଜ୍ଞାନ ବା ଆତ୍ମଜ୍ଞାନ ଆବଶ୍ୟକ । ଜ୍ଞାନ ଅନୁସାରେ କେହି ତାଙ୍କୁ ଜାଣି ପାରିବ । ସେଥିଲାଗି  କହିପାରିବା  ଯେ,  ଆତ୍ମା ନଥିବା ଭଳି ଅଭିନୟ କରୁନାହାନ୍ତି, ପ୍ରତ୍ୟକ୍ଷ ଭାବରେ ରହି ସମସ୍ତ କାର୍ଯ୍ୟ କରୁଛନ୍ତି, କିନ୍ତୁ ମଣିଷ ଅଜ୍ଞାନ ବଶୀଭୂତ ହୋଇ  ଆତ୍ମାଙ୍କୁ  ଜାଣିପାରୁ ନାହିଁ । ଅଜ୍ଞାନ ଦ୍ୱାରା ମୁଁ ଜଣାପଡେ ନାହିଁ ବୋଲି ଆତ୍ମା କହିଥିବା ସ୍ଥଳେ, ଜ୍ଞାନ ଦ୍ୱାରା ମଣିଷ ଆତ୍ମାଙ୍କୁ କାହିଁକି ଜାଣିପାରୁ ନାହିଁ ? ଦୁନିଆରେ ଜ୍ଞାନୀଗଣ ଭାବେ ଥିବା ଲୋକମାନେ ମଧ୍ୟ  ଆତ୍ମଜ୍ଞାନ ନଜାଣି, ଅଜ୍ଞାନ ଅନ୍ଧକାରରେ ରହି, ଆମେ ଆଲୋକରେ ଅଛୁ ବୋଲି ଭାବି, ନିଜେ ଜ୍ଞାନୀ ବୋଲି ବର୍ଣ୍ଣନା କରୁଛନ୍ତି, ଭାବୁଛନ୍ତି । ସେଥିଲାଗି ଆତ୍ମା କାହାକୁ ଜଣାପଡୁନାହାନ୍ତି ।

**ପ୍ରଶ୍ନ- ଶରୀର ଏକ ବିଦ୍ୟାଳୟ, ସେଥିରେ ଯାହା ବୋଧ କରାଯାଏ ତାହା ବିଶ୍ୱ ବିଦ୍ୟା, ବିଶ୍ୱ ବିଦ୍ୟାକୁ ବିଶ୍ୱ ବିଦ୍ୟାଳୟ ବୋଧ କରେ ବୋଲି କହିପାରିବା, ଏକଥା ଆପଣ କହିଥିଲେ । ଆପଣ କହିବା**

**ଭଳି ମଣିଷର ଶରୀର ଗୋଟିଏ ଗୋଟିଏ ବିଶ୍ୱବିଦ୍ୟାଳୟ ହେଲେ, ଆଜି ଶରୀର ଧାରଣ କରିଥିବା ସମସ୍ତେ ପ୍ରାୟ ୯୯ ପ୍ରତିଶତ ଲୋକେ ଅଧର୍ମରେ ବୁଡିରହିଛନ୍ତି । ଅଧର୍ମର ରୂପକୁ ବଦଳାଇବା ପାଇଁ ଈଶ୍ୱର ହିଁ ଭଗବାନ ହୋଇ ଭୂପୃଷ୍ଠକୁ ଆସନ୍ତି ବୋଲି ଆପଣ କହୁଛନ୍ତି । ଶରୀର ଯଦି ଏକ ବିଶ୍ୱବିଦ୍ୟାଳୟ, ସେଥିରେ ଯଦି ବୋଧକ ଭାବେ ଆତ୍ମା ଅଛନ୍ତି, ତେବେ ସେ ଶରୀରରେ ରହି ଧର୍ମ ବୋଧ କରି ଅଧର୍ମକୁ ନିଖୋଜ କରିପାରନ୍ତେ ! ଏଭଳି କାହିଁକି କରନ୍ତି ନାହିଁ ?**

**ଉତ୍ତର :-** ଏହା ଏକ ଉନ୍ନତ ପ୍ରଶ୍ନ ! ଦିନେ ମୋ ଠାରେ ମଧ୍ୟ ଏଇ ପ୍ରଶ୍ନ ଆସିଥିଲା । ସେହି ପ୍ରଶ୍ନ ପାଇଁ ଆତ୍ମା ଏଇଭଳି ଜବାବ ଦେଇଥିଲେ, ତାହା କହୁଛି ଶୁଣନ୍ତୁ । ଶରୀର ପ୍ରକୃତିରେ ତିଆରି । ପ୍ରକୃତି ସମ୍ବନ୍ଧୀୟ ଶରୀରରେ ଆତ୍ମା ନିବାସକରି ଜ୍ଞାନ ଅଜ୍ଞାନ ଉଭୟ ବୋଧ କରୁଛନ୍ତି । ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଶରୀରରେ ଆତ୍ମା ରହିବା ଦ୍ୱାରା, କେତେକ ଶରୀରରେ ଆତ୍ମା ନିଜର ଧର୍ମକୁ ବୋଧ କରିବା ଦ୍ୱାରା ଶରୀରକୁ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ବୋଲି କହୁଛୁ । ବିଶ୍ୱବିଦ୍ୟାଳୟ ଦୁଇ ପ୍ରକାରର । ଶରୀର ବିଶ୍ୱବିଦ୍ୟାଳୟ ଗୋଟିଏ ପ୍ରକାରର ହୋଇଥିବା ସ୍ଥଳେ, ଶରୀର ବାହାରେ ମଧ୍ୟ ଏକ ବିଶ୍ୱବିଦ୍ୟାଳୟ ରହିଥାଏ । ପରମାତ୍ମା ଭଗବାନ ହୋଇ ଆସିବା ସମୟରେ ସେ ଯେଉଁ ସ୍ଥଳରେ ଆସି ରହି, ଜ୍ଞାନ କହିଥା'ନ୍ତି ସେଇଠାରେ ବିଶ୍ୱବିଦ୍ୟାଳୟ ଅଛି ବୋଲି କହିଥିଲୁ । ଏହିଭଳି ଥିବା ଦୁଇ ପ୍ରକାରର ବିଶ୍ୱବିଦ୍ୟାଳୟରୁ ଶରୀର ଭିତରେ ଥିବା ପାତ୍ର ମଣିଷର (ଜୀବର)କର୍ମ ଅନୁସାରେ, ଜୀବର ଶ୍ରଦ୍ଧା ଅନୁସାରେ, ସେ ପଚାରୁଥିବା ପ୍ରଶ୍ନ ଅନୁସାରେ ଆତ୍ମ ଜ୍ଞାନ କହିଥାନ୍ତି । ସଂକ୍ଷେପରେ କହିଲେ ଜୀବ ଆଶା କରୁଥିବା ଜ୍ଞାନ ହିଁ ଆତ୍ମା କହିଥାନ୍ତି । ମଣିଷ ଅଜ୍ଞାନ ଆଶା କରୁଥିଲେ ତାକୁ ଅଜ୍ଞାନ ହିଁ ବୋଧ କରାଇଥାନ୍ତି । ଏହି ବିଷୟ ବାବଦରେ ଦୈବଗ୍ରନ୍ଥରେ ତାଙ୍କର **ପ୍ରିୟ ପାତ୍ରକୁ ଆତ୍ମା ସତ୍‌ପଥ ଦେଖାଇଥାନ୍ତି, ଅପ୍ରିୟକୁ କୁପଥ**

**ଦେଖାଇଥାନ୍ତି** ବୋଲି କୁହାଯାଇଛି । ଈଶ୍ୱରଙ୍କୁ ଛାଡି ଦେବତାମାନଙ୍କ ଦିଗରେ ଯାଉଥିବା ଲୋକମାନଙ୍କ ପାଇଁ ଦୈବବାଣୀରେ ଭୁଲ୍ ଅର୍ଥକୁ ଯୋଡି ଯେଉଁମାନେ ପ୍ରଜାମାନଙ୍କୁ ଭ୍ରମିତ କରିଥାନ୍ତି ସେମାନଙ୍କୁ ଆତ୍ମା ଅଜ୍ଞାନ ବୋଧକରି ଭୁଲ୍ ମାର୍ଗରେ ନେଇଥାନ୍ତି । ଈଶ୍ୱରଙ୍କ ଉପରେ ଯେଉଁମାନଙ୍କର ଶ୍ରଦ୍ଧା ରହିଥାଏ ସେମାନଙ୍କୁ ଉପଯୁକ୍ତ ଜ୍ଞାନ ବୋଧକରି ସତ୍ପଥରେ ନିଅନ୍ତି । ଆତ୍ମା ଶରୀରରେ ଅଧିକାରୀ ହୋଇ ରହିବା ଦ୍ୱାରା, ଯେଉଁମାନଙ୍କର ଜ୍ଞାନ ଉପରେ ଶ୍ରଦ୍ଧା ଥାଏ ସେମାନଙ୍କୁ ଜ୍ଞାନ କହି ଜ୍ଞାନମାର୍ଗ ଦେଖାଇଥାନ୍ତି, ଶ୍ରଦ୍ଧାହୀନମାନଙ୍କୁ ଆବଶ୍ୟକୀୟ ଅଜ୍ଞାନ ବୋଧକରାଇ, ଜ୍ଞାନ ବୁଝିନପାରିବା ଭଳି କରି, ଅଜ୍ଞାନମାର୍ଗରେ ପଠାଇଥାନ୍ତି । ଶରୀରର ଆତ୍ମା ମଣିଷର ଚଳିଚଳନ, ହାବଭାବ ଅନୁସାରେ ବ୍ୟବହାର କରିଥାନ୍ତି । ମଣିଷକୁ ଜ୍ଞାନ ବୋଧ କରି ଜ୍ଞାନ ମାର୍ଗରେ, ଅଜ୍ଞାନ ବୋଧକରି ଅଜ୍ଞାନ ମାର୍ଗରେ ପଠାଇ ପାରନ୍ତି । ମଣିଷର ଭାବ ଅନୁସାରେ ଆତ୍ମା ଯେପରି ଇଚ୍ଛା କରନ୍ତି ସେପରି କରିପାରନ୍ତି । ଜ୍ଞାନାଜ୍ଞାନ ମଣିଷର ଶ୍ରଦ୍ଧା,ଅଶ୍ରଦ୍ଧା ଉପରେ ନିର୍ଭର କରିଥାଏ । କର୍ମାନୁସାରେ ଦୁଃଖସୁଖ ଯୋଗାଇ ଦେଉଥିବା ଆତ୍ମା, ଶ୍ରଦ୍ଧାନୁସାରେ ଜ୍ଞାନାଜ୍ଞାନ ଜଣାଇଥାନ୍ତି । ସେଥିଲାଗି କେତେକଙ୍କ ଶରୀରରେ ଭଲ ଥିବା ଆତ୍ମା କେତେକଙ୍କ ପାଇଁ ଖରାପ ହୋଇଥାନ୍ତି । କେତେକଙ୍କର ପୁଣ୍ୟ ଅନୁସାରେ ସୁଖ ଯୋଗାଇ ଦେଉଥିବା ଆତ୍ମା, କିଛି ଲୋକଙ୍କର ପାପ ଅନୁସାରେ ନରକ ଯନ୍ତ୍ରଣା ଦେଇଥାନ୍ତି ।

ଆତ୍ମା ଶରୀରରେ ରହି ମଣିଷର କର୍ମ ଅନୁସାରେ ଭୌତିକ ସୁଖ ଦୁଃଖକୁ, ଶ୍ରଦ୍ଧା ଅନୁସାରେ ଜ୍ଞାନ ଅଜ୍ଞାନକୁ ଦେଇଥାନ୍ତି ବୋଲି ଜାଣି ପାରିଲେ । ମଣିଷଠାରେ ଅଶ୍ରଦ୍ଧା ଅଜ୍ଞାନ ରହିବା କାରଣରୁ ଅଧିକ ଅହଂକାର ରହି ଜ୍ଞାନ ତୁଳନାରେ ଅଜ୍ଞାନକୁ ଅଧିକ ଜଣାଇ ଦେବାକୁ ପଡିଥାଏ ସିନା ପ୍ରଜାମାନେ ଜ୍ଞାନ ଜାଣିବା ପାଇଁ ସେ ଜ୍ଞାନବୋଧ କରିନଥାନ୍ତି । ସେଥିଲାଗି ଭୂପୃଷ୍ଠରେ ଅଜ୍ଞାନ ବଢିଯାଇଥାଏ । ଏହିଭଳି

ଆତ୍ମା ହିଁ ଅଜ୍ଞାନତାକୁ ବଢାଇଥାନ୍ତି । ଆତ୍ମା ନିଜ ଇଚ୍ଛା ଅନୁସାରେ କିଛି ନକରି କିଛି କାରଣ ଅନୁସାରେ କାର୍ଯ୍ୟ କରିଥାନ୍ତି । ଯଦି କାରଣ ନଥାଏ କରନ୍ତି ନାହିଁ । ସେଥିଲାଗି ମଣିଷର କର୍ମ ଅନୁସାରେ ଭୌତିକ କାର୍ଯ୍ୟଗୁଡିକୁ ନିର୍ଣ୍ଣୟ କରିଥାନ୍ତି । ସେହିଭଳି କୌଣସି ବ୍ୟକ୍ତିର ଆଶକ୍ତି ଅନୁସାରେ ଦୈବ ସମ୍ବନ୍ଧୀୟ ଜ୍ଞାନ ଜଣାଇଥାନ୍ତି । ମନେ ରଖିବା ଉଚିତ୍ ଯେ, ଆତ୍ମା ସ୍ୱୟଂ କୌଣସି ନିର୍ଣ୍ଣୟ ନିଅନ୍ତି ନାହିଁ । ଶରୀରର ଅଧିପତି ଆତ୍ମା ହେଲେ ମଧ୍ୟ, ନିଜର ଆଧିପତ୍ୟ, ଅଧିକାର ମଣିଷର କର୍ମ ଅନୁସାରେ ଭୌତିକତଃ ଏବଂ ଶ୍ରଦ୍ଧା ଅନୁସାରେ ଦୈବିକତଃ ପରିଚାଳିତ କରାଇଥାନ୍ତି । ମଣିଷଠାରେ ଦୈବଶ୍ରଦ୍ଧା ନଥିବା କାରଣରୁ ଅଜ୍ଞାନ ବଢିଆସିଛି । ମଣିଷକୁ ସେହି ଆତ୍ମା ହିଁ ଅଜ୍ଞାନ ଦିଗରେ ନେଉଛନ୍ତି ।

ଭୂପୃଷ୍ଠରେ ଅଜ୍ଞାନତା ବଢିଯାଇ, ଧର୍ମ ଅଜଣା ରହିଯାଇ, ଅଧର୍ମ ଅଭିବୃଦ୍ଧି ହେବାବେଳେ, ଈଶ୍ୱର ମଣିଷ ରୂପରେ ରହିପାରୁଥିବା ଭଗବାନ ହୋଇ, ଆସି ଧର୍ମ ବୋଧକରି କେତେକ ଅଧର୍ମୀମାନଙ୍କୁ ଧାର୍ମିକ କରିଥାନ୍ତି । ଏସବୁ ବାହ୍ୟତଃ ଭୌତିକ ନିୟମରେ ଭଗବାନ କରିବାକୁ ଥିବା କାର୍ଯ୍ୟ ହୋଇଥିବା ସ୍ଥଳେ, ଶରୀର ଭିତରେ ଥିବା ଆତ୍ମା ମଣିଷର ଶ୍ରଦ୍ଧା ଅଶ୍ରଦ୍ଧା ଅନୁସାରେ ଉଭୟ ଜ୍ଞାନ, ଅଜ୍ଞାନ ବୋଧ କରିଥାନ୍ତି । ଏହି ଅନୁସାରେ ଭିତରେ ଥିବା ବିଶ୍ୱବିଦ୍ୟାଳୟରେ ଜ୍ଞାନବୋଧ କରାଯାଉଥିବା ଭଳି ଅଜ୍ଞାନ ମଧ୍ୟ ବୋଧ କରାଯାଉଛି । ବାହାରେ ଥିବା ବିଶ୍ୱବିଦ୍ୟାଳୟରେ କେବଳ ଧର୍ମ ବୋଧ କରାଯାଉଛି । ଭିତରର ବୋଧକ ଆତ୍ମା ହୋଇଥିବା ସ୍ଥଳେ, ବାହାରର ବୋଧକ ହେଉଛନ୍ତି ଭଗବାନ । ଭିତର କିମ୍ବା ବାହାର ବିଶ୍ୱବିଦ୍ୟାଳୟରେ ଭଗବତ୍‌ବାଣୀ ଅଯୋଗ୍ୟପାତ୍ରକୁ କଦାପି କେଉଁଠାରୁ ମଧ୍ୟ ମିଳିନଥାଏ । ସେଥିଲାଗି ଦୁଇ ନିୟମକୁ ଜାଣିବା ଉଚିତ୍ ।

ଶରୀରରେ ଆତ୍ମା ଜ୍ଞାନ, ଅଜ୍ଞାନ ଦୁଇଟିଯାକ ବୋଧ କରାଉଥିବା ସ୍ଥଳେ, ଶେଷରେ ଅଜ୍ଞାନ ହିଁ ଅଧିକ ହୋଇଯାଇ ଅଧର୍ମର ସ୍ଥାନ ସଂରକ୍ଷଣ

ହୋଇଯାଏ । ଭିତରର ଆତ୍ମା କର୍ମ ଏବଂ ଶ୍ରଦ୍ଧା ଅନୁସାରେ ଚାଲିବାକୁ ଥିବାରୁ, ଆତ୍ମା ନିଜର ପାତ୍ରପୋଷଣ ଉଚିତ ଢଙ୍ଗରେ କରୁଥିବାରୁ ଶେଷରେ କିଛିକାଳ ପରେ ଧର୍ମ ସ୍ଥାନରେ ଅଧର୍ମ ଠିଆହୋଇଥାଏ । ଯାହା ଏଭଳି ଧର୍ମକୁ ଅଧର୍ମରେ ବଦଳାଇଦେଉଛି ତାକୁ ନଥିବା ଭଳି କରିଦେଲେ ଧର୍ମ ସ୍ଥାପନ ହୋଇପାରିବ, କିନ୍ତୁ ଆତ୍ମା ଏଭଳି କରିପାରିବେ ନାହିଁ । ତେଣୁ ଏଇଠାରେ ପରମାତ୍ମାଙ୍କର ଆବଶ୍ୟକ ରହୁଛି; ତଥାପି ପରମାତ୍ମା କିଛି କରନ୍ତି ନାହିଁ, ସେ କେବଳ ସାକ୍ଷୀ । ସେଥିଲାଗି ପରମାତ୍ମା ଏକ ଉପାୟ ଦ୍ୱାରା ପୁନର୍ବାର ଧର୍ମ ସ୍ଥାପନ କରିବାକୁ ଯୋଜନା କରନ୍ତି । ପରମାତ୍ମା ବା ଈଶ୍ୱର ପରମାତ୍ମା ଭାବରେ ନଆସି ଏକ ଅନ୍ୟ ରୂପରେ, ଅନ୍ୟ ନାମରେ କିଛିବି କରି ପାରନ୍ତି, ସେ ଏତିକିବେଳେ ଯାହା କଲେ ମଧ୍ୟ ପରମାତ୍ମା ବା ଈଶ୍ୱର କଲାଭଳି ହିସାବ ହେବ ନାହିଁ । ତେଣୁ ଅଧର୍ମ ବଢ଼ିଯାଇଥିବା ବେଳେ ସେ ଭଗବାନ ବେଶରେ ଆସି କୌଣସି ଏକ ନାମରେ କଥିତ ହୋଇ ଭୂପୃଷ୍ଠରେ ତାଙ୍କର ଧର୍ମ ସ୍ଥାପନ କରି ଚାଲିଯାଇଥାନ୍ତି । ପରମାତ୍ମା ଭଗବାନ ହୋଇ ଭୂପୃଷ୍ଠକୁ ଖୁବ୍ କ୍ୱଚିତ୍ ଆସିଥାନ୍ତି । ଅର୍ଥାତ୍ ଧର୍ମ ମଧ୍ୟ କ୍ୱଚିତ୍ ଅଧର୍ମରେ ପରିଣତ ହୋଇଥାଏ । ସେଥିଲାଗି ପରମାତ୍ମା ଥରେ ଭଗବାନ ହୋଇ ଆସି ଧର୍ମପ୍ରତିଷ୍ଠା କରି ଚାଲିଗଲେ ତାହା ବହୁକାଳ ପର୍ଯ୍ୟନ୍ତ ସେହିଭଳି ରହିଥାଏ । ଏମିତି ବହୁକାଳ ବିତିଯିବା ପରେ ଶରୀରର ଆତ୍ମା ମଣିଷର ଆବଶ୍ୟକ ଅନୁସାରେ ଧର୍ମାଧର୍ମ ବୋଧକରିବା ଦ୍ୱାରା କିଛିକାଳ ପରେ ଅଧର୍ମର ଅଭିବୃଦ୍ଧି ହୋଇ ଶେଷରେ ତାହା ଶେଷସୀମାରେ ପହଞ୍ଚିଯାଏ, ସେତିକିବେଳେ ପୁଣି ଥରେ ଭଗବାନଙ୍କୁ ଆସିବାକୁ ହୋଇଥାଏ ।

**ପ୍ରଶ୍ନ- ମଣିଷ ଭିତରେ ଅଜ୍ଞାନତା ମଧ୍ୟ ଆତ୍ମାଙ୍କ ଦ୍ୱାରା ବ୍ୟାପିଥାଏ ବୋଲି ଜଣାଯାଉଛି । ମଣିଷ ସ୍ୱୟଂ ଜ୍ଞାନ ଜାଣିପାରେ ନାହିଁ, ସେହିଭଳି ଅଜ୍ଞାନ ମଧ୍ୟ ସ୍ୱୟଂ ଜାଣିପାରେ ନାହିଁ ବୋଲି ଜଣାଯାଉଛି । ଆତ୍ମାଙ୍କୁ ଜ୍ଞାନ ଅଜ୍ଞାନ ଉଭୟ ଜଣାଥିବା ବେଳେ ଶ୍ରଦ୍ଧା ନଥିବା ଲୋକମାନଙ୍କୁ**

**ମଧ୍ୟ ଯଦି ଜ୍ଞାନବୋଧ କରନ୍ତେ, ତେବେ ଭୂପୃଷ୍ଠକୁ ଆଉ ଭଗବାନଙ୍କୁ ଆସିବାକୁ ପଡନ୍ତା ନାହିଁ । ଯଦି ଆତ୍ମା ଏଭଳି କରନ୍ତେ ତେବେ ଭଗବାନ କାହିଁକି ଆସନ୍ତେ ?**

**ଉତ୍ତର :-** ଆତ୍ମା ପ୍ରଣାଳୀକାବଦ୍ଧ ଭାବରେ ଶରୀରରେ ରହିବା ଦ୍ୱାରା କର୍ମ ନିୟମଗୁଡିକୁ ଏବଂ ଶ୍ରଦ୍ଧାମାପକୁ ଅନୁସରଣ କରି ଜୀବକୁ ପରିଚାଳିତ କରୁଥିବାରୁ ସେ ନିଜର ନିୟମ ଅନୁସାରେ କାର୍ଯ୍ୟ କରିଥାନ୍ତି । ମଣିଷର କର୍ମ ନିୟମକୁ ଅନୁସରଣ କରିବା ଦ୍ୱାରା ଭୂପୃଷ୍ଠରେ ଅନ୍ୟାୟ, ଅତ୍ୟାଚାର, ଅପରାଧ ଇତ୍ୟାଦି ଆତ୍ମା ମଣିଷ ଦ୍ୱାରା କରାଇବାକୁ ବାଧ୍ୟ ହୋଇଥାନ୍ତି । ଖରାପ କାର୍ଯ୍ୟ ହୋଇଥିବା ଏକ ଚୋରିକାର୍ଯ୍ୟକୁ ଉଦାହରଣରେ ଦେଖିଲେ, ଗୋଟିଏ ଜାଗାରେ ଚୋରିକାର୍ଯ୍ୟ ଘଟିଲା ବୋଲି ଭାବନ୍ତୁ । ଚୋର ଯାହା ଚୋରି କରିଥିଲା ତାହା ଗୋଟିଏ ଝିଅ ବାହାଘର ପାଇଁ ରଖାଯାଇଥିବା ଟଙ୍କା, ସୁନା, ଗହଣା ଇତ୍ୟାଦି ଥିଲା । ଚୋର ଏସବୁ ଚୋରିକରି ନେବା ପରେ ସେ ଝିଅର ବାହାଘର ଅଟକିଗଲା । ଦୁଃଖଦ ଏହି ଘଟଣାରେ ଦୁଃଖ ଏତିକିରେ ଅଟକି ନଯାଇ ବାହାଘର ଭାଙ୍ଗିଯିବା ଅପମାନରେ ଝିଅଟି ଦଉଡିଦେଇ ମରିଗଲା । ଝିଅଟି ମରିଯିବା ପରେ ତାକୁ ଦେଖି ଅନ୍ୟମାନେ ଦୁଃଖରେ କାନ୍ଦିବାକୁ ଲାଗିଲେ । ଏଠାରେ ଜ୍ଞାନ ବିଷୟ ଆଲୋଚନା କଲେ, ମଣିଷ ସ୍ୱୟଂ କିଛି କରିପାରେ ନାହିଁ । ମଣିଷ ଭିତରେ ଥିବା ଆତ୍ମା ମଣିଷକୁ କଣ୍ଢେଇ ଭଳି ନଚାଇଥାନ୍ତି । ଭଲରେ ଜାଣିବାକୁ ଗଲେ ଉପର ଚୋରିକାର୍ଯ୍ୟଟି ମଣିଷ ଦ୍ୱାରା ଆତ୍ମା ହି କରାଇଥିଲେ । ବାହାହେବାକୁ ଥିବା ଝିଅଟି ମରିଯିବା ଦୁଃଖଦ ବିଷୟ ହେଲେହେଁ ଏତେବଡ ଦୁଃଖଦ କାହାଣୀର ସ୍ରଷ୍ଟା ହେଉଛନ୍ତି ଆତ୍ମା । ଏହା ଦୁଃଖଦ ଘଟଣା ବୋଲି ଆତ୍ମାଙ୍କୁ ମଧ୍ୟ ଜଣା ଅଛି, ସେମାନେ ଗତ ଜନ୍ମରେ କରିଥିବା ପାପ ଅନୁସାରେ ଏଭଳି ଦୁଃଖ ଭୋଗିବାକୁ ହେବ, ସେହି ପାପକୁ ଅନୁଭବ କରିବା ପାଇଁ ଥିବା କର୍ମକୁ କାର୍ଯ୍ୟ ରୂପରେ ପରିଣତ କରିବାକୁ ହେବ । କାର୍ଯ୍ୟ ଆତ୍ମା କରୁଥିବାରୁ ଚୋର ଭିତରେ ରହି ଚୋରି କରାଇଥାନ୍ତି ଆତ୍ମା । ସେହିଭଳି ବାହାହେବାକୁ

ଥିବା ଝିଅଠାରେ ଅସହ୍ୟ ଦୁଃଖ ଆଣିଦେଇ ଶେଷରେ ତାକୁ ମାରିଦେଇଛନ୍ତି ମଧ୍ୟ ଆତ୍ମା । ସମସ୍ତଙ୍କ ଶରୀରରେ ଏହିଭଳି ପାପକୁ ଅନୁଭବ କରାଇବା ନିମନ୍ତେ ନାନା ପ୍ରକାରର ପାପକୁ ନାନା ପ୍ରକାରର କାର୍ଯ୍ୟ ରୂପରେ ଅନୁଭବ କରିବା ଭଳି କରାଇଥାନ୍ତି ମଧ୍ୟ ଆତ୍ମା ।

ପ୍ରତ୍ୟେକ କାର୍ଯ୍ୟ ପଛରେ ଆତ୍ମାପାତ୍ର ରହିଥାଏ ବୋଲି ମଣିଷ ଜାଣିପାରୁ ନାହିଁ । ଏକ କାର୍ଯ୍ୟପାଇଁ ଆବଶ୍ୟକୀୟ ସଂକଳ୍ପରୁ ସମସ୍ତ କାର୍ଯ୍ୟ ଜୀବ କରୁଥିବା ଭଳି, ଜୀବକୁ ସବୁକିଛି ଜଣାପଡି ହେଉଥିବା ଦ୍ୱାରା, ପ୍ରତ୍ୟେକ ଜୀବ ସେ କାର୍ଯ୍ୟକୁ ନିଜେ କରିଛି ବୋଲି ଭ୍ରମିତ ହୋଇଥାଏ । ଆତ୍ମା କାର୍ଯ୍ୟ କଲେ ମଧ୍ୟ ନିଜେ କରିଥିବା ଭଳି ବହିର୍ଗତ ହୋଇନଥାନ୍ତି । ଆତ୍ମା ପ୍ରତ୍ୟେକ ଶରୀରରେ ମିଶି ରହି ବାହାରକୁ ଚିହ୍ନା ନପଡି ପ୍ରତ୍ୟେକ କାର୍ଯ୍ୟର କାରଣ ହୋଇଥାନ୍ତି । ଏହିଭଳି ଏକ ଯୋଜନାବଦ୍ଧ ଭାବରେ ଶରୀରର ଏକ ପାପ କର୍ମ ଅନୁସାରେ ଆତ୍ମା କିପରି ତାହା ଅମଳ କରିଥାନ୍ତି ଦେଖିଲେ, ଏଠାରେ ଚୋର କିଏ ? ବୋଲି ନଜାଣି ଯିଏ ଉପରକୁ ଦେଖାଯାଉଛି ସେ ଚୋର ବୋଲି ସମସ୍ତେ କହିଥାନ୍ତି । ଶେଷରେ ସେହି ମଣିଷ ମୁଁ ନିଜେ ଚୋର ବୋଲି ସ୍ୱୀକାର ମଧ୍ୟ କରୁଛି, କିନ୍ତୁ ବାହାରକୁ ଦେଖା ନଯାଇ ଶରୀର ଭିତରେ ଥିବା ଆତ୍ମା ହିଁ ଚୋରିକାର୍ଯ୍ୟ କରିଛନ୍ତି କହିଲେ କେହି ବିଶ୍ୱାସ କରନ୍ତି ନାହିଁ । ଯୋଜନାବଦ୍ଧ ଭାବରେ ଆତ୍ମା ପାପକର୍ମ ଅନୁସାରେ ଖରାପ ଅଭିନୟ କରି ସେହି ପାପକାର୍ଯ୍ୟକୁ କରିବାକୁ ପଡିଛି । ଏଭଳି ପାପରୁ ହେଉ କି ପୁଣ୍ୟରୁ ହେଉ ଆତ୍ମା ଜୀବକୁ ଅନୁଭବ ନକରାଇ ଅଟକି ପାରିବେ ନାହିଁ । ମଣିଷର କର୍ମ ଅନୁସାରେ ଆତ୍ମା ମଣିଷଠାରେ କାର୍ଯ୍ୟ କରିଥାନ୍ତି । ଏହିଭଳି ଭଲକାର୍ଯ୍ୟକୁ ପୁଣ୍ୟପାଇଁ, ଖରାପକାର୍ଯ୍ୟକୁ ପାପପାଇଁ ନିୟୋଜିତ ହୋଇ ଆତ୍ମା କାର୍ଯ୍ୟ କରିଥାନ୍ତି ।

କର୍ମ ଉପରେ ଯେଉଁଭଳି ଆତ୍ମା କାର୍ଯ୍ୟ କରିଥାନ୍ତି, ମଣିଷର ଶ୍ରଦ୍ଧା ଅନୁସାରେ ଜ୍ଞାନ ବିଷୟରେ, ଅଶ୍ରଦ୍ଧା ଅନୁସାରେ ଅଜ୍ଞାନ ବିଷୟରେ ଆତ୍ମା ନିୟମବଦ୍ଧ ଭାବରେ କାର୍ଯ୍ୟ କରିଆସୁଛନ୍ତି । ଜ୍ଞାନ ବିଷୟ ଉପରେ ଆତ୍ମା କିପରି ନିୟମବଦ୍ଧ ଭାବେ କାର୍ଯ୍ୟକରନ୍ତି ତାହା କିଛି ବିଷୟକୁ ଉଦାହରଣ ନେଇ ଦେଖିଲେ ଆତ୍ମାଙ୍କ କର୍ତ୍ତୃତ୍ୱ ବିଷୟରେ ଆଉକିଛି ବୁଝିପାରିବା । ଜଣେ ବ୍ୟକ୍ତି ମୁଁ ଜଣେ ଭକ୍ତ ବୋଲି ଭାବୁଥିଲା, କହୁଥିଲା, ଐଶ୍ୱରୀୟ ଗ୍ରନ୍ଥଗୁଡିଏ ମଧ୍ୟ ପଢୁଥିଲା । ହେଲେ ଭୌତିକ ବିଷୟ ସହିତ ତୁଳନା କରି ଦେଖିଲେ ତାର ଭୌତିକବିଷୟ ଉପରେ ଥିବା ଶ୍ରଦ୍ଧା ଐଶ୍ୱରୀୟ ବିଷୟ ଉପରେ ନାହିଁ ବୋଲି ବୁଝିହେଲା, ତଥାପି ବ୍ୟକ୍ତି ନିଜର ଶ୍ରଦ୍ଧା କମ୍ ବୋଲି ନଭାବି ମୁଁ ପ୍ରକୃତ ଭକ୍ତ, ମୋର ଐଶ୍ୱରୀୟ ବିଷୟରେ ଯେଉଁ ଶ୍ରଦ୍ଧା ରହିଛି ସେଭଳି ଆଉ କାହାର ନାହିଁ ବୋଲି ଭାବୁଥିଲା । ମୁଁ ସକ୍ରମ ମାର୍ଗରେ ଅଛି ବୋଲି ଭାବିବା ସହିତ ଗ୍ରନ୍ଥଗୁଡିକରୁ ସେ ଯାହା ବୁଝୁଥିଲା ତାହା ହିଁ ଠିକ୍ ବୋଲି ଭାବୁଥିଲା । ତାଠାରୁ ବଡ ବଡ ଜ୍ଞାନୀମାନେ ଥିଲେ ମଧ୍ୟ ସେ ସେମାନଙ୍କୁ ହିସାବରେ ନଆଣି ନିଜକୁ ବଡ ଜ୍ଞାନୀ ଭାବୁଥିଲା । ଦିନେ ଐଶ୍ୱରୀୟ ଜ୍ଞାନ ସମ୍ବନ୍ଧୀୟ ଏକ ଗ୍ରନ୍ଥ ପଢି ସେଥିରେ ଥିବା ବାକ୍ୟର ଅର୍ଥ ବାହାର କରିବାକୁ ଚେଷ୍ଟାକଲା । ସେଠାରେ ତାହା ଯାହା ବୁଝାପଡିଲା ତାହାକୁ ଉଚିତ୍ ଅର୍ଥ ଭାବିଲା । ଏଭଳି ଆଉଦିନେ ଜଣେ ବାହାରର ଜ୍ଞାନୀଙ୍କ ସହିତ ତାର ଭେଟ ହୋଇ ପରସ୍ପର ଆଲୋଚନା କରିବାବେଳେ, ସେ ଗ୍ରନ୍ଥରେ ଯେଉଁ ବାକ୍ୟଟିକୁ ଆପଣା ରୀତିରେ ବୁଝିଥିଲା ସେହି ଅନୁସାରେ କହିବାକୁ ଲାଗିଲା । ସେତେବେଳେ ତା କଥା ଶୁଣି ସେହି ଜ୍ଞାନୀ ମହାଶୟ ଟିକିଏ ନିଜର ସନ୍ଦେହ ବ୍ୟକ୍ତକଲେ, କିନ୍ତୁ 'ଜପାତ' ନାମକ ସେହି ବ୍ୟକ୍ତି ନାଇଁ ମୁଁ ଏବେ ଯାହା କହିଲି ତାହା ହିଁ ପ୍ରକୃତ ଭାବ ବୋଲି କହିବା ପରେ ବାହାରୁ ଆସୁଥିବା ଜ୍ଞାନୀ ଜଣକ ମଧ୍ୟ ଜପାତ ଯେଉଁ ଜ୍ଞାନ ବୁଝାଇଥିଲା ତାହା ବିଶ୍ୱାସକରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସେହି ଅର୍ଥ କହିବାକୁ ଲାଗିଲେ ।

ତାଙ୍କ କଥା ଶୁଣି ସତ୍ୟ ଭାବିଥିବା ଲୋକମାନେ ମଧ୍ୟ ସେହିଜ୍ଞାନ ଅନୁସାରେ ପରିଚାଳିତ ହେଲେ ।

ବାସ୍ତବରେ ଗ୍ରନ୍ଥରେ "ପାଣିଗ୍ରହଣ" (ବିବାହ) ବାବଦରେ ଲେଖାଯାଇଥିବା ବେଳେ ଜପାତ ତାହା "ଜଳଗ୍ରହଣ" ବୋଲି ବୁଝିଥିଲା, ପାଣିଗ୍ରହଣ କହିଲେ ବିବାହ ଅର୍ଥ ଥିବାବେଳେ, ସେ ତାହା ଜଳପାନ ବୁଝିଥିଲା । ପାଣିଗ୍ରହଣ କହିଲେ ବିବାହ ବୋଲି ଜପାତ ଜାଣିନଥିଲା, ତେଣୁ ସେ ଯାହା ବୁଝିଥିଲା ତାହା ତାର ଶିଷ୍ୟମାନଙ୍କୁ କହୁଥିଲା । ଦିନେ ଆଉ ଏକ ଗ୍ରାମରୁ ଜଣେ ଜ୍ଞାନୀ ଆସି ଜପାତ ଯେଉଁ ପାଣିପିଇବା କଥା କହୁଥିଲା ସେହିକଥା ବୁଝାଇ କହିଲା ଯେ, ଏହା ପାଣି ନୁହେଁ ପାଣି କହିଲେ ହାତ । 'ପାଣିଗ୍ରହଣ' କରିବା ଅର୍ଥାତ୍ 'ବିବାହ କରିବା' ବା ହସ୍ତ ସ୍ୱୀକାର କରିବା, କିନ୍ତୁ ତାହା ଜପାତ ସ୍ୱୀକାର କଲା ନାହିଁ, ତାଛଡା ତାର ଶିଷ୍ୟମାନେ ମଧ୍ୟ ଆମ ଗୁରୁ ଯାହା କହୁଛନ୍ତି ତାହା ସତ ବୋଲି ଯୁକ୍ତି କରିଥିଲେ, ସେମାନେ ଆଉ ଜଣେ ଆସି କହୁଥିବା ନୂଆ କଥାକୁ ଶୁଣିଲେ ନାହିଁ । ସେହିଭଳି ଆଉ ଏକ ସନ୍ଦର୍ଭରେ ଜପାତ 'ଶୟନ ନିୟମ' ଲେଖାଯାଇଥିବା ସ୍ଥଳେ ତାହାକୁ 'ଦିବସ ନିୟମ' ଭାବି ଦିନବେଳେ କିଛି ନଖାଇ ରହୁଥିଲା, ତାକୁ ମଧ୍ୟ ଅନ୍ୟ ଗାଆଁରୁ ଆସିଥିବା ସେହି ନୂଆ ଜ୍ଞାନୀଜଣକ 'ଶୟନ ନିୟମ' ଅନୁସାରେ 'ସ୍ୱାମୀ, ସ୍ତ୍ରୀଙ୍କ ଭିତରେ ମିଳନ ନହୋଇ ଅଲଗା ଅଲଗା ରହିବା ଉଚିତ୍' ଏହି ନିୟମକୁ ଶୟନ ନିୟମ କୁହାଯାଇଛି ବୋଲି ବୁଝାଇ କହିଥିଲେ ମଧ୍ୟ, ଜପାତ ଆଉ ତାର ଶିଷ୍ୟମାନେ ଦିବସ ନିୟମ ହିଁ ଠିକ୍ ବୋଲି ନିର୍ଣ୍ଣୟ ନେଲେ । ପାଣି କହିଲେ ସନ୍ଦର୍ଭ ଅନୁସାରେ ହାତ ବୋଲି ନବୁଝି ଜଳ ବୁଝିବା, ଶୟନ ନିୟମକୁ ଦିବସ ନିୟମ ବୁଝିବାର କାରଣ ହେଉଛି ତାର ଭୌତିକଶ୍ରଦ୍ଧା ଅପେକ୍ଷା ଜ୍ଞାନଶ୍ରଦ୍ଧା କମ୍ ରହିବା ।

ଶରୀରର ଆତ୍ମା '**ଶ୍ରଦ୍ଧାବନ ଲଭତେ ଜ୍ଞାନମ୍**' କହିବା ଭଳି ତାର ଶ୍ରଦ୍ଧା ଅନୁସାରେ ସେ ଜ୍ଞାନକୁ ବୁଝିବା ଭଳି କରାଇଛନ୍ତି । ଭୌତିକ ଶ୍ରଦ୍ଧା ତାର ଅଧିକ ଥିବାରୁ ଜ୍ଞାନ ସମ୍ବନ୍ଧୀୟ ବିଷୟକୁ ସେ ବୁଝି ନପାରି ଅନ୍ୟ

ଅର୍ଥ ବୁଝି ବସିଛି । ପାଣି କହିଲେ ସନ୍ଦର୍ଭ ଅନୁସାରେ ହାତ ବୋଲି ନବୁଝିବା ଭଳି, ଶୟନ ନିୟମକୁ ଦିବସ ନିୟମ ବୁଝି ଉପବାସ ରହୁଛି । ନିଯେ ଯାହା ବୁଝିଛି ସେହି ଅନୁସାରେ ଆଚରଣ କରିବା ସହିତ ଶିଷ୍ୟମାନଙ୍କୁ ମଧ୍ୟ ଆଚରଣ ଶିଖାଇଛି । ଏଭଳି ଭୁଲ୍ ବୁଝିବାରେ ତାର ଶ୍ରଦ୍ଧାଲୋପ ଅଛି ବୋଲି ସେ ଜାଣି ନାହିଁ । ଏହିଭଳି ଅନ୍ତିମ ଦୈବଗ୍ରନ୍ଥର ଏକ ବାକ୍ୟକୁ ଭୁଲ୍ ବୁଝି ନିଜେ ଯାହା ବୁଝିଥିଲା ତାହା ଅନ୍ୟମାନଙ୍କୁ ମଧ୍ୟ ବୁଝାଇଛି । ଏହିଭଳି ଭୁଲ୍ ବୁଝିବାର କାରଣ ତାର ଶ୍ରଦ୍ଧା ହୋଇଥିବାରୁ ତାକୁ ଜ୍ଞାନ ବିଷୟ ବୁଝାପଡି ନାହିଁ । ଶରୀରର ଆତ୍ମା ଶ୍ରଦ୍ଧା ଅନୁସାରେ ଜ୍ଞାନ ଯୋଗାଇଦେବା ବେଳେ ତାର ଶ୍ରଦ୍ଧା ଅନୁସାରେ ସେ ଭୁଲ୍ ବୁଝିଛି । ସ୍ଥୁଳଦୃଷ୍ଟି ଥିବା ଜଣେ ବ୍ୟକ୍ତିକୁ ସ୍ଥୁଳ ଅର୍ଥ ହିଁ ବୁଝାପଡେ । ସେହିଭଳି ଥିବା ଭାବରେ ଅଭାବ ଦେଖାଦେଇ ଅନ୍ୟ ଅର୍ଥରେ ତାହା ବୁଝାପଡେ । ଯେମିତି ସେ ବ୍ୟକ୍ତିକୁ ଭୁଲ୍ ବୁଝାପଡିଥିଲା ସେହିଭଳି ଦୈବଗ୍ରନ୍ଥର ଜ୍ଞାନ ଶ୍ରଦ୍ଧାହୀନକୁ ଅଜ୍ଞାନ ବୁଝାପଡେ ।

ଦୈବଜ୍ଞାନ ସହିତ ସମ୍ବନ୍ଧ ନଥିବା ବିଷୟ ହେଉଛି ଦିବସ ନିୟମ । ବାସ୍ତବରେ ଈଶ୍ୱର ଦିନବେଳେ ଖାଇବା ପାଇଁ ଦେଇଥିବା ସ୍ଥଳେ, ରାତିରେ ସ୍ତ୍ରୀମାନଙ୍କ ସହିତ ମିଶିବା ନିୟମ ନିର୍ଣ୍ଣୟ କରିଛନ୍ତି । ଦିନବେଳେ ଖାଇବା ବସ୍ତୁ ଖାଇ ତାର ରୁଚି ଅନୁଭବ କରିବା ପାଇଁ ଦିନବେଳେ ଭୋକ ଲାଗିବା ଭଳି କରିଛନ୍ତି, କିନ୍ତୁ ରାତିରେ ସ୍ତ୍ରୀମାନଙ୍କ ସହିତ ରମଣ କରିବା ପାଇଁ କୌଣସି ଅନ୍ୟ କାର୍ଯ୍ୟ ନଥିବା ଭଳି କରିଛନ୍ତି । ହେଲେ ଆତ୍ମଜ୍ଞାନ ଉପରେ ଶ୍ରଦ୍ଧା ନଥିବା ଲୋକଙ୍କୁ ଏ ବିଷୟରେ ଏହିଭଳି ସ୍ଥୁଳ ବୁଝାଯିବା ଭଳି କରି, ସେମାନଙ୍କ ଭାବ ଅନୁସାରେ ଈଶ୍ୱର ରଖିଥିବା ନିୟମର ବ୍ୟତିରେକ ହେବା ଭଳି କରିଛନ୍ତି । ମୁଁ ଈଶ୍ୱର ରଖିଥିବା ନିୟମର ବ୍ୟତିରେକ ଭାବରେ ଚଳୁଛି ବୋଲି ଧ୍ୟାନ ନଥିବା ଭଳି କରିଥା'ନ୍ତି । ହିନ୍ଦୁମାନେ ଭକ୍ତି ରଖି କୌଣସି ଏକ ଦେବତାର ପୂଜାକରି, ତାପାଇଁ ମାନସିକ ରଖି ଉପବାସ ରହିବା ଭଳି

କରିଛନ୍ତି । କେତେକ ପୂଜା ପର୍ବ ସମୟରେ, ନବରାତ୍ରିରେ ଦିନ ସାରା ଉପବାସ ରହି ରାତିରେ ଖାଇ ପିଇ ଜାଗି ରହୁଛୁ ବୋଲି କହୁଛନ୍ତି, କିନ୍ତୁ ଏଠାରେ ଈଶ୍ୱରଙ୍କ ନିୟମର ବ୍ୟତିରେକ ଭାବରେ ଚାଲୁଛୁ ବୋଲି ଟିକିଏ ଭାବୁ ନାହାନ୍ତି । ତାଛଡା ଉପରେ ଆମେ ବଡ ଭକ୍ତ, ଆମେ ବଡ ଜ୍ଞାନୀ ବୋଲି ଭାବୁଛନ୍ତି । ଖାଦ୍ୟ ନଖାଇବା ଦ୍ୱାରା ଆତ୍ମାଙ୍କୁ କଷ୍ଟ ହୋଇଥାଏ ବୋଲି ଭଗବଦ୍ଗୀତାର ଶ୍ରଦ୍ଧାତ୍ରୟବିଭାଗ ଯୋଗରେ ଥିବା ଷଷ୍ଠତମ ଶ୍ଳୋକର ଜ୍ଞାନକୁ ସଠିକ ବୁଝିନପାରି ଅବାଟରେ ଯାଇଛନ୍ତି, ସେମାନେ ଦୈବଗ୍ରନ୍ଥରେ ଥିବା ଅର୍ଥକୁ ସଠିକ ବୁଝି ନପାରିବାର କାରଣ ଗ୍ରନ୍ଥ ଅପେକ୍ଷା ଅନ୍ୟମାନେ ଯାହା କୁହନ୍ତି ତାହା ବିଶ୍ୱାସ କରିବା । ସେମାନଙ୍କ ଶ୍ରଦ୍ଧା ଏଭଳି ଥିବା କାରଣରୁ ଆତ୍ମା ହିଁ ଏଭଳି କରି ସେମାନଙ୍କ ଭିତରେ ଥାଇ ଏହିଭଳି ଭାବ ପ୍ରେରଣ କରିବା ଦ୍ୱାରା, ନିଜର ନିର୍ଣ୍ଣୟକୁ ହିଁ ସେମାନେ ଠିକ୍ ଭାବିଥାନ୍ତି । ଶରୀର ବିଦ୍ୟାଳୟ ଭାବରେ ଥିବାବେଳେ ସେଥିରେ ଥିବା ବୋଧକ ଆତ୍ମାଙ୍କୁ କେହି ଚିହ୍ନିପାରୁ ନାହାନ୍ତି । ଶ୍ରଦ୍ଧା ଅନୁସାରେ କାହାକୁ ଜ୍ଞାନଦେବା, କାହାକୁ ଅଜ୍ଞାନଦେବା କାର୍ଯ୍ୟ ଭିତରର ଆତ୍ମା ଗ୍ରହଣ କରି ସେହି ଅନୁସାରେ ଦେଇଥାନ୍ତି । ଜଣେ ମଣିଷକୁ ଜ୍ଞାନୀ କିମ୍ବା ଅଜ୍ଞାନୀ କରିବା ମଣିଷର ଶ୍ରଦ୍ଧା ଅନୁସାରେ ଭିତରର ଆତ୍ମା ହିଁ କରିଥାନ୍ତି । ଆତ୍ମା ମଣିଷର ଭାବ ଅନୁସାରେ ମଣିଷକୁ ତିଆରି କରି ନିଜେ କିଛି ନଜାଣିବା ଭଳି ରହିଥାନ୍ତି ।

**ପ୍ରଶ୍ନଃ- ପରମାତ୍ମା ଭଗବାନ ହୋଇ ରୂପ ବଦଳାଇ ଆସିବା ବେଳେ ଶରୀରରେ ମଧ୍ୟ ତିନି ଆତ୍ମା ରହିଥାନ୍ତି ବୋଲି ଆପଣ ଅତୀତରେ କହିଥିଲେ । ଧର୍ମ ସ୍ଥାପନ ନିମନ୍ତେ ପରମାତ୍ମା ଭଗବାନ ହୋଇ ଆସିବା ବେଳେ ଭଗବାନଙ୍କ ଶରୀରସ୍ଥ ପରମାତ୍ମା ନିଜ ଧର୍ମ ଜଣାଇଥାନ୍ତି ? କି ଆତ୍ମା ଜଣାଇଥାନ୍ତି ? ଏହା ବ୍ୟତୀତ ଭଗବାନଙ୍କ ଶରୀରରେ ଥିବା ତିନି ଆତ୍ମା ଭିତରୁ କଣ ଜୀବାତ୍ମା ଦୈବଧର୍ମକୁ ଜଣାଇ ପାରେ ?**

**ଉତ୍ତର :-** ଏଇଭଳି ପ୍ରଶ୍ନ ଆସିଲେ ହିଁ ଆପଣଙ୍କୁ ଜ୍ଞାନ ସହଜରେ ବୁଝା ପଡିପାରେ । ମୁଁ କହିବାକୁ ମଧ୍ୟ ଅନୁକୂଳ ହୁଏ । ଭଗବାନ ଭୂପୃଷ୍ଠକୁ ଆସିଲେ ତାଙ୍କ ଶରୀରରେ ତିନି ଆତ୍ମା ରହିଥାନ୍ତି ସତକଥା । ହେଲେ ସେଥିରେ ଥିବା ଜୀବାତ୍ମା ଜୀବାତ୍ମାଧର୍ମ ନେଇ ରହିଥାଏ, ସେହିଭଳି ଆତ୍ମା ଆତ୍ମାଧର୍ମକୁ ଅତିକ୍ରମ ନକରି ରହିଥାନ୍ତି । ପରମାତ୍ମା ଭଗବାନଙ୍କ ଶରୀରରେ ଥିଲେ ମଧ୍ୟ ସେ ତାଙ୍କ ନିୟମରେ ରହିଥାନ୍ତି । ଏହିଭଳି ତିନି ଆତ୍ମା ସାଧାରଣ ମଣିଷଠାରେ ରହିବା ଭଳି ରହିଥାନ୍ତି । କୌଣସି ଭିନ୍ନତା ନଥାଏ । ଭଗବାନଙ୍କ ଶରୀରରେ ରହିଥିବା ପରମାତ୍ମା ତାଙ୍କ ଧର୍ମକୁ ଜଣାଇ ନଥାନ୍ତି, ସେ ସର୍ବଦା ତାଙ୍କ ନିୟମ ଅନୁସାରେ କ୍ରିୟା ରହିତ ହୋଇ ରହିଥାନ୍ତି, ସାଧାରଣ ମଣିଷର ଶରୀରରେ ସ୍ତବ୍ଧତାର ସହିତ, ସାକ୍ଷୀ ଭାବରେ ଥିବା ଭଳି ରହିଥାନ୍ତି । ପରମାତ୍ମା ଯେଉଁଭଳି ରହିଥାନ୍ତି ଜୀବାତ୍ମା ମଧ୍ୟ ସେହିଭଳି କିଛି ନକରି ରହିଥାଏ । କିଛି ଜଣାଇବା କ୍ଷମତା ଜୀବର ନଥାଏ । ଭଗବାନଙ୍କ ଶରୀରରେ ଥିବା ଜୀବାତ୍ମା ସାଧାରଣ ମଣିଷ ଭଳି ରହିଥାଏ । ସେ ଭଗବାନଙ୍କ ଶରୀରରେ ରହିଥିଲେ ମଧ୍ୟ ତାପାଇଁ କୌଣସି ସ୍ୱତନ୍ତ୍ର ନିୟମ ନଥାଏ ।

ଭଗବାନଙ୍କ ଶରୀରରେ ଥିବା ଆତ୍ମା ନିଜର ଧର୍ମ ଅନୁସାରେ ରହିଥାନ୍ତି । ଏବେ ଆପଣ କିଛି ବୁଝିଯିବେଣି । ଆତ୍ମା ଜୀବର ଭାବକୁ ଗ୍ରହଣ କରିଥାନ୍ତି ବୋଲି ଆମେ ଜାଣିଥିଲେ । ସେହିଭଳି ଜୀବର ଥିବା ଶ୍ରଦ୍ଧା ଅନୁସାରେ ଜ୍ଞାନ, କର୍ମ ଅନୁସାରେ ଦୁଃଖସୁଖ ଦେବା କାର୍ଯ୍ୟ ମଧ୍ୟ ଆତ୍ମା କରିଥାନ୍ତି ବୋଲି ଜାଣିଥିଲେ । ପରମାତ୍ମା ଭଗବାନ ହୋଇ ଆସିବାବେଳେ ତାଙ୍କୁ କେହି ଚିହ୍ନି ନପାରିବା ଭଳି ସ୍ୱୟଂ କର୍ମ ସୃଷ୍ଟିକରି ଆସିଥାନ୍ତି, ସେ ତିଆରି କରି ଆସିଥିବା କର୍ମ ଅନୁସାରେ ଆତ୍ମା ଭଗବାନଙ୍କ ଶରୀରରେ ଦୁଃଖସୁଖ ଅନୁଭବ କରାଇଥାନ୍ତି । ତାଛଡା ଜୀବର ଥିବା ଉଦ୍ଦେଶ୍ୟ ଅନୁସାରେ ଭକ୍ତିମାର୍ଗରେ ପରିଚାଳିତ କରାଇଥାନ୍ତି । ଜୀବର ଜ୍ଞାନମାର୍ଗରେ

ଥିବା ଶ୍ରଦ୍ଧା ଅନୁସାରେ ଆତ୍ମା ବ୍ୟବହାର କରିଥାନ୍ତି । ଏକଥା ଆଗରୁ ଜାଣିଛେ । ଏଠାରେ ଭଗବାନଙ୍କ ଶରୀରରେ ଭଗବାନ ହୋଇ ଆସିଥିବା ଜୀବ ତାର ଭାବରେ ପ୍ରଜାମାନଙ୍କୁ ଦୈବଧର୍ମ ଜଣାଇବାର ଉଦ୍ଦେଶ୍ୟ ରଖି, ସେମାନଙ୍କ ଭିତରୁ ଅଧର୍ମକୁ ହଟାଇବାର ଉଦ୍ଦେଶ୍ୟ ରଖିଥିବାରୁ, ସେହି ଜୀବର ଭାବ ଅନୁସାରେ, ଶ୍ରଦ୍ଧା ଅନୁସାରେ ଆତ୍ମା ବ୍ୟବହାର କରିବା ଦ୍ୱାରା, ଜୀବର ଭାବରେ ଏଠାରେ ଅଜ୍ଞାନ ଭାବ ନଥିବା କାରଣରୁ, ଆତ୍ମା ସମ୍ପୂର୍ଣ୍ଣ ଧର୍ମ ଜଣାଇବାକୁ ନିର୍ଣ୍ଣୟ ନେଇଥାନ୍ତି । ଆତ୍ମାଙ୍କୁ ଦୈବଧର୍ମ ସମ୍ପୂର୍ଣ୍ଣ ଜଣାଥିବାରୁ ଦୈବଧର୍ମକୁ ହିଁ ଜଣାଇଥାନ୍ତି । ଭଗବାନଙ୍କ ତୁଣ୍ଡରୁ କେତେବେଳେ କାହାକୁ କେଉଁଠାରେ ଦୈବଧର୍ମ ଜଣାଇବା ଉଚିତ୍ ଆତ୍ମା ସେହିଭଳି ଜଣାଇଥାନ୍ତି । ପରମାତ୍ମା ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ହୋଇ ଆସିଥିଲେ ସେତେବେଳେ କାହାକୁ ଜଣାନପଡିବା ଭଳି ଯୁଦ୍ଧଭୂମିରେ ଦୈବଧର୍ମ ଜଣାଇଥିଲେ, ତା ମଧ୍ୟ କେବଳ ଜଣେ ବ୍ୟକ୍ତିଙ୍କୁ ସମୟ ସନ୍ଦର୍ଭ ଦେଖି ୯୦ବର୍ଷ ବୟସରେ ଜଣାଇଥିଲେ । ଏହିଭଳି ଦୈବଧର୍ମ କାହାକୁ, କେତେବେଳେ, କେଉଁଠାରେ ଜଣାଇବାକୁ ହେବ ସେସବୁ ଯୋଜନାବଦ୍ଧ ହୋଇ ଆଗରୁ ରହିଥାଏ ।

ଭଗବାନ ଆସିବାବେଳେ ତାଙ୍କ ଶରୀରରେ ଥିବା ଜୀବାତ୍ମାର ଭାବ ଅନୁସାରେ, ଉଦ୍ଦେଶ୍ୟ ଅନୁସାରେ ଆତ୍ମା ଧର୍ମବୋଧ କରିଥାନ୍ତି । ଭଗବାନଙ୍କ ଶରୀରରେ ଥିବା ଜୀବ ପ୍ରଜାମାନଙ୍କୁ ଧର୍ମ ଜଣାଇବା ଉଦ୍ଦେଶ୍ୟ ନେଇ ରହିଥିବାରୁ ଆତ୍ମା ସମ୍ପୂର୍ଣ୍ଣ ଦୈବଧର୍ମ ଜଣାଇବାକୁ ପ୍ରସ୍ତୁତ ହୋଇ ରହିଥାନ୍ତି । ଭଗବାନଙ୍କ ଦ୍ୱାରା ଦୈବଧର୍ମ ବହିର୍ଗତ ହେବା ହିଁ ଧର୍ମ ପ୍ରତିଷ୍ଠା ହେବା ବୋଲି କହିଛନ୍ତି । ଭଗବାନଙ୍କ ଶରୀରର ଆତ୍ମା ଧର୍ମ ସ୍ଥାପନ ହେବାଭଳି ଧର୍ମ ଜଣାଇବା ବ୍ୟତୀତ, ଅଧର୍ମକୁ ମଧ୍ୟ ଚିହ୍ନାଇ ଦେଇଥାନ୍ତି । ଭଗବାନ ଏଭଳି ଜ୍ଞାନବୋଧ କରିବା ଦ୍ୱାରା ଧର୍ମ ଅଧର୍ମ ଉଭୟକୁ ପ୍ରଜାମାନେ ଜାଣିପାରନ୍ତି, ସେତିକିବେଳେ ଅଧର୍ମକୁ ଛାଡି ଧର୍ମମାର୍ଗରେ

ଅଗ୍ରସର ହେବାକୁ ଚେଷ୍ଟା କରିଥାନ୍ତି । ସେହି ଚେଷ୍ଟାରେ କିଛିକାଳ ପରେ ଅଧର୍ମର ବିନାଶ ହୋଇ ସମସ୍ତେ ଧର୍ମମାର୍ଗରେ ପରିଚାଳିତ ହୋଇଥାନ୍ତି । ଭଗବାନଙ୍କର ଉଦ୍ଦେଶ୍ୟ ଏହିଭଳି ରହିବା ଦ୍ୱାରା କୌଣସି କଳୁଷ କାଳିମା ନଥିବା ସ୍ୱଚ୍ଛ ଜ୍ଞାନକୁ ତାଙ୍କ ଶରୀରରେ ଥିବା ଆତ୍ମା ବହିର୍ଗତ କରିଥାନ୍ତି । ଭଗବାନଙ୍କ ଭାବରେ ଅଜ୍ଞାନ ନଥାଏ, ଅଜ୍ଞାନ ଉଦ୍ଦେଶ୍ୟ ନଥାଏ, ଅଶ୍ରଦ୍ଧା ନଥାଏ, ସେଥିଲାଗି ତାଙ୍କ ଶରୀରରୁ ସ୍ୱଚ୍ଛଜ୍ଞାନ ଆସିଥାଏ । ପ୍ରଜାମାନଙ୍କ ଶରୀରରେ ଥିବା ଜୀବର ଭାବ ଅନୁସାରେ ଆତ୍ମଜ୍ଞାନ ଅଜ୍ଞାନ ହୋଇ ବ୍ୟାପିବା ସ୍ଥଳେ, ଭଗବାନଙ୍କ ଶରୀରରେ ଥିବା ଜୀବର ଭାବ ଅନୁସାରେ ସ୍ୱଚ୍ଛ ଆତ୍ମଜ୍ଞାନ ବାହାରକୁ ଆସିଥାଏ, ସେ ସେହି ଅନୁସାରେ ବୋଧ କରିଥାନ୍ତି । ଆତ୍ମା ସ୍ୱୟଂ କିଛି କରିନଥାନ୍ତି ସବୁ ଜୀବର ଭାବ ଅନୁସାରେ ହୋଇଥାଏ । ତେଣୁ ସାଧାରଣ ପ୍ରଜାଙ୍କ ଭାବ ଅନୁସାରେ ଆତ୍ମା ଏକ ପ୍ରକାରର ବୋଧ କରିବାବେଳେ ଭଗବାନଙ୍କ ଶରୀରରେ ଥିବା ଜୀବର ଭାବ ଅନୁସାରେ ସ୍ୱଚ୍ଛ ଆତ୍ମଜ୍ଞାନ ବୋଧ କରିଥାନ୍ତି ।

ସାଧାରଣ ଶରୀରର ଜୀବ ଅଜ୍ଞାନଭାବ ନେଇ ରହିଥିଲେ ଅଜ୍ଞାନ, ଜ୍ଞାନଭାବ ନେଇ ରହିଥିଲେ ଜ୍ଞାନ ବୋଧ କରୁଥିବା ଆତ୍ମା ଏହିଭଳି ଦୁଇ ପ୍ରକାରର ବୋଧ କରିଥାନ୍ତି । ପ୍ରତ୍ୟେକ ମଣିଷ ଅଧିକାଂଶ ଅଜ୍ଞାନଭାବ ନେଇ ରହିଥାନ୍ତି । ଖୁବ୍ କମ୍ ଲୋକେ ଜ୍ଞାନଭାବ ନେଇ ରହିବା ଦ୍ୱାରା ଅଧିକ ଅଜ୍ଞାନ, ଖୁବ୍‌କମ୍ ଜ୍ଞାନବୋଧ ହୋଇ ଆସିବାରେ କିଛିକାଳ ପରେ ଅର୍ଥାତ୍ କେତେଲକ୍ଷ ବର୍ଷ ପରେ ଭୂପୃଷ୍ଠରେ ଜ୍ଞାନ ହ୍ରାସ ହୋଇ, ଜ୍ଞାନ ଅଜ୍ଞାନରେ ପରିଣତ ହୋଇଯିବାରୁ ଅଧର୍ମର ଅଭିବୃଦ୍ଧି ହୋଇ ଶେଷରେ ଧର୍ମ ଦେଖିବାକୁ ମିଳେ ନାହିଁ । ସେହି ସମୟରେ ପରମାତ୍ମା ଭଗବାନ ହୋଇ ଧର୍ମ ସ୍ଥାପନ କରିବାକୁ ଆସୁଥିବାରୁ ସେହି ସମୟରେ ଭଗବାନଙ୍କ ଶରୀରରେ ଥିବା ଜୀବାତ୍ମାର ଭାବ ଅନୁସାରେ ଆତ୍ମା ହିଁ ଧର୍ମ ଜଣାଇ ଧର୍ମ ସଂସ୍ଥାପନ କରିଥାନ୍ତି । ଅଧର୍ମ ବୃଦ୍ଧି ହେବାପାଇଁ ସମସ୍ତଙ୍କ ଶରୀର ବେଦୀ

ଭଳି ରହିଥିବା ସ୍ଥଳେ, ଧର୍ମ ବୃଦ୍ଧି କରିବାପାଇଁ ଭଗବାନଙ୍କ ଶରୀର ଏକ ବେଦୀ ଭଳି ରହିଥାଏ ।

**ପ୍ରଶ୍ନ:- ପରମାତ୍ମା ସାଧାରଣ ମଣିଷ ଭଳି ପରିଶ୍ରମ ନକରି, ମଣିଷ ଭିତରେ ଜ୍ଞାନୀ ଭାବରେ ଥିବା ଲୋକମାନଙ୍କ ଭିତରୁ ମହାଜ୍ଞାନୀଙ୍କୁ ଚିହ୍ନି, ତାଙ୍କଠାରେ ଧର୍ମ ଜଣାଇବା ଭାବ ସ୍ଥାପନ କରି, ତାଙ୍କରି ଭାବ ଅନୁସାରେ ଆତ୍ମା ଧର୍ମ ଜଣାଇ ପାରନ୍ତେ ! ଧର୍ମକୁ ଆତ୍ମା ଜଣାଉଥିବାରୁ ଜ୍ଞାନୀ ଜୀବଠାରେ ଉନ୍ନତ ଭାବ ଆଣି, ତାଙ୍କୁ ଅନୁସରଣ କରି ଆତ୍ମା ଧର୍ମ ଜଣାଇ ପାରନ୍ତେ ! ଏ ବାବଦରେ କଣ କହିବେ ?**

**ଉତ୍ତର :-** ସେ ଯଦି ଏଭଳି କରିବେ ତେବେ ପରମାତ୍ମା ମଧ୍ୟ ମଣିଷଠାରୁ ହୀନ ହୋଇଯିବା ଭଳି ହେବେ । ସେ ତାଙ୍କ ଭଗବଦ୍ଗୀତାରେ ଥରେ 'କର୍ମ ବିସର୍ଗଃ' ବୋଲି କହିଥିଲେ, ଅର୍ଥାତ୍ କର୍ମକୁ ଅତି ସୂକ୍ଷ୍ମ ଭାଗ କରି ଦେଖିବା ଉଦ୍ଦେଶ୍ୟରେ ଏକଥା କହିଥିଲେ । ପ୍ରତି ଜୀବକୁ କର୍ମ ଅନୁସାରେ ପରିଚାଳିତ କରାଇବା ଆତ୍ମାଙ୍କର କର୍ତ୍ତବ୍ୟ । 'କର୍ମ ବିସର୍ଗଃ' ଅନୁସାରେ ଆତ୍ମା ପ୍ରତ୍ୟେକ ସୂକ୍ଷ୍ମକର୍ମକୁ ମଧ୍ୟ ଯଥା ବିଧିରେ ଅମଳ କରିଥାନ୍ତି । ଆତ୍ମା କାହାର କର୍ମକୁ ଉଚ୍ଛେଦ କରିନଥାନ୍ତି କି କାହାର କର୍ମକୁ ବଢାଇଦେଇ ନଥାନ୍ତି । ଆତ୍ମା ତାଙ୍କ ଧର୍ମକୁ କେବେହେଲେ ଅତିକ୍ରମ କରିନଥାନ୍ତି । ଆତ୍ମା ପ୍ରତ୍ୟେକ ଛୋଟ କର୍ମକୁ ମଧ୍ୟ ଯେମିତି ଅମଳ କରିବା ଉଚିତ୍ ସେମିତି କରିଥାନ୍ତି । ତେଣୁ ଆତ୍ମା ସ୍ୱୟଂ କୌଣସି ନିର୍ଣ୍ଣୟ ନେଇନଥାନ୍ତି । କାହାଠାରେ ନଥିବା ଭାବକୁ ସେ କାହିଁକି କଳ୍ପନା କରିବେ ! ସେହିଭଳି କାହାଠାରେ ଥିବା ଭାବକୁ ମଧ୍ୟ ସେ କାଢିଦେଇ ନଥାନ୍ତି । ଯାହାର ଭାବ ଯାହା । ଜୀବର ଥିବା ଭାବକୁ ଯଦି ବଦଳାଇଦେବେ ତେବେ ଆତ୍ମା ଅପେକ୍ଷା ପରମାତ୍ମା ବଡ ବୋଲି ରହିଥିବା ଭାବ ହଜିଯିବ । ପରମାତ୍ମାଙ୍କ ଆବଶ୍ୟକତା ରହିବ ନାହିଁ । ପରମାତ୍ମା ନାମକ ପାତ୍ର ଭାବରୁ ନିଖୋଜ ହେବା ଦ୍ୱାରା ସେ ଥିବା, ନଥିବା ଗୋଟିଏ ଭଳି ହୋଇଯିବ । ସାରା

ପ୍ରପଞ୍ଚକୁ ଆତ୍ମା ତାଙ୍କ ଅଧିନରେ ରଖିଦେବା ଭଳି ହୋଇଯିବ । ଏଭଳି ନକରି ଆତ୍ମା ଯଦି ନିଜକାର୍ଯ୍ୟ ନିଜେ କରିଚାଲିବେ ତେବେ ବାକିଥିବା କାର୍ଯ୍ୟକୁ ପରମାତ୍ମା ଭଗବାନ ରୂପେ କରିପାରିବେ । ଈଶ୍ୱରଙ୍କ ପରି- ପାଳନାରେ କର୍ମ ଅତି ସୂକ୍ଷ୍ମ ଭାବରେ ଥିବାରୁ ତାହାକୁ ଆତ୍ମା ହିଁ ଯଥାବିଧ ନିର୍ବାହ କରିଥାନ୍ତି । ଆତ୍ମା ଏଭଳି କରିଥାନ୍ତି ସିନା ସ୍ୱୟଂ କୌଣସି ନିର୍ଣ୍ଣୟ ନେଇନଥାନ୍ତି । ଆତ୍ମା ତାଙ୍କ ଧର୍ମ ଅନୁସାରେ ମଣିଷକୁ ଅନୁସରଣ କରି ଜ୍ଞାନ ଅଜ୍ଞାନ ଜଣାନ୍ତି । ଆତ୍ମା ସବୁବେଳେ ଦୈବଧର୍ମ ଅନୁସାରେ କାର୍ଯ୍ୟ କରିଥାନ୍ତି ସିନା କେବେ ମଧ୍ୟ, ସେହି ଧର୍ମକୁ ଅତିକ୍ରମ କରିନଥାନ୍ତି ।

ଜ୍ଞାନୀମାନଙ୍କ ଭିତରେ ଉନ୍ନତ ଜ୍ଞାନୀ କେହି ଅଛନ୍ତି ବୋଲି କହିଲେ, ତାର ଥିବା ଦଶକ୍ଷଣରୁ ସେ କୌଣସି ଏକ କ୍ଷଣରେ ଅଜ୍ଞାନଭାବ ନେଇ ରହିଥାଏ । ସମ୍ପୂର୍ଣ୍ଣ ଅଜ୍ଞାନଭାବ ନଥିବା ଲୋକ କେହି ନାହାନ୍ତି । ଗତ ଜନ୍ମରେ କର୍ମ ଥିଲେ ହିଁ କେହି ଜନ୍ମ ହୋଇଥାଏ । ଅଜ୍ଞାନ ଭାବ ନଥିବା ଲୋକ କେହି ଜନ୍ମ ହୁଅନ୍ତି ନାହିଁ । ଜନ୍ମିତ ପ୍ରତ୍ୟେକ ବ୍ୟକ୍ତି ପାପପୁଣ୍ୟ ନାମକ କର୍ମରେ ରହିଥିବା ଭଳି, ଭାବ ମଧ୍ୟ ଭଲ ମନ୍ଦ ମିଶ୍ରିତ ହୋଇ ରହିଥାଏ । ସେହିଭଳି ଜ୍ଞାନ ଅଜ୍ଞାନ ଶ୍ରଦ୍ଧା ମଧ୍ୟ ରହିଥାଏ । ବୁଦ୍ଧିର ସାଧାରଣ ଲକ୍ଷଣ ହେଉଛି ଭଲ, ମନ୍ଦକୁ ବିଚାର କରିବା । ବୁଦ୍ଧି ଭଳି ପ୍ରତ୍ୟେକ ବ୍ୟକ୍ତି ଜ୍ଞାନ ଅଜ୍ଞାନ ଭାବ ନେଇ ରହିଥାନ୍ତି । ଭୂପୃଷ୍ଠରେ ଅମୁକ ବ୍ୟକ୍ତି ଜଣେ ବଡ ଜ୍ଞାନୀ ବୋଲି କହି କାହାକୁ ଦେଖିଲେ ମଧ୍ୟ, ଅଧିକ ଜ୍ଞାନ ସାନ୍ଦ୍ରତାଯୁକ୍ତ ମଣିଷକୁ ପରିଶୀଳନ କରି ଦେଖିଲେ ମଧ୍ୟ, ତାଠାରେ ମଧ୍ୟ ଶହେରୁ ଦଶ ପ୍ରତିଶତ ଅଜ୍ଞାନ ନିଶ୍ଚୟ ରହିଥାଏ । ସେତେବେଳେ ସେହି ଦଶଭାଗ ଅଜ୍ଞାନ କାରଣରୁ ଆତ୍ମା ଅଜ୍ଞାନ ଭାବ ପ୍ରଦର୍ଶନ କରିବାକୁ ବାଧ୍ୟ ହୋଇଥାନ୍ତି । ସମ୍ପୂର୍ଣ୍ଣ ଜ୍ଞାନ ଭାବର ସହିତ କେହି ନଥାନ୍ତି । ସେଥିଲାଗି ଆତ୍ମା ଶତପ୍ରତିଶତ ଜ୍ଞାନବୋଧ କରିନଥାନ୍ତି । ତାଙ୍କ ବାଣୀବୋଧରେ ଅଧର୍ମ ବଢିଲେ ମଧ୍ୟ, ତାପାଇଁ ଉପଯୁକ୍ତ ଔଷଧ ହୋଇଥିବା ଧର୍ମ ସଂସ୍ଥାପନ

କାର୍ଯ୍ୟପାଇଁ ପରମାତ୍ମା ଆଗରୁ ତାଙ୍କର ଯୋଜନା ସିଦ୍ଧ କରି ରଖିଥାନ୍ତି । ପରିସ୍ଥିତି ଏହିଭଳି ଥିବାବେଳେ ପରମାତ୍ମା ପରମାତ୍ମା ଭାବରେ ହିସାବ ହୋଇଥାନ୍ତି । ପରମାତ୍ମା ଭଗବାନ ହୋଇ ନଆସିଲେ କୌଣସି ସମ୍ବନ୍ଧ ନଥିବା ପରମାତ୍ମାଙ୍କ ପାଖରେ ମଣିଷର କୌଣସି କାର୍ଯ୍ୟ ବାକି ନଥାନ୍ତା । ସେତେବେଳେ ସେ ଥାଇ ଯେତିକି ନଥାଇ ସେତିକି ବୋଲି କହିପାରନ୍ତେ । ଏହି ସ୍ଥିତିରେ ଆତ୍ମା ତାଙ୍କ ପଦ୍ଧତିରୁ ବହିର୍ଗତ ହେବାଭଳି ହୋଇଯାଆନ୍ତା ।

ଏବେ ଯାହା ଜଣା ଯାଉଛି ଆତ୍ମାଙ୍କ ନାଆଁରେ ଯେମିତି ପରମାତ୍ମା ସବୁ ସମ୍ପତ୍ତି ଲେଖିଦେଇଛନ୍ତି ! ବାସ୍ତବରେ ସେଇଆ ହିଁ ହୋଇଛି । ଶରୀରର ସମସ୍ତ ହକ୍ ଆତ୍ମାଙ୍କୁ ଦେଇ, ଶରୀରାଧିପତି ଭାବରେ ଆତ୍ମାଙ୍କୁ ନିଯୋଜିତ କରି ରଖିବା ଦ୍ୱାରା, ସାରାଶରୀରର ରାଜା ହୋଇଯାନ୍ତି ଆତ୍ମା । ଶରୀରରେ ପରମାତ୍ମା ଥିଲେ ମଧ୍ୟ ନଥାଇ ରହିବା ଭଳି ରହିଛନ୍ତି, ତାଙ୍କ ଅସ୍ତିତ୍ୱ ଟିକିଏ ଜାଣିବାକୁ ମଧ୍ୟ କୌଣସି ସୁଯୋଗ ନାହିଁ, କିନ୍ତୁ ତାଙ୍କୁ ବାହ୍ୟତଃ ଜାଣିବା ପାଇଁ ଆଉଗୋଟିଏ ବାଟ ଅଛି, ସେହି ସୁଯୋଗ ମଧ୍ୟ ଆସିବାକୁ ନଦେଇ ସେ କାର୍ଯ୍ୟ ମଧ୍ୟ ଆମେ କରିବୁ କହିଲେ ପରମାତ୍ମାଙ୍କ ଅସ୍ତିତ୍ୱକୁ ମଧ୍ୟ ଅଜଣା ରଖିଦେବା ଭଳି ହୋଇଯାଉଛି । ତେଣୁ ଏମିତି କରିବା ଭଲକଥା ନୁହେଁ । ପରମାତ୍ମା ବା ଈଶ୍ୱର ସର୍ବଦା ଅଧିପତି ଭାବରେ ରହିବାବେଳେ, ତାଙ୍କ ତଳେ ପରିବାର ଭାବରେ ଆତ୍ମାଙ୍କଠାରୁ ଆରମ୍ଭ କରି ସମସ୍ତେ ରହିବା ଉଚିତ୍ । ଯାହାକାର୍ଯ୍ୟ ଯାର ହେବାବେଳେ ପରମାତ୍ମାଙ୍କ ଯୋଜନା କାର୍ଯ୍ୟରୂପ ଧାରଣ କରିବ । ସବୁପ୍ରକାରର ବିଚାରକରି ଯାହା ଠିକ୍ ତାହା ହିଁ ସେ ନିର୍ଣ୍ଣୟ କରନ୍ତି, ସେ ନିର୍ଣ୍ଣୟ କରିଥିବା କର୍ମବନ୍ଧ ନିୟମ ମଣିଷ ପାଇଁ ହେଉ କି ଆତ୍ମାଙ୍କ ପାଇଁ ହେଉ ବଦଳିନଥାଏ । ସେ ଯାହା ନିର୍ଣ୍ଣୟ କରି ରଖିଛନ୍ତି ତାହା ଘଟିବା ଥୟ । ତାହା ହିଁ ଉନ୍ନତ ପଦ୍ଧତି ।

ଜୀବାତ୍ମା, ଆତ୍ମା, ପରମାତ୍ମା ତିନିହେଁ ଗୋଟିଏ ଫଳର ଏକ ଏକ ଭାଗ । ତନ୍ମଧ୍ୟରେ ପରମାତ୍ମା ପରମାତ୍ମା ଭାବରେ ମହାନ ହୋଇ ଥିବା

ସ୍ଥଳେ, ପରମାତ୍ମାଙ୍କ ପରେ ଆତ୍ମା ଦ୍ୱିତୀୟ ସ୍ଥାନରେ ରହି, ପରମାତ୍ମାଙ୍କ ଆଦେଶରେ ଶରୀରକୁ ପରିଚାଳିତ କରିବା ନିର୍ଣ୍ଣୀତ ହୋଇ ରହିଛି । ତୃତୀୟ ଭାଗର ହୋଇଥିବା ଜୀବାତ୍ମା ଆତ୍ମା ଏବଂ ପରମାତ୍ମାଙ୍କ ଠାରୁ ଅତି କ୍ଷୁଦ୍ର କଣିକା ଭାବରେ ରହି ଶରୀରରୁ ଆଗତ ଦୁଃଖସୁଖ ଅନୁଭବ କରୁଛି । ଆତ୍ମା ଏବଂ ପରମାତ୍ମା ଅନୁଭବ ରହିତ ହୋଇ ରହିଥିବା ସ୍ଥଳେ, ଜୀବାତ୍ମା ଅନୁଭବ ପାଇଁ ଆତ୍ମା, ପରମାତ୍ମା କାର୍ଯ୍ୟ କରିଥାନ୍ତି । ଶରୀରରେ ପରମାତ୍ମାଙ୍କ ପାଇଁ କେହି କାର୍ଯ୍ୟ କରିନଥାନ୍ତି । ସେହିଭଳି ଆତ୍ମା ପାଇଁ ମଧ୍ୟ କେହି କାର୍ଯ୍ୟ କରୁନାହାନ୍ତି । ହେଲେ ଜୀବାତ୍ମା ପାଇଁ ଉଭୟ ଆତ୍ମା, ପରମାତ୍ମା କାର୍ଯ୍ୟ କରିଥାନ୍ତି । ଜୀବାତ୍ମା କିଛି ନକରି ସେ ଦୁହେଁ ଯାହା ଆଣିଦିଅନ୍ତି ତାହା ଅନୁଭବ କରେ । "ଶରୀରରେ ସବୁକିଛି ଅନୁଭବ କରୁଥିବା ପାତ୍ର କେବଳ ମୁଁ, ମୋ ସମାନ କେହି କିଛି ଅନୁଭବ କରିପାରନ୍ତି ନାହିଁ । କିଛି ନକରି ବସିରହି ଖାଲି ଅନୁଭବ କରୁଥିବା ମୁଁ କେତେ ମହାନ !" ବୋଲି ଜୀବାତ୍ମା ଅଜ୍ଞାନ କାରଣରୁ ବେଳେବେଳେ ଭାବନା କରିଥାଏ ।

**ପ୍ରଶ୍ନ:- ଶରୀର ବିଶ୍ୱବିଦ୍ୟାଳୟରେ ଜୀବଗଣ ବିଦ୍ୟାର୍ଥୀ ବୋଲି, ଆତ୍ମା ବୋଧକ ବୋଲି ଜାଣିଲୁ । ବିଶ୍ୱବିଦ୍ୟାଳୟର ପ୍ରିନିସପାଲ୍ (ସୂତ୍ରଧାରୀ) ହୋଇଥିବା ପରମାତ୍ମାଙ୍କୁ ମଧ୍ୟ ଏବେ ଏବେ ଜାଣିଲୁ । ବିଦ୍ୟାର୍ଥୀ ଜୀବାତ୍ମା ବୋଧକ ହୋଇଥିବା ଆତ୍ମାଙ୍କ ନିକଟତର ହୋଇଥାଏ କି ସୂତ୍ରଧାରୀ ପରମାତ୍ମାଙ୍କ ନିକଟତର ହୋଇଥାଏ ? ସତକଥା କହିଲେ ସେ ସେମାନଙ୍କ ଭିତରୁ କାହାକୁ ଅଧିକ ଭଲପାଏ ?**

**ଉତ୍ତର :-** ଶରୀର ବିଶ୍ୱବିଦ୍ୟାଳୟରେ ଆତ୍ମା ବୋଧକ ଭାବରେ ଅଛନ୍ତି ବୋଲି ଜୀବାତ୍ମାକୁ ଜଣା ନଥାଏ । ବିଶ୍ୱବିଦ୍ୟାଳୟର ସୂତ୍ରଧାରୀ ପରମାତ୍ମା ହିଁ ବୋଧ କରାଉଛନ୍ତି ବୋଲି ଭାବୁଥିବାରୁ ବାସ୍ତବ ବୋଧକ ଆତ୍ମାଙ୍କୁ ସେ ଜାଣିପାରେ ନାହିଁ । ବାସ୍ତବରେ ଜୀବାତ୍ମାର ଅତି ନିକଟରେ ଆତ୍ମା ଥିଲେ ମଧ୍ୟ ତାଙ୍କୁ ଜାଣି ନପାରିବା ଦ୍ୱାରା ଶରୀର ବିଶ୍ୱବିଦ୍ୟାଳୟରେ ଜୀବାତ୍ମା,

ପରମାତ୍ମା ବୋଲି ମାତ୍ର ଦୁଇଜଣ ଅଛନ୍ତି ଭାବିବା ଦ୍ୱାରା, ଜୀବାତ୍ମା ପରମାତ୍ମାଙ୍କ ନିକଟରେ ଅଛି ବୋଲି ଭାବିଥାଏ । ଜୀବର ହିସାବରେ ଆତ୍ମା ନଥାନ୍ତି । କେହି ଆତ୍ମାଙ୍କ ବାବଦରେ କହିଲେ ମଧ୍ୟ ଜୀବ ଶୁଣେ ନାହିଁ ।

**ପ୍ରଶ୍ନ :- ମୁକତି ପାଇଁ ତିନିପାଠ ବୋଲି କହନ୍ତି । ସେହି ତିନି ପାଠ କିଏ ଶିଖାଇଥାନ୍ତି ? କେଉଁଠାରେ ଶିଖାଇଥାନ୍ତି ?**

**ଉତ୍ତର :-** ମୁକ୍ତି ପାଇଁ ତିନି ପାଠ ବା ତିନି ବିଦ୍ୟା ରହିଛି ସତ୍ୟକଥା, ସେହି ତିନି ବିଦ୍ୟାକୁ ଆତ୍ମା ହିଁ ଶିଖାଇଥାନ୍ତି । ଆତ୍ମାଙ୍କ ବ୍ୟତୀତ ଅନ୍ୟ କେହି ଶିଖାଇବା ଲୋକ ନାହାନ୍ତି । ଶରୀର ଏକ ବିଶ୍ୱବିଦ୍ୟାଳୟ ହୋଇଥିବାରୁ ଏହି ତିନି ବିଦ୍ୟା ଶରୀର ଭିତରେ ହିଁ ଶିଖିବାକୁ ପଡିଥାଏ ।

**ପ୍ରଶ୍ନ:- ସେହି ତିନି ବିଦ୍ୟା କଅଣ ?**

**ଉତ୍ତର:-** ସାତ୍ତ୍ୱିକ, ରାଜସ, ତାମସ ନାମକ ତିନି ରୋଗ ମିଶିଲେ ମାୟା ହୋଇଥାଏ । ମାୟାରୋଗ ମଣିଷକୁ ଆକ୍ରମଣ କରିଥିବାରୁ ସେହି ତିନି ମାୟାରୋଗ ଭଲ ହେବାପାଇଁ ତିନି ପ୍ରକାରର ଔଷଧ ରହିଛି । ତାହା **କର୍ମଯୋଗ, ବ୍ରହ୍ମଯୋଗ, ଭକ୍ତିଯୋଗ** ନାମକ ତିନି ଯୋଗ । ଏହି ତିନି ଔଷଧରୁ କୌଣସି ଗୋଟିଏକୁ ସେବନ କଲେ ମଧ୍ୟ ମାୟାରୋଗ ନିବାରଣ ହୋଇଯିବ । ପିଲାଦିନୁ ୬୦ବର୍ଷଯାଏଁ କର୍ମଯୋଗ ଆଚରଣ କରିପାରିବା । ବ୍ରହ୍ମଯୋଗ ଆଚରଣ କରିବାକୁ ହେଲେ ୫୦ ରୁ ୬୦ ବର୍ଷ ପରେ ସମୟ ଅନୁକୂଳ ହୋଇଥାଏ । ହେଲେ ଯେଉଁମାନେ ଅନ୍ୟ କିଛି ନକରି ଭକ୍ତିଯୋଗ ଆଚରଣ କରିବାକୁ ଚାହାନ୍ତି ଛୋଟ ବୟସରୁ ଆରମ୍ଭ କରି କୌଣସି ବୟସରେ ମଧ୍ୟ କରିପାରିବେ । ଭକ୍ତିଯୋଗ ଜୀବନର କୌଣସି ଦଶାରେ ଆଚରଣ କରିହେବ । କର୍ମଯୋଗ ମଧ୍ୟ ପ୍ରାୟ ସେହିଭଳି, ତାହା ଜୀବନର କୌଣସି ସମୟରେ ଆଚରଣ କରିହେବ, କିନ୍ତୁ ଏକୈକ ବ୍ରହ୍ମଯୋଗ ଆଚରଣ କରିବାକୁ ଗଲେ ଅତି ସତର୍କ ରହିବାକୁ ହେବ । ଶରୀରର ସୁସ୍ଥତା ତା ଉପରେ ନିର୍ଭର କରେ । ତାଛଡା କୌଣସି କର୍ତ୍ତବ୍ୟ

ନଥିବା ଜୀବନ ବିତାଉଥିବା ସମୟରେ କରିବାକୁ ହେବ । ସେଥିଲାଗି ପ୍ରାୟ ୫୦ ରୁ ୬୦ ବର୍ଷ ଭିତରେ ମଣିଷ ଏ ସ୍ଥିତିକୁ ଆସି ପାରେ । କର୍ମଯୋଗ, ବ୍ରହ୍ମଯୋଗ, ଭକ୍ତିଯୋଗ ମଧ୍ୟରୁ କୌଣସି ଗୋଟିଏର ଆଚରଣ କଲେ ମଧ୍ୟ ମାୟା ନାମକ ତିନି ଗୁଣରୁ ବହିର୍ଗତ ହୋଇପାରିବା ।

**ପ୍ରଶ୍ନ :- "ଦୈବିହ୍ୟେସା ଗୁଣମୟି ମମ ମାୟା ଦୂରତ୍ୟୟା" ଏହି ଶ୍ଳୋକରେ "ଦୈବ ହୋଇଥିବା ମୁଁ ତିଆରି କରିଥିବା ମାୟା" ବୋଲି କୁହାଯାଇଛି । "ଯିଏ ମୋର ଶରଣ ନିଏ ତା ବ୍ୟତୀତ ଅନ୍ୟକେହି ମୋ ମାୟାକୁ ଅତିକ୍ରମ କରିପାରେ ନାହିଁ" ବୋଲି କହିଛନ୍ତି । ଏଠାରେ ଦୈବ କହିଲେ କିଏ ? ଏହି ଦୈବଙ୍କୁ କଣ ଆତ୍ମା ବୋଲି ବୁଝିବା ? କି ପରମାତ୍ମା ବୋଲି ବୁଝିବା ? ମାୟାକୁ କିଏ ତିଆରି କରିଛି ? ଆମେ କାହା ପାଖରେ ଶରଣ ଯିବା ? କେମିତି ଶରଣ ଯିବା ?**

**ଉତ୍ତର:-** ମାୟା ତିନି ଗୁଣରେ ତିଆରି । ତିନିଗୁଣକୁ ହିଁ ମାୟା କୁହାଯାଏ । ମାୟାକୁ ଜୟ କରିବା ଦୁଃସାଧ ବୋଲି କୁହାଯାଇଛି । ଏହି ମାୟାକୁ ସ୍ୱୟଂ ପରମାତ୍ମା ତିଆରି କରିଛନ୍ତି । ତେଣୁ ତାହା ଦୈବନିର୍ମିତ ବୋଲି କହିଛନ୍ତି । ଏଠାରେ ସମସ୍ତଙ୍କ ମନରେ ଏକ ପ୍ରଶ୍ନ ଆସିପାରେ । ତାହା ହେଉଛି ! ପରମାତ୍ମା କିଛି କରନ୍ତି ନାହିଁ, ସେ କ୍ରିୟା ରହିତ ବୋଲି କହୁଛନ୍ତି ! ତେବେ ସେ ମାୟାକୁ କିପରି ତିଆରି କଲେ ? ସେ ଯଦି କିଛି କରନ୍ତି ନାହିଁ ତେଣୁ ମାୟାକୁ ସେ ତିଆରି କରିନାହାନ୍ତି ! ଏହିଭଳି ପଚାରିପାରନ୍ତି । ତାର ଉତ୍ତର ହେଉଛି ! ପରମାତ୍ମା ସ୍ୱୟଂ କାର୍ଯ୍ୟକରି ତିନି ଗୁଣ ଭାଗକୁ, ସେହି ଗୁଣ ଭାଗରେ ୩୬ ଗୁଣକୁ ତିଆରି କରିବା ସହିତ ସେହି ୩୬ଗୋଟି ଗୁଣରୁ ପ୍ରତ୍ୟେକ ଗୁଣର ଛୋଟ ଛୋଟ ଭାଗ ଭାବରେ ୧୦୮ ଗୁଣ ତିଆରି କରିଛନ୍ତି । ପ୍ରତ୍ୟେକ ଗୁଣ ଭାଗରେ ୧୦୮ ଗୋଟି ଗୁଣ ରହିବା ଦ୍ୱାରା ତିନି ଗୁଣ ଭାଗରେ ୩୨୪ଗୋଟି ଗୁଣ ରହିଥାଏ । ଏହି ସମସ୍ତ ଗୁଣକୁ ମିଶାଇ ମାୟା ବୋଲି କୁହାଯାଇଛି । ମାୟା ନାମକ ଏହି ଗୁଣକୁ ପରମାତ୍ମା

ତିଆରି କରିବା ଦ୍ୱାରା ସେହି ମାୟାକୁ ଜୟ କରିବା ଦୁଃସାଧ ହୋଇପଡିଛି । କେତେବଡ ଲୋକ ହେଲେମଧ ମାୟାକୁ ଜିତିବା ଦୁଃସାଧ ।

ପରମାତ୍ମା କୌଣସି କାର୍ଯ୍ୟ କରନ୍ତି ନାହିଁ ବାସ୍ତବ କଥା । ହେଲେ ଏକଥା କେତେବେଳର ବୋଲି ବିଚାର କରିବା ଉଚିତ୍ । ସୃଷ୍ଟି ପୂର୍ବର ନିୟମ ସୃଷ୍ଟି ପରେ ଲାଗୁହେବ ନାହିଁ । ସୃଷ୍ଟି ପୂର୍ବରୁ ପରମାତ୍ମା କାର୍ଯ୍ୟ କରି, ଏହି ସୃଷ୍ଟିକୁ ତିଆରି କରି, ସୃଷ୍ଟି ସଲଗ୍ନ ସବୁକିଛି ତିଆରି କରିବା ସହିତ ମାୟାକୁ ମଧ ତିଆରି କରିଛନ୍ତି । ଖଗୋଳର ଭୂତମାନଙ୍କୁ, ଗ୍ରହମାନଙ୍କୁ, ମଣିଷକୁ, ଜନ୍ତୁମାନଙ୍କୁ,କୀଟପତଙ୍ଗଙ୍କୁ ତିଆରି କରିବା ଯୋଜନା ତିଆରି କରି ତାପରେ ସେ ଆଗରୁ ନିର୍ଣ୍ଣୟ କରିଥିବା ତାଙ୍କ ଧର୍ମ ଅନୁସାରେ ରହିଛନ୍ତି । ସେହି ସମୟରେ ସେ ଆଗରୁ ତିଆରି କରିଥିବା ଯୋଜନା ଅନୁସାରେ ଆତ୍ମା, ଜୀବାତ୍ମା କାର୍ଯ୍ୟ କରିଛନ୍ତି । ସେଦିନରୁ ଆଜିଯାଏଁ ପରମାତ୍ମା ସୃଷ୍ଟି ପୂର୍ବରୁ ତିଆରି କରିଥିବା ଧର୍ମ ଅନୁସାରେ ଏ ସାରା ଜଗତ ପରିଚାଳିତ ହୋଇଆସୁଛି । ମାୟାକୁ ଆତ୍ମା ତିଆରି କରି ନାହାନ୍ତି । ପରମାତ୍ମା ହିଁ ସବୁକିଛି ସୃଷ୍ଟି କରିଛନ୍ତି । ସୃଷ୍ଟି ପରେ ସେ ମାୟାର ରଚନା କରିଥିବାରୁ ମୋରି ମାୟା କହିବାକୁ ଯାଇ "ମମମାୟା" କହିଛନ୍ତି । ପରମାତ୍ମାଙ୍କ ଶରଣ ନେବା ପରେ ମାୟା ନିଜର ବଳ ହ୍ରାସ କରାଇଥାଏ । ସେଥିଲାଗି ଯିଏ ମୋର ଶରଣ ନିଏ ସେ ମାୟାକୁ ଜିତିପାରେ ବୋଲି "ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ" ବୋଲି କହିଛନ୍ତି । ତେଣୁ ମାୟାର ବଳ କମ୍ କରିବାପାଇଁ ପରମାତ୍ମାଙ୍କ ପାଖରେ ଶରଣ ନେବାକୁ ପଡିଥାଏ ।

**ପ୍ରଶ୍ନଃ- ଏହା ପୂର୍ବରୁ "ଆଦିତ୍ୟ" ନାମକ ଗ୍ରନ୍ଥରେ "ଦୈବବାଣୀର ସଂକଳ୍ପ ପରମାତ୍ମାଙ୍କର, କାର୍ଯ୍ୟ ଆତ୍ମାର । ସେହିଭଳି ଅଧର୍ମବୋଧର ସଂକଳ୍ପ ମାୟାର, କାର୍ଯ୍ୟ ଆତ୍ମାର" ବୋଲି ଲେଖିଥିଲେ । ଏବେ ଏହି ଗ୍ରନ୍ଥରେ ଧର୍ମ ଏବଂ ଅଧର୍ମର କାରଣ ଆତ୍ମା, ଆତ୍ମା ହିଁ କାର୍ଯ୍ୟକର୍ତ୍ତା ବୋଲି କହିଛନ୍ତି । ଏହା ପୂର୍ବରୁ ଆଦିତ୍ୟ ଗ୍ରନ୍ଥରେ ପରମାତ୍ମାଙ୍କ ସଂକଳ୍ପକୁ**

**ଏବଂ ମାୟା ସଂକଳ୍ପକୁ ଆମେ କିପରି ବୁଝିବୁ? ଏ ବାବଦରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରୁଛୁ ?**

**ଉତ୍ତର :-** ଏ ପ୍ରଶ୍ନର ଜବାବ ସବୁଠାରୁ ଆଗରୁ ରହିଛି । ତାହା ଆପଣ ବୁଝିପାରି ନଥିବାରୁ ପୁଣି ସେହି ପ୍ରଶ୍ନ ଆଉଥରେ ପଚାରିଛନ୍ତି । ଏବେ ଆପଣଙ୍କୁ ସମ୍ପୂର୍ଣ୍ଣ ବିବରଣର ସହିତ କହୁଛି ଶୁଣନ୍ତୁ । **'ଆଦିତ୍ୟ'** ନାମକ ଗ୍ରନ୍ଥରେ ଦୈବବାଣୀର ସଂକଳ୍ପ ପରମାତ୍ମାଙ୍କର, ଅଧର୍ମବାଣୀର ସଂକଳ୍ପ ମାୟାର ବୋଲି କହିଥିବା କଥା ସତ । ସେଠାରେ ସେହିଭଳି କହିବାକୁ ପଡିଛି । ଆତ୍ମା ହିଁ ଧର୍ମ, ଅଧର୍ମର ପ୍ରେରଣା । କିନ୍ତୁ ଆତ୍ମା କେଉଁଠାରେ ଚିହ୍ନା ନପଡି ରହିବା ନିମନ୍ତେ ଅନ୍ୟ ଉପରେ ନିଜ କର୍ତ୍ତୃତ୍ୱକୁ ଲଦି ଦେଇଥାନ୍ତି । ଯାହା ଆତ୍ମା କରିଥାନ୍ତି ତାହା ସେ ମୁଁ କରିଛି ବୋଲି କହନ୍ତି ନାହିଁ । ଆତ୍ମା କଦାପି ନିଜର ଅସ୍ତିତ୍ୱକୁ ପଦାରେପକାନ୍ତି ନାହିଁ । ଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟଗୁଡିକୁ ପରମାତ୍ମାଙ୍କ ଉପରେ ଲଦିଦେବା, ଅଜ୍ଞାନ, ଅଧର୍ମକୁ ମାୟା ଉପରେ ଲଦିଦେବା ଆତ୍ମାଙ୍କ ଦେହଘଷରା କାମ, ତେଣୁ ସଂକଳ୍ପ ପ୍ରେରଣ ନିଜେ କରୁଥାଇ ଭଲଗୁଡିକୁ ପରମାତ୍ମାଙ୍କ ନାଆଁରେ, ଖରାପକୁ ମାୟା ନାଆଁରେ ବୋଲିବା କାର୍ଯ୍ୟ ଚତୁରତାର ସହିତ ଆତ୍ମା କରିଥାନ୍ତି । ଏବେ ଆମକୁ ଆତ୍ମାଙ୍କ ବାବଦରେ ଜଣା ପଡିଥିବାରୁ ବାରମ୍ବାର ପ୍ରଶ୍ନ ପଚାରୁଛେ । ଯଦି ତାଙ୍କ ବାବଦରେ ଜାଣିନଥାନ୍ତେ ତେବେ ସେ ଯାହା କହୁଛନ୍ତି ତାହା ହିଁ ବିଶ୍ୱାସ କରିଥାନ୍ତେ । ସେତେବେଳେ ଧର୍ମକୁ ପରମାତ୍ମା, ଅଧର୍ମକୁ ମାୟା ସଂକଳ୍ପ କରେ ବୋଲି ଭାବିଥାନ୍ତେ । ଆତ୍ମା ବିଷୟ ଜଣାନଥିବା ଲୋକମାନେ ଏଇଭଳି ଭାବନ୍ତି । ସତକଥା କହିଲେ ପ୍ରତ୍ୟେକ କାର୍ଯ୍ୟର ପ୍ରେରଣଦାତା ହେଉଛନ୍ତି ଆତ୍ମା, ପ୍ରତ୍ୟେକ କାର୍ଯ୍ୟର କାର୍ଯ୍ୟକର୍ତ୍ତା ମଧ୍ୟ ଆତ୍ମା ।

**ପ୍ରଶ୍ନ:- ଆତ୍ମାଙ୍କର ବିଶ୍ରାମ ନାହିଁ ? ସେ ଅବିରାମ କାର୍ଯ୍ୟ କରନ୍ତି ?**

**ଉତ୍ତର:-** ଆତ୍ମା ସର୍ବକାଳରେ ଜାଗ୍ରତ ରହି ଅବିଶ୍ରାମ କାର୍ଯ୍ୟ କରିଥାନ୍ତି, ସେ ଗୋଟିଏ କ୍ଷଣ ମଧ୍ୟ ଚୁପ୍ ନ ରହି କର୍ମ ପରିପାଳନା କରନ୍ତି ।

**ପ୍ରଶ୍ନଃ- ମଣିଷ ଶୋଇବାବେଳେ ନିଦ୍ରାରେ ଜୀବ ତ କୌଣସି ଅନୁଭବ କରେ ନାହିଁ ! ତେଣୁ ନିଦ୍ରାରେ ଆତ୍ମାଙ୍କର କର୍ମପାଳନା ନଥାଏ ! କ'ଣ ସେତେବେଳେ ସେ ବିଶ୍ରାମ ନିଅନ୍ତି ?**

**ଉତ୍ତର :-** କର୍ମ ପାଳନ ଦୁଇ ପ୍ରକାରର । ବାହାରେ ଅନୁଭବ କରୁଥିବା ଦୁଃଖସୁଖ ଏବଂ ଭିତରେ ଅନୁଭବ କରୁଥିବା ଦୁଃଖସୁଖ । ବାହାରର ଅନୁଭବକୁ ସମସ୍ତେ ଜାଣନ୍ତି । ଭିତର ଅନୁଭବ ଶୋଇବା ସମୟରେ ସ୍ୱପ୍ନରେ ହୋଇଥାଏ । ସ୍ୱପ୍ନରେ ମଧ୍ୟ ଆତ୍ମା ରହି ଜୀବକୁ ଦୁଃଖ ସୁଖ ଅନୁଭବ କରାଇଥାନ୍ତି । ଏହିଭଳି ଆତ୍ମା ଅବିରାମ କାର୍ଯ୍ୟ କରିଥାନ୍ତି ।

**ପ୍ରଶ୍ନଃ- ଯେତେବେଳେ ସ୍ୱପ୍ନ ନାହିଁ ସେତେବେଳେ ତ ଗାଢ ନିଦ୍ରା ! ଜୀବର କିଛି ଅନୁଭବ ନଥାଏ, ସେତେବେଳେ ଆତ୍ମାର ବିଶ୍ରାମ ଥାଏ ବୋଲି କହିପାରିବା ?**

**ଉତ୍ତର :-** ଶରୀରକୁ ଏକ ବିଶ୍ୱ ବିଦ୍ୟାଳୟ ସହିତ ତଉଲିଛେ । ଶରୀରର ଅଧିପତି ଆତ୍ମା ବୋଲି ଜାଣିଛେ । ତେଣୁ ନିଜ ଅଧିନରେ ଥିବା ଶରୀରର ଦାୟିତ୍ୱ ଆତ୍ମା ହିଁ ଦେଖିବା ଉଚିତ୍ । ଆତ୍ମା ହିଁ ଶରୀର ବିଶ୍ୱବିଦ୍ୟାଳୟକୁ ସର୍ବଦା ବୋଧନାଳୟ କରିବା ଉଚିତ୍ । ମଣିଷ ଗାଢ ନିଦ୍ରାରେ ଥିବାବେଳେ ମଧ୍ୟ ଶ୍ୱାସକ୍ରିୟା ଚାଲିଥାଏ । ତାହାକୁ ଆତ୍ମା କରାଇଥାନ୍ତି, ରକ୍ତ ସଞ୍ଚାଳନ ମଧ୍ୟ ସଠିକ୍ କରାଇଥାନ୍ତି, ଜୀର୍ଣ୍ଣାଶୟରେ ପଚନ କାର୍ଯ୍ୟ ମଧ୍ୟ କରିଥାନ୍ତି । ଏହିଭଳି ପ୍ରତ୍ୟେକ କ୍ଷଣରେ ଅର୍ଥାତ୍ ନିଦ୍ରା, ଜାଗ୍ରତ,ସ୍ୱପ୍ନରେ ସର୍ବଦା ସତର୍କ ରହି ଆତ୍ମା ଅହରହ କାର୍ଯ୍ୟ କରିଥାନ୍ତି ।

**ପ୍ରଶ୍ନଃ- ଆତ୍ମା ବାବଦରେ ଆପଣ ଏତେ ଗଭୀର ଭାବରେ କହୁଛନ୍ତି ! ଆତ୍ମା ଶରୀରରେ ଲୀନ ହୋଇ (ମିଶି ବା ସମାହିତ ହୋଇ) ରହିଛନ୍ତି, ତେଣୁ କାହାକୁ ଜଣାପଡନ୍ତି ନାହିଁ ବୋଲି କହୁଛନ୍ତି ! ଶରୀରରେ ଲୀନ ହୋଇ ରହିଥିବା ସେହି ଆତ୍ମାଙ୍କୁ ଆପଣ କେବେ ଦେଖିଛନ୍ତି ?**

**ଉତ୍ତର :-** ଆତ୍ମା କାହାକୁ ମଧ୍ୟ ଜଣାନପଡି ଶରୀରରେ ମିଶି ରହିଛନ୍ତି ସତକଥା । ସେଥିଲାଗି ସେ କାହାକୁ ଦେଖାଯାଇ ନାହାନ୍ତି । ତାଛଡା ଆତ୍ମା ଶରୀର ଭିତରେ ରହିବା ଦ୍ୱାରା କାହାକୁ ଦେଖାଯାଆନ୍ତି ନାହିଁ । ଆତ୍ମାଙ୍କର ସ୍ଥୁଳ ଅକାର ନଥାଏ, ତାଙ୍କର ଆକାର ସୂକ୍ଷ୍ମ । ସୂକ୍ଷ୍ମ ଆକାରକୁ ଦେଖିବାକୁ ହେଲେ ଜ୍ଞାନଦୃଷ୍ଟି ଆବଶ୍ୟକ । ଜ୍ଞାନ ଦୃଷ୍ଟି କହିଲେ ଯେଉଁ ଦୃଷ୍ଟି ସୂକ୍ଷ୍ମକୁ ମଧ୍ୟ ଦେଖିପାରେ । ସାଧାରଣତଃ ମଣିଷ ତାର ଶରୀରରେ ଥିବା ସୂକ୍ଷ୍ମ ଆକାରର ମନକୁ, ବୁଦ୍ଧିକୁ ଦେଖିପାରନ୍ତି ନାହିଁ, ସେ ଦୁଇଟିଠାରୁ ବଡ ହୋଇଥିବା ଆତ୍ମାଙ୍କୁ କିପରି ଦେଖିବ ? ମନ, ବୁଦ୍ଧିକୁ ଦେଖିନଥିବା ଲୋକେ ଆତ୍ମାଙ୍କୁ ଦେଖିପାରିବେ ନାହିଁ ।

**ପ୍ରଶ୍ନ:- ଆପଣ ମନ,ବୁଦ୍ଧିକୁ ଦେଖିଛନ୍ତି ? କଣ ଆପଣଙ୍କର ଜ୍ଞାନନେତ୍ର ଅଛି ?**

**ଉତ୍ତର:-** ଜ୍ଞାନନେତ୍ର ଅଛି କି ନାଇଁ ମୁଁ ଜାଣିନି । ହେଲେ ମୁଁ ମନକୁ ଦେଖିଛି, ବୁଦ୍ଧିକୁ ମଧ୍ୟ ଦେଖିଛି । ମନ ଆଉ ବୁଦ୍ଧିକୁ ଦେଖି ପାରୁଥିବା ଜ୍ଞାନଦୃଷ୍ଟି ଥିବାବେଳେ ଆତ୍ମାଙ୍କୁ ମଧ୍ୟ ସହଜରେ ଦେଖିହୁଏ । ଆତ୍ମାଙ୍କୁ ଦେଖିଛି ବୋଲି ତାଙ୍କ ବାବଦରେ କହୁଛି । ଆତ୍ମା ପ୍ରତ୍ୟକ୍ଷ ଭାବରେ ଅଛନ୍ତି, ପ୍ରତ୍ୟକ୍ଷ ଭାବରେ ଅନ୍ୟମାନଙ୍କୁ କହୁଥିବା ମୁଁ ବୋଲି ଧୈର୍ଯ୍ୟର ସହିତ କହୁଛି । ତାଛଡା ଆତ୍ମାଙ୍କୁ ପ୍ରତ୍ୟକ୍ଷ ଭାବରେ ଦେଖିଥିବା ପ୍ରଥମ ପାତ୍ର ମୁଁ ବୋଲି ଧୈର୍ଯ୍ୟର ସହିତ କହୁଛି ।

**ପ୍ରଶ୍ନ:- ଭୂପୃଷ୍ଠରେ ଅନେକ ସ୍ୱାମୀଜୀ, ବାବା, ଗୁରୁ, ପିଠାଧିପତି, ମଠାଧିପତି,ସନ୍ନ୍ୟାସୀ,ତପସ୍ୱୀ, ଯୋଗୀ ଇତ୍ୟାଦି ରହିଛନ୍ତି ! ସେମାନେ କେହି ଦେଖିପାରି ନଥିବା ଆତ୍ମାଙ୍କୁ ଆପଣ କିପରି ଦେଖିଲେ ?**

**ଉତ୍ତର:-** ସେମାନଙ୍କ କଥା ମୁଁ କେମିତି କହିବି ? ମୁଁ ଆତ୍ମାଙ୍କୁ ଏବେ କାହିଁକି କେତେ ଦଶନ୍ଧି ତଳେ ଦେଖିଥିଲି । କେବଳ ମୁଁ ଏକା ଦେଖିଥିଲି ବୋଲି

କହୁଛି । ଆପଣ ନାଆଁ ନେଇଥିବା ଅନ୍ୟମାନେ ଆତ୍ମାର ଗନ୍ଧ ବାସନା ମଧ୍ୟ ଜାଣନ୍ତି ନାହିଁ, ତାଙ୍କ ଦୃଶ୍ୟକୁ କେମିତି ଦେଖିବେ ?

**ପ୍ରଶ୍ନ :- ଆପଣ ଆତ୍ମାଙ୍କୁ ଦେଖିଛି କହିବା ବ୍ୟତୀତ ମନ, ବୁଦ୍ଧିକୁ ମଧ୍ୟ ଦେଖିଛନ୍ତି ବୋଲି କହୁଛନ୍ତି । ଏହା ଗର୍ବ, ଅହଂକାରରେ କହୁଛନ୍ତି ବୋଲି ଆମେ ଭାବିପାରିବୁ !**

**ଉତ୍ତର:-** ମୋକଥା ମିଛହେଲେ ଆପଣଙ୍କ କଥାରେ ପ୍ରାଣ ଅଛି । ମୋକଥା ସତ ହେଲେ ଆପଣଙ୍କ କଥାରେ ପ୍ରାଣ ନାହିଁ । ମୁଁ ଯାହା ଜାଣୁଛି ଆପଣ ପ୍ରାଣହୀନ କଥା କହୁଛନ୍ତି । ବାହାର ରୂପ ହୋଇଥିବା ମୋର ହାତ, ଗୋଡ, ମୁଖ, ନାକକୁ ଦେଖୁଛନ୍ତି ସିନା, ମୋର ଭିତର ରୂପକୁ ଦେଖୁନାହାନ୍ତି । ମନ ବୁଦ୍ଧିକୁ ଦେଖିଛି ତେଣୁ ଧୈର୍ଯ୍ୟର ସହିତ କହୁଛି ବୋଲି କହିଲି । ତାଛଡା ମୋ ବ୍ୟତୀତ ଆଉ କେହି ଦେଖି ନାହାନ୍ତି ବୋଲି କହିଲି, ମନ,ବୁଦ୍ଧି କାହିଁକି, ସିଧା ଆତ୍ମାଙ୍କୁ ଦେଖିଛି ବୋଲି କହିଲି, ତାହା ଆପଣ ବିଶ୍ୱାସ କରୁନାହାନ୍ତି । ମୁଁ ପରମାତ୍ମାଙ୍କୁ ଦେଖି ନାହିଁ, କେବେ ବି ଦେଖିବି ନାହିଁ, ମୋର ଦେଖିବା ଦରକାର ନାହିଁ, ଆପଣଙ୍କୁ ଅଧିକ ଆଉକଣ କହିବି !

ଇତି

# ଯୋଗୀଶ୍ୱର

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**